# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, July 2/2025 Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 217 | ମୂଲ୍ୟ ₹୭/-




## ଅଶୋକ ଦଣ୍ଡସେନାଙ୍କୁ ସ୍ୱର୍ଣ୍ଣ ପଦକ

ବର୍ମିଂହାମରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସର ପୁରୁଷ ୮୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଅଶୋକ ଦଣ୍ଡସେନା।


୧୪

୧୦

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିଲମ୍ବିତ

ଥାଇଲାଣ୍ଡର ସାମ୍ବିଧାନିକ ଅଦାଲତ ମଙ୍ଗଳବାର ଦେଶର ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟାର୍ନ ଶିନାୱାତ୍ରାଙ୍କୁ କର୍ତ୍ତବ୍ୟରୁ ନିଲମ୍ବନ କରିଛନ୍ତି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।



ଜଳକା ନଦୀର ଉଛୁଳା ପାଣିରେ ବାଲେଶ୍ୱର ଜିଲା ବସ୍ତା ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି।

## ସୁପ୍ରିମକୋର୍ଟରେ ସଂରକ୍ଷଣ

ନୂଆଦିଲ୍ଲୀ,୧।୭(ପି.ଟି.)

ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ ଥର ପାଇଁ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗର କର୍ମଚାରୀଙ୍କ ସକାଶେ ଆନୁଷ୍ଠାନିକ ଭାବେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏ ସଂକ୍ରାନ୍ତ ନିଷ୍ପତ୍ତିର ସର୍କୁଲାର ଜୁନ୍ ୨୪ରେ ସୁପ୍ରିମକୋର୍ଟର ସମସ୍ତ କର୍ମଚାରୀଙ୍କ ନିକଟକୁ ପଠାଯାଇଛି। ତଦନୁଯାୟୀ, ସର୍ବୋଚ୍ଚ ଅଦାଲତରେ କାର୍ଯ୍ୟରତ କର୍ମଚାରୀମାନଙ୍କ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଏହି ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବ। ଏନେଇ ମଡେଲ ରିଜର୍ଭେଶନ ରୋଷ୍ଟର ଆଣ୍ଡ ରେଜିଷ୍ଟରକୁ ସୁପରନେଟ୍ (ଇଣ୍ଟରନାଲ ଇମେଲ୍ ନେଟ୍‌ୱର୍କ)ରେ ଅପ୍‌ଲୋଡ୍ କରାଯାଇଛି, ଯାହାକି ୨୦୨୫ ଜୁନ୍ ୨୩ରୁ ପ୍ରଭାବକୁ ଆସିଛି। ଏହା ଉପରେ କୌଣସି କର୍ମଚାରୀଙ୍କ ଆପତ୍ତି ଥିଲେ ରେଜିଷ୍ଟ୍ରାରଙ୍କ ନିକଟରେ ଅଭିଯୋଗ କରିପାରିବେ। ସର୍କୁଲାର ଅନୁସାରେ ଏସ୍‌ସିଙ୍କୁ ୧୫% ଏବଂ ଏସ୍‌ଟି କର୍ମଚାରୀଙ୍କୁ ୭.୫% ସଂରକ୍ଷଣ ସୁବିଧା ମିଳିବ।

**ଆଜିର ସମ୍ପାଦକୀୟ**

**ପାଣ୍ଠିରୁ ପ୍ରଭାବ**

## ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧।୭(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ତାରିଖରେ ଓଡ଼ିଶା ଆସିବେ। ୨ ଦିନିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ ବୋଲି ଜଣାପଡ଼ିଛି। ୧୪ରେ ଭୁବନେଶ୍ୱର ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଏବଂ ୧୫ରେ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରେଭେନ୍‌ଶା ବାଳିକା ବିଦ୍ୟାଳୟର ଶିଳାନ୍ୟାସ କରିବେ। ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ। କଟକରେ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ଉତ୍ସବରେ ଅତିଥି ଭାବେ ଯୋଗଦେବେ। ରାଷ୍ଟ୍ରପତି ମୁର୍ମୁ ସନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସିଧାସଳଖ ☞ପୃଷ୍ଠା-୪

## ୧୧ରେ ଆସୁଛନ୍ତି ରାହୁଲ, ଖାର୍ଗେ

ଭୁବନେଶ୍ୱର,୧।୭(ରବିନାରାୟଣ ଜେନା)

ରାଜ୍ୟ କଂଗ୍ରେସକୁ ମଜଭୁତ୍ କରିବା ଲାଗି ଚଳିତମାସ ୧୧ ତାରିଖରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓଡ଼ିଶା ଗସ୍ତରେ ଆସିବେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏ ନେଇ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କାଡାମ କହିଛନ୍ତି, ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବାକୁଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାର ପ୍ରସ୍ତୁତି ପାଇଁ କଂଗ୍ରେସ ଭବନରେ ଏକ ବୈଠକ ଶେଷହୋଇଛି। ବୈଠକରେ ପିସିସି ସଭାପତିଙ୍କ ସହ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

**ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା**

# ପାଣିଘେରରେ ଶତାଧିକ ଗାଁ

**ଲଘୁଚାପଜନିତ ପ୍ରବଳ ବର୍ଷା ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ଆଣିଛି। ବିଶେଷକରି ଉତ୍ତର ଓଡ଼ିଶାରେ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକାରେ ପୁଣି ବନ୍ୟା ଆସି ଉତ୍ତର ବାଲେଶ୍ୱର ଉବୁଟୁବୁ ହେଉଛି। ଏଥିରେ ଶତାଧିକ ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ସେହିପରି ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ଘଟିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥିତ ଆଖୁଆପଦାରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଆଗାମୀ ୨୪ ଘଣ୍ଟା ଭିତରେ ଏହି ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ବନ୍ୟା ସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା କରାଯାଉଛି।**

- ଜଳକା ସ୍ଥିର, କମୁଛି ବୁଢ଼ାବଳଙ୍ଗ
- ବନ୍ୟା ସ୍ରୋତରେ ଭାସିଗଲେ ୨
- ୪ ବ୍ଲକ୍‌ର ୩୬୫୬ ଲୋକଙ୍କୁ ସ୍ଥାନାନ୍ତର

ବାଲେଶ୍ୱର,୧।୭(ବାଞ୍ଛାନିଧି ଦେ)

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକାରେ ପୁଣି ବନ୍ୟା ଆସି ଉତ୍ତର ବାଲେଶ୍ୱର ଉବୁଟୁବୁ ହେଉଛି। ମଙ୍ଗଳବାର ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଜଳକାର ଜଳସ୍ତର ସ୍ଥିର ରହିଛି। ଅପରପକ୍ଷରେ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ବିପଦ ଟଳିନି। ଶତାଧିକ ଗାଁ ଜଳଘେରରେ ଥିବାବେଳେ ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍‌ର ୩୬୫୬ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦସଙ୍କେତ ୧୦.୩୬ ମିଟର ଥିବାବେଳେ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ୧୦.୪୨ମିଟରରେ ପ୍ରବାହିତ ହେଉଛି। ବନ୍ୟାଜଳରେ ୨ଜଣ ଭାସିଯାଇଥିବା ଜଣାପଡ଼ିଛି। ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମ ୩ ନମ୍ବର ୱାର୍ଡର ରାକେଶ ସି (୩୨) ମଙ୍ଗଳବାର ବନ୍ୟାପାଣିରେ ପଶି ଘରକୁ ଯାଉଥିବା ବେଳେ ଏକ ପୋଲରୁ ଖସି ଭାସିଯାଇଛନ୍ତି। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ୪ଟି ପାୱାର ବୋଟ୍ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ସେହିପରି ସିଂଲା ଥାନା ଅଧୀନ କାଳନ୍ଦା ଗ୍ରାମର ଶତ୍ରୁଘ୍ନ ବିନ୍ଧାଣି(୫୦) ସୋମବାର ବାସୁଦେବପୁର ହାଟକୁ ସଉଦା ଆଣିବାକୁ ଯାଉଥିବା ବେଳେ ପେଜଗଳା ନଦୀରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ମଙ୍ଗଳବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ତାଙ୍କୁ ପାଣିରୁ ଉଦ୍ଧାରକରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ବନ୍ୟା ସ୍ଥିତି ଗମ୍ଭୀର ଥିବାରୁ ସମସ୍ତ ବ୍ଲକରେ ୨୪ ଘଣ୍ଟିଆ ହେଲ୍ପଲାଇନ ଖୋଲାଯାଇଛି। ଜିଲା ପ୍ରଶାସନ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ ସେଚ ବିଭାଗ ନଦୀ କୂଳରେ ନଜର ରଖିଛନ୍ତି। ଏଥିସହ ବନ୍ୟା ସ୍ଥିତି ☞ପୃଷ୍ଠା-୪

## ୧୪ ଜିଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଉତ୍ତର ଓଡ଼ିଶା ଏବଂ ଏହାର ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ବଙ୍ଗୋପସାଗର ନିକଟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉପରମୁଣ୍ଡରେ ଲଗାଣ ବର୍ଷା ଫଳରେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ୩ ଜିଲା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିବାବେଳେ ୧୪ ଜିଲାରେ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ବଜ୍ରପାତ ସହ ବର୍ଷା ହେବାକୁ ଥିବା ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କେତେକ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି।

## ତ୍ରୁଟି ଏଡ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

- ବାହୁଡ଼ାରେ ଆଉ ଭୁଲ୍‌ର ପୁନରାବୃତ୍ତି ନ କରିବାକୁ ପରାମର୍ଶ
- ଶରଧାବାଲି ଅଘଟଣ ନେଇ ବୈଠକରେ ଆଲୋଚନା



ପୁରୀ,୧।୭(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରାର ପ୍ରଥମ ଦୁଇ ଦିନରେ ଅପ୍ରତ୍ୟାଶିତ ଘଟଣା ଘଟିଥିଲା, ଯାହାକୁ ନେଇ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଥିଲେ। ତେଣୁ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମାପନ ହେବ ସେ ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ତ୍ରୁଟି ନ ହେବାକୁ ଗୁରୁତ୍ୱ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏନେଇ ରଥଯାତ୍ରା ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବରିଷ୍ଠ ଅଧିକାରୀ, ସେବାୟତ ଓ ସେବକମାନେ ଉପସ୍ଥିତ ଥିଲେ। ଶରଧାବାଲି ଅଘଟଣ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ପ୍ରଥମ ଦୁଇ ଦିନରେ କିଛି ଅପ୍ରତ୍ୟାଶିତ ଘଟଣା ଘଟିଥିବାରୁ ମୁଁ ମର୍ମାହତ। ଏହି ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମର ମୂଳ ଲକ୍ଷ୍ୟ ହେଉଛି, ଆଗାମୀ ଦିନରେ ଥିବା ବାହୁଡ଼ା, ସୁନାବେଶ ଓ ନୀଳାଦ୍ରିବିଜେକୁ ସୁରୁଖୁରୁରେ ସମ୍ପନ୍ନ କରିବା। ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତିଠାରୁ ଆରମ୍ଭ କରି ଜନସାଧାରଣଙ୍କ ଦର୍ଶନ କିପରି ସୁରୁଖୁରୁରେ କରାଯିବ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି। ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ଯେପରି କୌଣସି ଅସୁବିଧା ନ ହୁଏ ☞ପୃଷ୍ଠା-୪

# ସମୂହ ଛୁଟିରେ ଓଏଏସ୍ ଅଧିକାରୀ



ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କୁ ମଙ୍ଗଳବାର ସାମୂହିକ ଛୁଟି ଘୋଷଣାପତ୍ର ପ୍ରଦାନ କରୁଛନ୍ତି ଓଏଏସ୍ ଅଧିକାରୀ।

ଭୁବନେଶ୍ୱର,୧।୭(ରବିନାରାୟଣ ଜେନା)

**ବିଏମ୍‌ସି ଅଧିକାରୀଙ୍କୁ ମାଡ଼ ମାରିବା ପ୍ରସଙ୍ଗ**

- ସରକାରଙ୍କୁ ୨୪ ଘଣ୍ଟିଆ ମହଲତ ଦେଲା ଓଏଏସ୍ ସଂଘ

ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର ତାଙ୍କ କାର୍ଯ୍ୟାଳୟ ପରିସରରେ ଘୋଷାରି ଆକ୍ରମଣ କରିବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଏହି ପ୍ରସଙ୍ଗରେ ମଙ୍ଗଳବାର ଦିନତମାମ୍ ଓଏଏସ୍ ସଂଘ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହେବା ସହିତ ସରକାରଙ୍କୁ ୨୪ ଘଣ୍ଟିଆ ମହଲତ ଦିଆଯାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ମରଣାନ୍ତକ ଆକ୍ରମଣକୁ ନେଇ ରାଜ୍ୟର ସମସ୍ତ ୩୦ ଜିଲାର ଓଏଏସ୍ ଅଫିସରମାନେ ସମୂହ ଛୁଟି ତଥା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ସୁଦ୍ଧା ଯଦି ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂଘ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏନେଇ ସଂଘ ☞ପୃଷ୍ଠା-୪

# ୟୁଏସ୍‌ଏଆଇଡି ହ୍ରାସ: ବିପଦରେ ୧.୪ କୋଟି ଲୋକଙ୍କ ଜୀବନ

ନୂଆଦିଲ୍ଲୀ,୧।୭(ପି.ଟି.)




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଦେଶର ବୈଦେଶିକ ସହାୟତା ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ (ୟୁଏସ୍‌ଏଆଇଡି) ପାଣ୍ଠିରେ ପ୍ରବଳ ହ୍ରାସ କରାଯାଇଥିବାରୁ ଏହାର ପ୍ରଭାବରେ ବୈଶ୍ୱିକ ସ୍ତରରେ ୨୦୩୦ ସୁଦ୍ଧା ୧.୪ କୋଟି ଅତିରିକ୍ତ ମୃତ୍ୟୁ ହୋଇପାରେ। ଏହି ଅତିରିକ୍ତ ମୃତ୍ୟୁର ଏକ ତୃତୀୟାଂଶ ଅଂଶ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କର ରହିବ ବୋଲି ଦି ଲାନ୍‌ସେଣ୍ଟ ଜର୍ନାଲରେ ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଅଧ୍ୟୟନ ଅନୁଯାୟୀ, 'ୟୁଏସ୍‌ଏଆଇଡି'ର ପାଣ୍ଠି କାଟ୍ ଦ୍ୱାରା ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକ ସର୍ବାଧିକ ପ୍ରଭାବିତ ହେବେ। ଗତ ମାର୍ଚ୍ଚରେ ଆମେରିକାରେ ପରରାଷ୍ଟ୍ର ସଚିବ ମାର୍କ ରୁବିଓ ସୂଚନା ଦେଇ କହିଥିଲେ, ଟ୍ରମ୍ପ ପ୍ରଶାସନ ପକ୍ଷରୁ ୟୁଏସ୍‌ଏଆଇଡିର ୮୩% କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି। ସ୍ପେନ୍‌ର 'ବାର୍ସେଲୋନା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଗ୍ଲୋବାଲ ହେଲ୍‌ଥ'ର ରିସର୍ଚ୍ଚ ପ୍ରଫେସର ତଥା ଏହି ଅଧ୍ୟୟନର ସଂଯୋଜକ ଡେଭିଡ ରାସେଲା କହିଛନ୍ତି, ଆମେରିକା ଦ୍ୱାରା ବୈଦେଶିକ ସହାୟତାକୁ ବ୍ୟାପକ ମାତ୍ରାରେ ହ୍ରାସ କରାଯିବା ଦ୍ୱାରା ଅନେକ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶ ବ୍ୟାପକ କ୍ଷତିଗ୍ରସ୍ତ ହେବେ। ଏହାଦ୍ୱାରା କୌଣସି ବୈଶ୍ୱିକ ମହାମାରୀ କିମ୍ବା ଯୁଦ୍ଧ ସମାନ କ୍ଷୟକ୍ଷତି ହୋଇପାରେ। ଗବେଷକମାନଙ୍କ ଆକଳନ ଅନୁଯାୟୀ, ୨୦୦୧ରୁ ୨୦୨୧ ମଧ୍ୟରେ ୟୁଏସ୍‌ଏଆଇଡି ସମର୍ଥିତ କାର୍ଯ୍ୟକ୍ରମ ଯୋଗୁ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ୯ କୋଟିରୁ ଅଧିକ ମୃତ୍ୟୁକୁ ରୋକାଯାଇପାରିଥିଲା। ଗତ ୨ ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବାରେ 'ୟୁଏସ୍‌ଏଆଇଡି' ପାଣ୍ଠି ଏକ ଅତ୍ୟାବଶ୍ୟକ ଶକ୍ତି ଭାବେ ଉଭା ହୋଇଥିଲା। ଆମେରିକା ପକ୍ଷରୁ ଏତେ ବଡ଼ ମାତ୍ରାରେ ବୈଦେଶିକ ସହାୟତା ବନ୍ଦ କରାଯିବା ଦ୍ୱାରା ଏହି ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ପ୍ରଭାବିତ ହେବ। ଫଳରେ ୨୦୩୦ ସୁଦ୍ଧା ବିଶ୍ୱବ୍ୟାପୀ ୧.୪ କୋଟି ଅତିରିକ୍ତ ମୃତ୍ୟୁ ହୋଇପାରେ ବୋଲି ଉକ୍ତ ଅଧ୍ୟୟନରେ ଆକଳନ କରାଯାଇଛି। ସେଥିମଧ୍ୟରୁ ପ୍ରାୟ ୪୫ ଲକ୍ଷରୁ ଅଧିକ ମୃତ୍ୟୁ (ପ୍ରାୟ ଏକ ତୃତୀୟାଂଶ) ୫ ବର୍ଷରୁ କମ୍ ଶିଶୁଙ୍କର ହେବ। ପ୍ରତି ବର୍ଷ ହାରାହାରି ୯ ଲକ୍ଷ ଶିଶୁଙ୍କର ମୃତ୍ୟୁ ହେବ ବୋଲି ଏହି ଅଧ୍ୟୟନ ଆଶଙ୍କା କରିଛି। ରାସେଲା କହିଛନ୍ତି, ଗତ ୨ ଦଶନ୍ଧି ଧରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହୋଇଥିବା ବୈଶ୍ୱିକ ପ୍ରଗତିକୁ ଆମେରିକାର ଏହି କଟକଣା ଗୋଟିଏ ଝଟ୍‌କାରେ ବ୍ୟାପକ ରୂପେ କ୍ଷତିଗ୍ରସ୍ତ କରିଛି। ଏହାଦ୍ୱାରା ଆଫ୍ରିକୀୟ ଦେଶଗୁଡ଼ିକରେ କ୍ଷୁଧା ଏବଂ କୁପୋଷଣ ସ୍ଥିତି ଆହୁରି ଗମ୍ଭୀର ରୂପ ଧାରଣ କରିବ ବୋଲି ସେ କହିଛନ୍ତି।

ଓଡ଼ିଆ ସବୁଜ ସାହିତ୍ୟର ମହାରଥୀ କାଳିନ୍ଦୀଚରଣ ପାଣିଗ୍ରାହୀ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ପାଇଁ ସେ ସୁବିଖ୍ୟାତ। ଭାରତୀୟ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଫେଲୋଶିପ୍ ଓ 'ପଦ୍ମଭୂଷଣ' ସମ୍ମାନରେ ବିଭୂଷିତ। ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ୨ ଜୁଲାଇ ୧୯୦୧ରେ ଜନ୍ମିତ କାଳିନ୍ଦୀ ଥିଲେ ଜଣେ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ। ଏଠାରେ ତାଙ୍କ ସାହିତ୍ୟ ସୃଷ୍ଟିର କିୟଦଂଶ ଅବତାରଣା କରାଯାଉଛି ତାଙ୍କ ଜନ୍ମ ଦିବସ ଅବସରରେ...


କାଳିନ୍ଦୀଚରଣ ପାଣିଗ୍ରାହୀ (୨ ଜୁଲାଇ ୧୯୦୧ – ୧୫ ମେ ୧୯୯୧)

# ଉତ୍ତରାଧିକାର

ପ୍ରବନ୍ଧ

ଯେତେ ବଡ଼ ଶୋକ ଆସୁ ପଛକେ ତହିଁରେ କାତର, କ୍ଳୀବ ବା ଅଥର୍ବ ହୋଇ ରହିବା ଗାନ୍ଧି–ନୀତିର ବିରୋଧୀ। ସେ ନୀତି ସବୁ ଅବସ୍ଥାରେ ଆଶାବନ୍ତ ଓ ଅଗ୍ରଗାମୀ। ଗାନ୍ଧି–ହତ୍ୟାର ବିରାଟ କଠୋରତା ଆଗରେ ଆଶାବନ୍ତ ହୋଇ ଅଗ୍ରଗାମୀ ଚିନ୍ତା କରିବା ଏକ ଅସମ୍ଭବ ବ୍ୟାପାର ବୋଲି ମନେ ହୋଇପାରେ; କିନ୍ତୁ ଗାନ୍ଧି–ନୀତି ପୃଥିବୀର ଯେକୌଣସି ଅସମ୍ଭବକୁ ମଧ୍ୟ ଅସ୍ୱୀକାର କରେ। ତାହାର ଅନେକ ପ୍ରମାଣ ଆମେ ଗଲା ତିନିଟା ଦଶନ୍ଧି ଭିତରେ କେତେକ ଘଟଣାରେ ଦେଖିଆସିଛୁଁ।

ପୃଥିବୀର ରାଜନୀତିକ ଇତିହାସରେ ଯେତେଗୁଡ଼ିଏ ନୀତିର ପ୍ରଚଳନ ଦେଖାଯାଏ, ଗାନ୍ଧି–ନୀତି ତାହା ଭିତରେ ସମ୍ପୂର୍ଣ୍ଣ ଅଭିନବ। ଆନ୍ତର୍ଜାତିକ ରାଜନୀତି କ୍ଷେତ୍ରରେ କାର୍ଲ ମାର୍କସ୍ ବା ଲେନିନ୍ ଯାହା ଲୋଡ଼ିଥିଲେ, ଗାନ୍ଧି ମଧ୍ୟ ସେହିଭଳି ଚରମ–ପନ୍ଥୀ। ସବୁଠାରୁ ବେଶି ଲୋକଙ୍କର ହିତ ଦୃଷ୍ଟିରୁ ସେହିମାନଙ୍କ ସମ୍ମତି ଉପରେ ଶାସନ ପ୍ରତିଷ୍ଠା କରିବା, ସମାଜର ପ୍ରତି ଅବୟବକୁ ସୁସ୍ଥ ସ୍ୱାଧୀନ କରିବା କାର୍ଲ ମାର୍କସ୍ ବା ଲେନିନ୍‌ଙ୍କ ଭଳି ଗାନ୍ଧିଜୀଙ୍କର ମଧ୍ୟ ଚୂଡ଼ାନ୍ତ ଲକ୍ଷ୍ୟ ଥିଲା। କେବଳ କାର୍ଯ୍ୟ–ପନ୍ଥା ଫରକ। ମାର୍କସ–ବାଦର ଅସ୍ତ୍ର ହିଂସା, ଗାନ୍ଧି–ବାଦର ଅହିଂସା।

ଗାନ୍ଧି–ବାଦର ସମାଲୋଚକ କହନ୍ତି, ଅହିଂସା କେବଳ ଗାନ୍ଧିଜୀଙ୍କ ଛଡ଼ା ତାଙ୍କର କେହି ପଟ୍ଟଶିଷ୍ୟ ମଧ୍ୟ କାର୍ଯ୍ୟରେ ପରିଣତ କରୁଥିଲା ଭଳି ଅନେକ ସମୟରେ ଜଣାପଡ଼ନ୍ତି ନାହିଁ। ପୁଣି ଅହିଂସା ହେଉଛି ସଭ୍ୟତାର ଶେଷ ନିଦାନ। ରାଜନୀତି କ୍ଷେତ୍ରରେ ଏଭଳି ଏକ ନୀତିର ପ୍ରଚଳନ ଆଦୌ ସମ୍ଭବ ବୋଲି ମଧ୍ୟ ଅନେକଙ୍କ ମନରେ ବିଶ୍ୱାସ ଆସେ ନାହିଁ। ତଥାପି ରାଜନୀତି କ୍ଷେତ୍ରରେ ମଧ୍ୟ ଯଦି ଏହି ଅସ୍ତ୍ରବଳରେ ପୃଥିବୀର ସର୍ବଶ୍ରେଷ୍ଠ ଶକ୍ତିକୁ ହଟେଇ ଦିଆଯାଇପାରେ, ପୁଣି ଏହି ନୀତିକୁ ପୂର୍ଣ୍ଣ ରୂପେ ଅନୁସରଣ କରି ଯଦି ଜଣେ ଲୋକ ୭୮ ବର୍ଷ ପର୍ଯ୍ୟନ୍ତ ବହୁ ଶତ୍ରୁଙ୍କ ଭିତରେ ଏକାନ୍ତ ନିରସ୍ତ୍ର ଅସହାୟ ହୋଇ ବଞ୍ଚିରହିପାରେ, ତେବେ ଅନ୍ୟ ମନୁଷ୍ୟ ପକ୍ଷରେ ତାହା ଯେ ଏକାବେଳକେ ଅସମ୍ଭବ, ସେ କଥାକୁ କୌଣସି ନ୍ୟାୟଶାସ୍ତ୍ର ସମର୍ଥନ କରିବ ନାହିଁ। ସତକୁ ସତ ଆଜି ଗାନ୍ଧିହତ୍ୟା ଭିତରେ ଯେଉଁ ରହସ୍ୟ ନିହିତ ଅଛି, ତାହା ଅନୁସନ୍ଧାନ କଲେ ମନ ଭିତରେ ଆଗ ହୋଇ ଗୋଟିଏ ପ୍ରଶ୍ନ ପହଞ୍ଚେ, ୭୮ବର୍ଷ ବୟସ ପର୍ଯ୍ୟନ୍ତ ତାଙ୍କୁ ହତ୍ୟା କରା ନ ଯାଇ କିପରି ଛାଡ଼ି ଦିଆଗଲା? କିମ୍ବା ଭାରତ ସ୍ୱାଧୀନତା ପୀଠରେ ଏହା ହିଁ କ'ଣ ଶ୍ରେଷ୍ଠତମ ବଳି ରୂପେ ଆଗରୁ ରଖା ହୋଇଥିଲା।

ତାହାର କାରଣ, ରାଜନୀତିକ ବିଜୟ ହାସଲ କରିବା ଯେଉଁମାନଙ୍କ ଜୀବନର ବ୍ରତ ହୋଇଛି, ଦେଶଜୟୀ ସମ୍ରାଟ୍, ରାଜା, ସେନାପତି, ମନ୍ତ୍ରୀ, ଜନନାୟକ ବା ବିପ୍ଳବୀ ନେତା ରୂପେ ସବୁ ଯୁଗରେ ସବୁ ଦେଶର ଇତିହାସରେ ଯାହାଙ୍କ ନାମ ଲିପିବଦ୍ଧ ରହିଛି, ସବୁରି ଭିତରେ ହିଁ ଗାନ୍ଧିଜୀ ଯେପରି ଏକକ ଓ ସ୍ୱତନ୍ତ୍ର। ସବୁ ଯୁଗରେ ସବୁ ଦେଶର ଇତିହାସରେ ଯେଉଁମାନଙ୍କ ନାମ ଲିପିବଦ୍ଧ ରହିଛି, ସେମାନଙ୍କ କୃତିତ୍ୱ ମଧ୍ୟରେ କିଏ ନିଜ ପକ୍ଷରୁ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ପକ୍ଷରୁ କେତେ ହଜାର ବା କେତେ ଲକ୍ଷ ନରନାରୀଙ୍କ ରକ୍ତରେ ନିଜ ହାତକୁ ରଙ୍ଗାଇ ପାରିଛନ୍ତି। ପୁରାଣ ଯୁଗରୁ ଆରମ୍ଭ କରି ଆଜିଯାକେ କେବଳ ରକ୍ତାକ୍ତ ଲଢ଼େଇର କାହାଣୀ ହିଁ ଆମ୍ଭେମାନେ ଶୁଣି ଆସିଛୁଁ।

କେଉଁଠାରେ ନର ଓ ରାକ୍ଷସ ମଧ୍ୟରେ, କେଉଁଠାରେ ଭାଇ ଭାଇ ଭିତରେ କିମ୍ବା ଗୋଟିଏ ରାଜ୍ୟ ସଙ୍ଗେ ଅପର ରାଜ୍ୟର ସଂଘର୍ଷ ହୋଇ ଏକ ପକ୍ଷ ବିଜୟ ହାସଲ କରିଛନ୍ତି। ବର୍ତ୍ତମାନ ଯୁଗରେ ମଧ୍ୟ ରାଜନୀତିକ ବିଜୟ ଲାଭ ପାଇଁ ରକ୍ତାକ୍ତ ଯୁଦ୍ଧ ବିପ୍ଳବର ଉଦାହରଣ ସବୁଦିନର ଘଟନା ରୂପେ ଆମ ଆଖି ଆଗରେ ନାଚୁଛି। କେବଳ ରକ୍ତହୀନ ଯୁଦ୍ଧ ଓ ରକ୍ତହୀନ ବିପ୍ଳବର ନିଶାଣ ଧରି ସବୁରି ଊର୍ଦ୍ଧ୍ୱରେ ଭାରତବର୍ଷ ଠିଆହୋଇଛି ମଣିଷ ଜାତିର ହଜାର ହଜାର ବର୍ଷର ଇତିହାସକୁ ଉପହାସ କରି। ନବ ଭାରତର ସର୍ବଶ୍ରେଷ୍ଠ ଭାସ୍କର, ସବୁଠାରୁ ବଡ଼ ବିନ୍ଧାଣି ଗାନ୍ଧିଜୀ। ହିଟ୍‌ଲର, ମୁସୋଲିନି, ନେପୋଲିୟନ୍ ଆଲେକ୍‌ଜାଣ୍ଡର, ଲିଙ୍କନ୍, ୱାଶିଂଟନ୍, ରୋସୋ, ସକ୍ରେଟିସ୍‌ଙ୍କ କଥା ଆମେ ଅଳ୍ପବହୁତ ଜାଣୁ। ରାମ, କୃଷ୍ଣ, ଯୁଧିଷ୍ଠିର, ଶଙ୍କର ଚୈତନ୍ୟ, ନାନକ ପ୍ରଭୃତି ପ୍ରାଚ୍ୟ ବୀର ମନୀଷୀମାନଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ। ଯିଶୁ, ମହମ୍ମଦ, କନ୍‌ଫ୍ୟୁସିଅସ୍, ବୁଦ୍ଧ ପ୍ରଭୃତି ଧର୍ମ ସଂସ୍କାରକ ବା ଧର୍ମ ପ୍ରଚାରକ ମଧ୍ୟ ପୃଥିବୀରେ ଜନ୍ମଲାଭ କରିଥିଲେ। ଦର୍ଶନ, ବିଜ୍ଞାନ, କଳା, ସାହିତ୍ୟ ବା ଇତିହାସରେ ବହୁ ମନୀଷୀ ଦେଶ ଓ ସମାଜକୁ ବହୁ ଅମୂଲ୍ୟ ଦାନ ଦେଇଯାଇଛନ୍ତି।

କିନ୍ତୁ ରାଜନୀତି କ୍ଷେତ୍ରରେ ଗାନ୍ଧି ଯେଉଁ ଅହିଂସା ଅସ୍ତ୍ର ଧରାଇ ଦେଇଗଲେ, ପୃଥିବୀର ସୃଷ୍ଟିକାଳରୁ ଆଉ କେହି ତାହା ଦେଇ ନ ଥିଲେ। ଏହି ଅସ୍ତ୍ର ସାହାଯ୍ୟରେ ଯୁଦ୍ଧ କରି ମଧ୍ୟ ମନୁଷ୍ୟ ଯେ ପ୍ରବଳ ଶତ୍ରୁକୁ ଜୟ କରିପାରେ, ତାହା ଗାନ୍ଧି–ଜୀବନରେ ହିଁ ପ୍ରମାଣିତ ହେଲା।

ଅହିଂସାର ଅବତାର ରୂପେ, ଭାରତର ପୁଞ୍ଜୀଭୂତ ତପସ୍ୟା ରୂପେ ଯେଉଁ ଜୀବନ ଗଢ଼ା ହୋଇଥିଲା, ତାହାର ସମାପ୍ତି ହେଲା ପୁଣି ଗୁଳିଚୋଟରେ! ସେ ଚୋଟ ମୂଳରେ ଯେତେ ଷଡ଼ଯନ୍ତ୍ର ବା ରାଜନୀତିକ ଅଭିସନ୍ଧି ଥିଲେ ମଧ୍ୟ, ଯେତେ ହୀନତମ ସ୍ୱାର୍ଥ ଓ ବ୍ୟକ୍ତିଗତ ହିଂସା ଜଡ଼ିତ ଥିଲେ ମଧ୍ୟ, ତାହାର ଆବାଜ ଆଜି ପୃଥିବୀପୃଷ୍ଠରେ କେଉଁ ବାଣୀ ଶୁଣାଇଛି? ଗତ ମହାଯୁଦ୍ଧର ପ୍ରାରମ୍ଭରେ ଯେଉଁ ବିରାଟ ପୁରୁଷ ହିଟ୍‌ଲର ଓ ମୁସୋଲିନିଙ୍କୁ ମଧ୍ୟ ଅହିଂସା ନୀତିରେ ଦୀକ୍ଷିତ କରିବାକୁ ଦୁରାଶା ପୋଷଣ କରିଥିଲେ, ଅହିଂସା ବଳରେ ଇଂଲଣ୍ଡ ମଧ୍ୟ ଯୁଦ୍ଧଜୟୀ ହେବ ବୋଲି ଯେ ପରାମର୍ଶ ଦେଇଥିଲେ, ପୁଣି ଯାହାଙ୍କ ନୀତି ଓ ପରାମର୍ଶ ଆଜି ମଧ୍ୟ ରକ୍ତାକ୍ତ ଧରଣୀର ଲୋକ ବୁଝିବାକୁ ଅସମର୍ଥ, ମୃତ୍ୟୁର ଅଳ୍ପଦିନ ପୂର୍ବରୁ ଭାରତରେ ସାମ୍ପ୍ରଦାୟିକ ହତ୍ୟା ବିଭୀଷିକାର ଦମନ ପାଇଁ ଯେ ଆମରଣ ଅନଶନ କରି ଆଶ୍ଚର୍ଯ୍ୟ ରୂପେ କୃତକାର୍ଯ୍ୟ ହୋଇଥିଲେ; ଯାହାଙ୍କ ଜୀବନର ପ୍ରତି ଘଟଣା ଅସାଧାରଣ– ତାହାଙ୍କର ମୃତ୍ୟୁ ଆଉ ସାଧାରଣ ହୁଅନ୍ତା କିପରି?

ଆମରଣ ଅନଶନର ଯେଉଁ ପ୍ରଭାବ ଭାରତ ଉପରେ ପଡ଼ିଥିଲା, ଶେଷରେ ତାହାଙ୍କ ହତ୍ୟା ସମଗ୍ର ପୃଥିବୀର ରାଜନୀତି କ୍ଷେତ୍ରରେ ହିଂସା ଓ ରକ୍ତପାତ ପ୍ରତି ଅଙ୍ଗୁଳି ସଙ୍କେତ ଦେଲା। ଯଥାର୍ଥରେ ସେ ଗୁଳି ମାନବ ସଭ୍ୟତାର ଘୃଣ୍ୟତମ କଳଙ୍କ ପ୍ରତି ଆଜି ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି। ତାହାର ଆବାଜ ବାଜିଛି ବହୁ ମାନବର ହୃଦୟରେ। ସର୍ବଶ୍ରେଷ୍ଠ ଅହିଂସ ପୁରୁଷ ବକ୍ଷରେ ଯେଉଁ ଗୁଳି ବାଜିଲା, ତାହା ଆଜି ଭାରତୀୟ ପ୍ରାଣକୁ ବିପନ୍ନ କରିନାହିଁ କି? ଆଜି କେବଳ ଭାରତ ତାହାର ସ୍ୱାଧୀନତା–ପୀଠରେ ଶ୍ରେଷ୍ଠତମ ବଳିଦାନ କରିନାହିଁ, ସମଗ୍ର ପୃଥିବୀର ମାନବସମାଜର ସ୍ୱାଧୀନତା ପାଇଁ ରକ୍ତହୀନ ସମରରେ ଡେଇଁ ପଡ଼ିବାକୁ ତାହା ଡାକଦେଇଛି। ଆଜୀବନ ସେ ଭାରତ ପାଇଁ ଆତ୍ମୋତ୍ସର୍ଗ କରିଥିଲେ; କିନ୍ତୁ ଶେଷରେ ସେ ଯେଉଁ ମୃତ୍ୟୁବରଣ କଲେ, ତାହା ଯେମିତି ସମଗ୍ର ପୃଥିବୀ ପାଇଁ।

ଗାନ୍ଧି–ଜୀବନଠାରୁ ଗାନ୍ଧି–ମରଣ ଅଳ୍ପ ଗୌରବମୟ ହୋଇ ନାହିଁ। ଗାନ୍ଧି–ଜୀବନର ଆଲୋକ ପ୍ରଧାନତଃ ଭାରତକୁ ଆଲୋକିତ କରୁଥିଲା। ଗାନ୍ଧି–ମରଣ ଆଜି ସମଗ୍ର ପୃଥିବୀକୁ ପ୍ରଭାବିତ କଲା। ସେ ଆଲୋକକୁ ଅଧିକ ସ୍ଥାୟୀ ଓ ଉଜ୍ଜ୍ୱଳତର କରିବାର ଭାର କୋଟି କୋଟି ଗାନ୍ଧି–ଦାୟାଦଙ୍କ ହାତରେ ଉତ୍ତରାଧିକାର ସୂତ୍ରେ ନ୍ୟସ୍ତ ରହିଲା।

–କାଳିନ୍ଦୀଚରଣ ପାଣିଗ୍ରାହୀ



## କବିତା

### ଆସ୍ତିକର ଆକୃତି

ହେ ଦେବତା! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ
ନିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।

ନିଆଶାର ଦହନରେ
ଦଗଧ କରଇ ଯେହ୍ନୁ ପ୍ରାଣ,
ନ ଜନମୁ ତା'ର ଲାଗି
ଅନ୍ତରେ ମୋ ତିଳେ ଅଭିମାନ।
ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହ୍ନୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ।

ଲାଞ୍ଛନାର ଶୈଳରାଶି
ଏ ଜୀବନେ ହାଣେ ଯେହ୍ନୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ! ନୟନର ଲୋର।
ଜଗତର ଜରାରାଶି
ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର
ତବ ନବ ଗଉରବ ଗାନ।

ଅଶ୍ରୁ ଶତଦଳ ଘେନି
ପୂଜିବାକୁ ଲଭେଁ ଅଧିକାର
ଦେବାକୁ ତୁମରି ଅର୍ଘ୍ୟ
ଏ ଜୀବନ ରଚୁ ଅଭିସାର।

ଶତ ଶତ କଷାଘାତ
ଅକାରଣ ପଡ଼ିଲେ ଏ ଦେହେ,
ଚନ୍ଦନ ସମାନ ତାହା
ସବୁ ଅଙ୍ଗେ ଲେପିଦିଏଁ ସ୍ନେହେ।

(କିନ୍ତୁ) ତବ ଅପମାନ ବନ୍ଧୁ!
ଶୁଣେଁ ଯେବେ ଜଗତର ମୁଖେ,
ବଧିର ହେଉ ଏ କର୍ଣ୍ଣ
ତୀର ସମ ବାଜୁ ତାହା ବୁକେ।
ତୁମ ଅପମାନ, ପ୍ରିୟ!
ମରଣହୁଁ ବଳି ଦେଉ ବ୍ୟଥା,
ମୁଖେ ତବ ଅପମାନ
ମୂକ କରୁ ମୋର ସବୁ କଥା!
ହେଉ ଅନ୍ଧ ଏ ନୟନ
କୁତ୍ସା ତବ ଦେଖେ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା!

ଏ ବଦନେ ତବ ନାମ
ଧରି ଯଦି କରେଁ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।
ସ୍ୱପନରେ ଯଦି କଦା
ତବ ଅପମାନ କରେଁ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ!

–କାଳିନ୍ଦୀଚରଣ ପାଣିଗ୍ରାହୀ

### ଏକାକୀ ପଥରେ

ଏକାକୀ ପଥରେ ମୁଁ ଏକାକୀ ପଥରେ
ନାହିଁ ତ କେହି ପ୍ରାଣୀ ନାହିଁ ତ ଆଶା ବାଣୀ,
ମଉନ ବ୍ରତରେ ମୁଁ ଏକାକୀ ପଥରେ।

ଭୁବନେ ଉଚ୍ଛୁଳଇ ସୁଖ ଯେ ରହି ରହି
ହୃଦୟ ସୁଖହୀନ ଚାଲିଛି ମୁଁ ଯେ ବହି
ଜୀବନ ମ୍ଳାନ ମୋର ଆଘାତ ଶତରେ
ମୁଁ ଏକାକୀ ପଥରେ।

ଧାଇଁ ମୁଁ ସୁଖପାନେ କେବଳ ଦୁଃଖ ଆଣେ
ହୃଦୟ ମ୍ରିୟମାଣ ଛଳନା ଅପମାନେ
ସକଳ କ୍ରିୟାମୂଳେ ବେଦନା ହତ ରେ
ମୁଁ ଏକାକୀ ପଥରେ।

ପଛିମେ ଲୁଚେ ରବି ମୋ ହିଆ ପଡ଼େ ଦ୍ରବି
ବିକଳ ନୟନେ ମୁଁ ନିରେଖି ଦେଖେଁ ଛବି
ଅତିହିଁ ନିରିମାଖି ବିଜନ ରାତିରେ
ମୁଁ ଏକାକୀ ପଥରେ।

ତରୁଣ ମନ କଥା କରୁଣ ମର୍ମ ବ୍ୟଥା
କହିବି କାହା ଆଗେ ଦୁଃଖ ପ୍ରସଙ୍ଗ ପ୍ରଥା
ଶୀତ ଯେ ପରାସଇ ସୁଖ–ଶରତରେ
ମୁଁ ଏକାକୀ ପଥରେ।

ପ୍ରତିଜ୍ଞା ଶତ ମୋର ସପନ ଆଶା ଘୋର
ଇଚ୍ଛା ରାଶି ରାଶି ସନ୍ଧ୍ୟା କରେ ଦୂର
ଉଦୟ ହୁଏ ଯାହା ନିତି ପ୍ରଭାତରେ
ମୁଁ ଏକାକୀ ପଥରେ।

କେତେ ବିଦ୍ୟୁଚମକ କୁଳିଶର ଦମକ
ଆସଇ ଭୀମ ବେଶେ ଝଞ୍ଜା ବହି ଦକ
ପଦେ ଆଶ୍ୱାସ ପାଇଁ ନାହିଁ କେ ସାଥିରେ
ମୁଁ ଏକାକୀ ପଥରେ।

ଏ ମରୁପଥେ ଆଜି ହସର ତୃଣରାଜି
ନିଃସ୍ୱ ଲାଗି ତେବେ ବିଶ୍ୱ ଅଛି ସାଜି
ଏତିକି ସାନ୍ତ୍ୱନା ନା ହୃଦୟଗତରେ
ମୁଁ ଏକାକୀ ପଥରେ।

–କାଳିନ୍ଦୀଚରଣ ପାଣିଗ୍ରାହୀ

## ରାଜ୍ୟ ଖବର

# ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍

### ୪୯ନଂ ଜାତୀୟ ରାଜପଥରେ ଯାତାୟାତ ବନ୍ଦ

ବାରିପଦା,୧୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥ ଜାମଶୋଳା ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଟ୍ରାଙ୍କରରେ ଯାଉଥିବା ପ୍ରୋପିଲିନ ଗ୍ୟାସ ଲିକ୍ ହୋଇଛି । ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, କୋଲକାତାରୁ ମୟୂରଭଞ୍ଜ ଜିଲା ଝାରପୋଖରିଆ ଅଭିମୁଖେ ଯାଉଥିବା ଏକ ପ୍ରୋପିଲିନ ଗ୍ୟାସ ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହୋଇଥିଲା। ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲା ବହଡ଼ାଗୋଡ଼ା ଥାନା ଅଧୀନ ପେଟ୍ରୋଲ ପମ୍ପ ନିକଟରେ ଟ୍ୟାଙ୍କରଟି ଅଟକି ରହିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସ୍ଥାନୀୟ ଅଞ୍ଚଳବାସୀ ବର୍ତ୍ତି ଯାଇଛନ୍ତି। ବହଡ଼ାଗୋଡ଼ାରୁ ଜାମଶୋଳା ମଧ୍ୟରେ ଥିବା ଗମ୍ଭାରିଆ ନିକଟସ୍ଥ ବେଲଛକ ନିକଟରେ ଟାଙ୍କିର ଭାଲଭ୍ ଲିକ୍ ହୋଇଯିବାରୁ ଦହନଶୀଳ ଭଳି ଅଶାଙ୍କା କରାଯାଉଥିବା ଗ୍ୟାସ ନିର୍ଗତ ହେବାକୁ ଲାଗିଥିଲା। ଖବରପାଇ ବହଡ଼ାଗୋଡ଼ା ଥାନା ପୋଲିସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ। ଲିକେଜର ନିୟନ୍ତ୍ରଣ କାର୍ଯ୍ୟ ଚାଲିଥିବା ବେଳେ ବିଶେଷଜ୍ଞମାନଙ୍କ ସାହାଯ୍ୟ ନିଆଯାଇଛି। ଏହି ଗ୍ୟାସ ବିଷାକ୍ତ କି ତାହା ଜାଣିବା ପାଇଁ ବାଲେଶ୍ୱରରୁ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦମକଳ ବାହିନୀ ଉପସ୍ଥିତ ରହିଥିବା ବେଳେ ୨କିମି ପରିଧି ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। ଲୋକମାନଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ତେବେ ସହଯୋଗ ବଜାୟ ରଖିବା ସହ ଗୁଜବରେ ଧ୍ୟାନ ନ ଦେବାକୁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ କହିଛନ୍ତି।


ଗ୍ୟାସ୍ ଲିକ୍ ହୋଇଥିବା ଟ୍ୟାଙ୍କର।

# ୩ ରଥ ଯାଞ୍ଚକଲା ରଥ ନିର୍ମାଣ କମିଟି

ପୁରୀ,୧୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରାର ପଞ୍ଚମ ଦିନକୁ ହେରାପଞ୍ଚମୀ ଭାବରେ ପାଳନ କରାଯାଇଥାଏ। ହେରାପଞ୍ଚମୀର ପରଦିନ ଅର୍ଥାତ୍ ରଥଯାତ୍ରାର ଷଷ୍ଠ ଦିବସରେ ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବାହୁଡ଼ାଯାତ୍ରା ନିମନ୍ତେ ହେରାପଞ୍ଚମୀର ପରଦିନ ତିନିରଥର ଦକ୍ଷିଣ ମୋଡ଼ ହେବ। ଏଥିନିମନ୍ତେ ରଥ ନିର୍ମାଣ କମିଟି ପକ୍ଷରୁ ରଥର ଯାଞ୍ଚ କରାଯାଇଥାଏ। ଏହି କ୍ରମରେ ମଙ୍ଗଳବାର କମିଟି ପକ୍ଷରୁ ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର, କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ତିନିରଥର ଟିକିନିଖି ଯାଞ୍ଚ କରିଛନ୍ତି। ବଡ଼ଦାଣ୍ଡରେ ୨.୬ କି.ମି. ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ପ୍ରତିବର୍ଷ ଦକ୍ଷିଣ ମୋଡ଼ ପୂର୍ବରୁ ତିନିରଥର ଯାଞ୍ଚ କରାଯାଇ ଯାହା ସମସ୍ୟା ରହିଥାଏ ତାହାର ମରାମତି କରାଯାଇଥାଏ। ମଙ୍ଗଳବାର ଯାଞ୍ଚ ସମୟରେ ତିନିରଥରେ ଯାହା ବି ସମସ୍ୟା ଥିଲା ତାହାର ମରାମତି କରାଯାଇଛି।

କମିଟି ପକ୍ଷରୁ କହାଯାଇଛି, ଶ୍ରୀବିଗ୍ରହମାନଙ୍କ ତିନିରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ରଥଗୁଡ଼ିକରେ କ'ଣ ତ୍ରୁଟି ରହିଛି କି ନାହିଁ, ତାହାର ଯାଞ୍ଚ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥାଏ। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଆସି ରଥର ଯାଞ୍ଚ କରୁଛୁ। ୩ଟି ରଥରେ ସେତେକିଛି ତ୍ରୁଟି ନାହିଁ। ରଥ ଗଡ଼ିବା ସମୟରେ କିଛି କଣ୍ଟା ଘଷିହୋଇ ଢିଲା ହୋଇଯାଇଥାଏ, ସେଥିପାଇଁ ସେଗୁଡ଼ିକର ମରାମତି କରାଯାଏ। ଦକ୍ଷିଣ ମୋଡ଼ ପରେ ଯଦି କିଛି ସମସ୍ୟା ଦେଖାଦେବ ପୁଣି ମରାମତି କରାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ ସୂଚନା ଦେଇଛନ୍ତି। ବୁଧବାର ତିନି ରଥର ଦକ୍ଷିଣ ମୋଡ଼ କରାଯିବ। ଦକ୍ଷିଣ ମୋଡ଼ ପରେ ପୁଣି ୩ ରଥର ଯାଞ୍ଚ କରାଯିବ।


ରଥ ନିର୍ମାଣ କମିଟି ପକ୍ଷରୁ ରଥର ଯାଞ୍ଚ କରାଯାଉଛି।

# ଘସିପୁରା ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

### ବାହାରେ ଚପଲ ରଖି ଅଫିସ ଆସିବାକୁ କହୁଥିବା ଅଭିଯୋଗ

ଆନନ୍ଦପୁର,୧୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ରାଜସ୍ୱ ବିଭାଗ କାରଣ ଦର୍ଶାଅ ନୋଟିସ (ନଂ.୨୩୩୯୪/୩୦।୬।୨୦୨୫) ଜାରି କରିଛି। ଲୋକଙ୍କୁ ବାହାରେ ଚପଲ ରଖି ତହସିଲ ଭିତରକୁ ପ୍ରବେଶ କରିବାକୁ ଅଫିସ ବାହାରେ ନୋଟିସ ଲଗାଇଥିବା, ଲୋକଙ୍କୁ ବସାଇବାକୁ ଚୌକି ଦେଉ ନ ଥିବା ଏବଂ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ୧୫ ଦିନ ଭିତରେ କାରଣ ଦର୍ଶାଇବା ପାଇଁ ରାଜସ୍ୱ ବିଭାଗ ନୋଟିସରେ ଉଲ୍ଲେଖ ରହିଛି।

# ଆଜି ତିନିରଥର ହେବ ଦକ୍ଷିଣ ମୋଡ଼

ପୁରୀ,୧୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଭାଇ, ଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆସି ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଆଡ଼ପ ମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ଏଥିପାଇଁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିବା ତିନିରଥ ବୁଧବାର ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ଭୋଇସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନିରଥକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ବୁଧବାର ସକାଳଧୂପ ସମ୍ପନ୍ନ ହେବା ପରେ ଦକ୍ଷିଣ ମୋଡ଼ ପାଇଁ ତିନିବାଡ଼ରୁ ଆଜ୍ଞାମାଳ ଆସି ତିନିରଥରେ ଦିଆଯିବ। ତା'ପରେ ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ଏବଂ ଦ୍ୱିତୀୟରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ପର୍ଯ୍ୟାୟକ୍ରମେ ଦକ୍ଷିଣ ମୋଡ଼ କରାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଧାଡ଼ି ପହଣ୍ଡିରେ ଆସି ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଦେଇ ରଥକୁ ବିଜେ କରିବେ। ପରେ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ।

# ଡିଜିଟାଲ ଭାରତର ଏକ ଦଶନ୍ଧି

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**



ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନ ଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ, ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା, ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା। ୨୦୧୪ରେ ଇଣ୍ଟରନେଟ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନ୍‌ଲାଇନ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକେ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଓ ବିବିଧ ଦେଶ ପ୍ରକୃତରେ ଡିଜିଟାଲ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସ୍‌ବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ ଫାଇବର କେବୁଲ, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି। ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେଶନ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ, ସିଆଚେନ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ ଭିତ୍ତିଭୂମି ଇଣ୍ଡିଆ ଷ୍ଟାକ, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ-ଟାଇମ୍ ଡିଜିଟାଲ କାରବାରର ପ୍ରାୟ ଅଧା ଭାରତରେ ହେଉଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମିତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମ୍‌ଏସ୍‌ଏମ୍‌ଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନ୍‌ଡିସି (ଓପନ ନେଟ୍‌ୱର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ, ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ, ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନ୍‌ଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି । ଆପଣଙ୍କର କ୍ରେଡିଟ୍ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତୁ। ଆପଣ ଜିଇଏମ୍‌ରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଓ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନ୍‌ଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି । ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚିପାରୁଛନ୍ତି। ଜିଇଏମ୍ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମ୍‌ଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମ୍‌ଏସ୍‌ଏମ୍‌ଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି:** ଭାରତର ବିଶ୍ୱ ଅବଦାନ: ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସ୍‌ଟ୍ୟାଗ, ପିଏମ୍-ବାଣୀ ଏବଂ ଏକ ରାଷ୍ଟ୍ର ଏକ ସବ୍‌ସ୍କ୍ରିପସନ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର୍-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି । ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଓ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିଯୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଓ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପ୍‌ର ଶକ୍ତି ଏବଂ ଆତ୍ମନିର୍ଭର ଭାରତ:** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି। ୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ ଭାରତ ବିଶ୍ୱ ସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪ ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମ୍‌ରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ ଅର୍ଥବ୍ୟବସ୍ଥା ନୁହେଁ, ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ ପ୍ରଶାସନ ଠାରୁ ଡିଜିଟାଲ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ। 'ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର୍ ଦି ୱାର୍ଲ୍ଡ' ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି। ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ: ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ, ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା, ଯାହା ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା, ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରିକ ବିକାଶ ଆଣିପାରିବ।

# ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ୨ ମୃତ, ଜଣେ ଗୁରୁତର

**ଚମ୍ପୁଆ/କେନ୍ଦୁଝର, ୧୭ (ମହେଶ୍ୱର ଦାସ/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ତଡୁଆବାହାଳ ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ୨ ଯୁବକ ହେଲେ ଯୋଡ଼ା ଥାନା ଅଧୀନ ବିଲେଇପଦା କରଣସାହିର ନିରଞ୍ଜନ ମଲ୍ଲିକ ଓ ଦାମପୁର ଅଞ୍ଚଳର ଜଗନ୍ନାଥ ମହାକୁଡ଼। ଗୁରୁତର ଯୁବକ ଜଣକ ହେଉଛନ୍ତି ମୁନା ମହାକୁଡ଼(୩୩)।

ସୂଚନା ଅନୁଯାୟୀ, ସ୍କୁଟିଟି ଯୋଡ଼ା ବାସୁଦେବପୁର ଅଞ୍ଚଳରୁ ରିମୁଳି ଆଡ଼କୁ ଯାଉଥିବା ବେଳେ ଟ୍ରକ୍‌ଟି ପଛପଟୁ ଧକ୍କା ଦେଇଥିଲା। ସେମାନେ ଛିଟିକି ତଳେ ପଡ଼ିଥିବା ବେଳେ ସ୍କୁଟିଟି ଦୁଇଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯିବା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଚମ୍ପୁଆ ପୋଲିସ ସହଦଳବଳ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ଗୁରୁତର ମୁନାଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ୩୫ କି.ମି. ଦୂର ଉନ୍ଦଳା ନିକଟରେ ଧରି ଚାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରାଯାଉଥିବା ଚମ୍ପୁଆ ଥାନା ଅଧିକାରୀ ଆର୍.କେ. ମୁଦୁଲି କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୭୭/୨୫) ରୁଜୁ ହୋଇଛି।

**ଦିଲ୍ଲୀ: ପୁରୁଣା ଗାଡ଼ିକୁ ପେଟ୍ରୋଲ, ଡିଜେଲ ମନା**




# ମାଟି ଅତଡ଼ା ଧସି ପୋତି ହୋଇଗଲେ ଏକାଧିକ ଲୋକ

**ଯୋଡା, ୧୭(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡା ଥାନା ଅଧୀନ ବିଛାକୁଣ୍ଡି ନିକଟସ୍ଥ ଦଲ ପାହାଡଠାରେ ମାଟି ଅତଡ଼ା ଧସି ଏକାଧିକ ଲୋକ ଚାପି ହୋଇରହିଥିବା ଖବର ମିଳିଛି। ଏକ ପରିତ୍ୟକ୍ତ ଖଣିରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ତେବେ କେତେ ଜଣ ଚାପି ହୋଇଯାଇଛନ୍ତି ଏବଂ କେଉଁ କାରଣରୁ ସେମାନେ ସେଠାକୁ ଯାଇଥିଲେ ଏହାର ଠିକ୍ ତଥ୍ୟ ପୋଲିସ ଦେଇପାରିନାହିଁ। ଯୋଡା ପୋଲିସ ଓ ବାମେବାରୀ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତଲାସୀ ପରେ ପ୍ରକୃତ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି। ବେଆଇନ ମାଙ୍ଗାନିଜ ଖଣିଜ ଉତ୍ତୋଳନ କରୁଥିବା ବେଳେ ଏହି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଟ୍ରକ୍ ଧକ୍କାରେ ମା' ମୃତ, ଝିଅ ଗୁରୁତର

**ତାଳଚେର,୧୭ (ମନୋଜ ନନ୍ଦ)**

**ଝିଅକୁ ସ୍କୁଲରେ ଛାଡ଼ିବାକୁ ସ୍କୁଟିରେ ଯାଉଥିଲେ**

୪ର୍ଥ ଶ୍ରେଣୀରେ ପଢ଼ୁଥିବା ୧୦ ବର୍ଷୀୟା ଝିଅକୁ ସ୍କୁଲରେ ଛାଡ଼ିବାକୁ ମା' ସ୍କୁଟିରେ ନେଇ ଯାଉଥିବା ବେଳେ ପଛପଟୁ ଧକ୍କା ଦେଲା ଟ୍ରକ୍। ଫଳରେ ଘଟଣାସ୍ଥଳରେ ଚାଲିଗଲା ମା'ଙ୍କ ଜୀବନ। ମୃତ ମହିଳା ହେଲେ ତାଳଚେର ରେଲୱେରେ ଲୋକ ପାଇଲଟ ଭାବେ କାର୍ଯ୍ୟରତ ଗଞ୍ଜାମ ଜିଲା ବ୍ରହ୍ମପୁରର ନିରାକାର ସାହୁଙ୍କ ସ୍ତ୍ରୀ ପ୍ରବୀଣା ସାହୁ। ଗୁରୁତର ହୋଇଥିବା ଝିଅ ହେଲେ ସାନଭିକା କୁମାରୀ ସାହୁ। ଅନୁଗୋଳ ଜିଲା ତାଳଚେର ଥାନା ଗ୍ରୀନ୍‌ଗ୍ରାସ୍ ଷ୍ଟାଡିୟମଠାରେ ମଙ୍ଗଳବାର ସକାଳ ୭ଟା ବେଳେ ଘଟିଛି ଏହି ଦୁର୍ଘଟଣା।

ସୂଚନା ଅନୁଯାୟୀ, ତାଳଚେର ଶର୍ମାଛକ ନିକଟରେ ରହୁଥିବା ଲୋକ ପାଇଲଟ ନିରାକାରଙ୍କ ସ୍ତ୍ରୀ ପ୍ରବୀଣା ସକାଳ ୭ଟା ବେଳେ ଝିଅ ସାନଭିକାଙ୍କୁ ନେଇ ସ୍କୁଟିରେ ଦେଉଳବେଡ଼ାସ୍ଥିତ ଡିଏଭି ସ୍କୁଲକୁ ଯାଉଥିଲେ। ସେମାନେ ଗ୍ରୀନଗ୍ରାସ ଷ୍ଟାଡିୟମଠାରେ ହୋଇଥିବା ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ (ନଂ. ଓଡି୦୯-ପି- ୨୭୪୩) ସ୍କୁଟିକୁ ଧକ୍କା ଦେଇ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ପ୍ରବୀଣାଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ସାନଭିକାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଛାଡ଼ି ଚାଳକ ଫେରାର ହୋଇଯାଇଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ। ଖବରପାଇ ତାଳଚେର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।



ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

# ପାଣିରେ ଭାସିଯାଇ ୨ଶ୍ରମିକ ମୃତ

**ଗୋବିନ୍ଦପାଲି/ଖଇରପୁଟ,୧୭ (କାର୍ତ୍ତିକ ରଥ/ଜଗନ୍ନାଥ ମାଝି)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍‌ରେ ଲଗାଣ ବର୍ଷା ଯୋଗୁ ଚାଷକାମ କରିବାକୁ ଯାଇଥିବା ୨ ଶ୍ରମିକଙ୍କର ପାଣିରେ ଭାସିଯାଇ ମୃତ୍ୟୁ ହୋଇଛି । ସେମାନେ ହେଲେ ନାଳିଗୁଡ଼ା ଗ୍ରାମର ସମ୍ପତ୍ତି ଲବ ଦୋରା (୪୬) ଓ ଦେବକୀ ଦୋରା(୩୮)। ସୋମବାର ସକାଳୁ ବିଲକୁ ଧାନ ଚାଷ ପାଇଁ ବାହାରିଥିଲେ ଲବ ଓ ଦେବକୀ । ତାଙ୍କ ସାଙ୍ଗରେ ଥିଲେ ପଟକାଗୁଡ଼ା ଗ୍ରାମର ଶୁକ୍ରି ପଟକା (୪୦)। ସମସ୍ତେ ନଦୀ ପାରହୋଇ ବିଲରେ ଚାଷ କାମ କରିଥିଲେ। କାମ ସାରି ଅପରାହ୍ନରେ ଘରକୁ ଫେରିବା ବେଳେ ଲଗାଣ ବର୍ଷା ହେବାରୁ ନଦୀରେ ପାଣି ବଢ଼ି ପ୍ରଖର ସ୍ରୋତ ଥିଲା। ପ୍ରଥମେ ଶୁକ୍ରି ନଦୀକୁ ପଶୁ ପଶୁ ତାଙ୍କ ଗୋଡ଼ ଖସିଯିବାରୁ ସେ ସ୍ରୋତରେ ଭାସିଯାଇଥିଲେ। ତାଙ୍କ ପଛରେ ଥିବା ଲବ ତାଙ୍କୁ ଉଦ୍ଧାରକରିବାକୁ ପାଣିକୁ ଡେଇଁଥିଲେ, କିନ୍ତୁ ପ୍ରଖର ସ୍ରୋତରେ ଶୁକ୍ରିଙ୍କୁ ବଞ୍ଚାଇ ନ ପାରି ଶେଷରେ ଉଭୟେ ଭାସିଯାଇଥିଲେ। ଏହା ଦେଖି କୂଳରେ ଥିବା ଲବଙ୍କ ସ୍ତ୍ରୀ ଦେବକୀ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳକୁ ଆସିଥିଲେ। ସେମାନେ ଚେଷ୍ଟା କରିଥିଲେ ମଧ୍ୟ ପ୍ରଖର ସ୍ରୋତ ଥିବାରୁ ତାଙ୍କୁ ଉଦ୍ଧାରକରିପାରି ନ ଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ବହୁ ଖୋଜାଖୋଜି ପରେ ସୋମବାର ଲବଙ୍କ ମୃତଦେହ ମିଳିଥିଲା। ରାତି ହୋଇଯିବାରୁ ମଙ୍ଗଳବାର ସକାଳୁ ଘଟଣାସ୍ଥଳର ପ୍ରାୟ ୧ କି.ମି. ଦୂରରୁ ଶୁକ୍ରିଙ୍କ ମୃତଦେହ ଜବତ କରାଯାଇଥିଲା। ସ୍ଥାନୀୟ ପୋଲିସ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଲବଙ୍କର ୨ ଜଣ ପୁଅ ଥିବାବେଳେ ଶୁକ୍ରିଙ୍କର ମଧ୍ୟ ଜଣେ ପୁଅ ଅଛନ୍ତି। ପ୍ରଶାସନ ଏହି ୨ ପରିବାରକୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବା ସହ ପିଲାମାନଙ୍କ ପାଠ ପଢ଼ାରେ ସହଯୋଗ କରିବାକୁ ଦାବି ହେଉଛି ।

# ଗରିବ ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ଦିଅ

**ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

**ଭୁବନେଶ୍ୱର,୧୭ (ରବିନାରାୟଣ ଜେନା)**

ଗରିବଙ୍କ ଉନ୍ନତି ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ପ୍ରଦାନ କରିବାକୁ ତିନି ପ୍ରମୁଖ ଘରୋଇ ବ୍ୟାଙ୍କ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ଉପରୋକ୍ତ ତିନି ପ୍ରମୁଖ ଘରୋଇ ବ୍ୟାଙ୍କ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଅବଗତ ହୋଇଛନ୍ତି ଯେ, ଏହି ୩ଟି ବ୍ୟାଙ୍କ କୃଷିଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନି ଋଣ ଆଦି ବିଭିନ୍ନ ଯୋଜନାରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛନ୍ତି। ଏହାକୁ ଦୃଷ୍ଟିରେରଖି ରାଜ୍ୟ ସରକାର ଜୁନ୍ ୨୧ରେ ଏହି ବ୍ୟାଙ୍କଗୁଡ଼ିକୁ ଏମ୍‌ପ୍ୟାନେଲମେଣ୍ଟ ତାଲିକାରୁ ବାଦ୍ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ ଏହିସବୁ ଯୋଜନାରେ ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କଗୁଡ଼ିକ ହେଉଛନ୍ତି ଏକ ବଡ଼ ମାଧ୍ୟମ। ଏହି ଅବସରରେ ବ୍ୟାଙ୍କଗୁଡ଼ିକର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକରି କହିଥିଲେ, ସେମାନେ ଏହିସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ ଆଗ୍ରହୀ ଏବଂ ଖୁବ୍‌ଶୀଘ୍ର ଏହାର ପ୍ରଦର୍ଶନରେ ଉନ୍ନତି ଆଣିବେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁନିସ୍ ସାରଦା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜ୍‌ନେସ୍ ହେଡ୍ ସୁମିତ୍ ମେହେରୋତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଅତିରିକ୍ତ କମିଶନରଙ୍କୁ ମାଡ଼ ମାରିଥିବା ୫ ଜଣଙ୍କୁ ନିଲମ୍ବନକଲା ଭାଜପା

**ଭୁବନେଶ୍ୱର,୧୭ (ସୁନିତ୍ ମିଶ୍ର)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ପଶି ସୋମବାର ଅତିରିକ୍ତ କମିଶନରଙ୍କୁ ଆକ୍ରମଣ କରିଥିବା ୫ ଜଣଙ୍କୁ ଗିରଫ କରାଯାଇସାରିଛି। ଏହି ୫ ଜଣଙ୍କୁ ମଙ୍ଗଳବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ନିଲମ୍ବନ କରିଛନ୍ତି। ଏହି ଘଟଣାରେ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମିରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଏବଂ ସଂଜୀବ ମିଶ୍ରଙ୍କୁ ଦଳ ନିଲମ୍ବନ କରାଯାଇଛି।

ସୂଚନାଯୋଗ୍ୟ, ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ସାଧାରଣ ଅଭିଯୋଗ ଏବଂ ଜନଶୁଣାଣି କାର୍ଯ୍ୟ ଚାଲିଥିବା ବେଳେ ଭାଜପାର କେତେଜଣ କର୍ମୀ ଅଫିସ୍ ଭିତରେ ପଶିଯାଇ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଚେୟାର ଉପରୁ ତାଙ୍କ କଲର ଧରି ଟାଣି ଆଣିବା ସହ ଅତି ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ଏହାକୁ ନେଇ ବିଏମ୍‌ସି କର୍ମଚାରୀମାନଙ୍କ ସମେତ ବିଜେଡି ନେତା ଓ କର୍ପୋରେଟରମାନେ ଧାରଣା ଦେଇଥିଲେ। ଦୀର୍ଘ ସମୟ ଏହି ଘଟଣାକୁ ନେଇ ପ୍ରତିବାଦ ଚାଲିବା ସହ ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ରାସ୍ତା ସମ୍ପୂର୍ଣ୍ଣ ଯାତାୟାତ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବିଜେଡି ନେତାଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇନେବା ସହ ୩ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଥିଲା।


# ସେବାଶ୍ରମ ଛାତ୍ରାବାସରେ ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ମାଲକାନଗିରି,୧୭ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ମାଟାପାକା ପଞ୍ଚାୟତ ସେବାଶ୍ରମ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରାବାସରେ ୪ ଦିନ ପୂର୍ବରୁ ରହିଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରୋହିତ ମାଡ଼କାମି।

ପ୍ରକାଶ ଯେ, ମାଟାପାକା ସେବାଶ୍ରମ ବିଦ୍ୟାଳୟ ଶିଖପାଲ୍ଲୀ ପଞ୍ଚାୟତ ଉର୍ମାଗୁଡା ଗ୍ରାମର ରୋହିତଙ୍କ ଦେହ ସୋମବାର ଖରାପ ହେବା ଯୋଗୁ ପ୍ରଧାନ ଶିକ୍ଷକ କନିଷ୍ଠ ନାଗ ତାଙ୍କୁ ମାଟାପାକା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କଲା ପରେ ମ୍ୟାଲେରିଆ ହୋଇଥିବା କହି ଔଷଧ ଦେଇଥିଲେ। ରାତିରେ ଛାତ୍ର ଜଣକ ଔଷଧ ଖାଇ ସୁସ୍ଥ ଥିଲା ବେଳେ ମଙ୍ଗଳବାର ସକାଳେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇବା ସହ ଗୋଡ଼ହାତ ଥରିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଡକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯୋଗାଯୋଗ ହୋଇ ନ ପାରିବାରୁ ଏକ ଘରୋଇ ଗାଡିରେ ମାଲକାନଗିରି ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୋହିତଙ୍କର ମୃତ୍ୟୁ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟି ସଦସ୍ୟମାନେ ମୃତଦେହ ନେଇ ଉର୍ମାଗୁଡା ଗ୍ରାମରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏକ ଡାକ୍ତରୀ ଟିମ୍ ମାଟାପାକା ଛାତ୍ରାବାସକୁ ଯାଇ ସେଠାରେ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଦେଖିବାକୁ ମିଳିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସମୟର ପ୍ରାଚୀଧାରା ପତ୍ରିକାର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଦୁର୍ଗାମାଧବ କଲ୍ୟାଣ ମଣ୍ଡପ, ବାଳିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଗୋପୀନାଥ ଦେବଙ୍କ ୧୦ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୂର୍ଯ୍ୟପୂଜା, ଗୋ ପୂଜା ଓ ପଞ୍ଚ ଦେବତା ପୂଜା, ସ୍ଥାନ: ନହରକଣ୍ଠାସ୍ଥିତ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଖବରଦାତା ସମ୍ମିଳନୀ, ସ୍ଥାନ: ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ଟାଉନହଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ, ହରିନାମ ସଂକୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜୀଉଙ୍କ ବରାହ ଓ ନୃସିଂହ ବେଶ ଦର୍ଶନ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## ଭଦ୍ରକ
- ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା ୩୦।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନିଳୋକ ହାଇସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଜିଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ହାଇସ୍କୁଲ ସଭା ଗୃହ, ପାଟଣା, ସମୟ: ପୂର୍ବାହ୍ନ ୧୦।

## ମୟୂରଭଞ୍ଜ
- ଯାତ୍ରୀ ପ୍ରତୀକ୍ଷାଳୟର ଉଦ୍‌ଘାଟନ, ସ୍ଥାନ:ଘୋଳମୁଁହା, ମୋରଡ଼ା,ସମୟ:ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ଉଦ୍ୟମାନ କଳାପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲ୍ଲା ଜଜ କୋର୍ଟ, ସମୟ: ସକାଳ ୮ଟା୩୦।
- ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ, ସ୍ଥାନ:ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ସନ୍ଧ୍ୟା ବେଶରେ ନୃସିଂହ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଶ୍ରୀଜୀଉଙ୍କ ବାମନ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ମହାପ୍ରଭୁଙ୍କ ପର୍ଶୁରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ କୋର୍ଟ ପରିସର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୯ଟା୧୫।
- ଜିଲ୍ଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲ୍ଲାସ୍ତରୀୟ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବ୍ରହ୍ମପରା ଠାକୁରଙ୍କ କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲ୍ଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ଅଇଁଠାପାଲି ଶୁଭଶ୍ରୀ ବିହାର, ସମୟ :ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସାମୂହିକ ବୃକ୍ଷରୋପଣ, ସ୍ଥାନ: ସୋନପୁର ବ୍ଲକ ଅର୍ଜୁନପୁର ସ୍ଥିତ ନଗର ବନ, ସମୟ: ସକାଳ ୮ଟା।
- ସୋନପୁର କଲେଜର ସ୍ଥାପନା ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ରଥଯାତ୍ରା ଅବସରରେ ଦଧିବାମନ ଜଗନ୍ନାଥଙ୍କ ପର୍ଶୁରାମ ଅବତାର, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଅଲ୍ ଓଡ଼ିଶା ମିଟର ରିଡ଼ର ଆସୋସିଏଶନ ପକ୍ଷରୁ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ କଳାହାଣ୍ଡି ପୁରୁଣା ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ରାମ ବଳରାମ ଅବତାର, ସ୍ଥାନ: ମାଉସୀମା ମନ୍ଦିର , ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

# ଲଜ୍‌ରେ ପ୍ରେମିକାଙ୍କୁ ଛୁରି ଭୁସି ହତ୍ୟା

### ଥାନାରେ ପ୍ରେମିକଙ୍କ ଆତ୍ମସମର୍ପଣ

**ବ୍ରହ୍ମପୁର,୧୭(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲାରେ ଦିନକୁଦିନ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଜିଲାରେ ବଳାତ୍କାର ଓ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟି ଚାଲିଛି। ଗତ ୪ ଦିନ ମଧ୍ୟରେ ୫ ଜଣଙ୍କୁ ହତ୍ୟା କରାଗଲାଣି। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଲଜ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଖଳାସାହିର ପ୍ରିୟା କୁମାରୀ ମହାରଣା(୨୪)। ଅଭିଯୁକ୍ତ ପ୍ରେମିକ ଲାଞ୍ଜିପଲି ପାଢ଼ୀ କଲୋନିରେ ରହୁଥିବା ଅଭୟ କୁମାର ମହାରଣା(୨୪) ଗୋଷାଣି ନୂଆଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଖବରପାଇ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତିଶେଖର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଯୁବତୀଙ୍କୁ ଲଜ୍‌କୁ ଆଣି କାହିଁକି ହତ୍ୟାକଲେ ସେ ନେଇ ପୋଲିସ ଅଭିଯୁକ୍ତ ଅଭୟଙ୍କୁ ପଚରାଉଚରା କରୁଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ପ୍ରିୟାଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଥିବା ଜାଣିବା ପରେ ଅଭୟ ମାନସିକ ସ୍ତରରେ ବିଚଳିତ ଥିଲେ। ସେ ଯୋଜନାବଦ୍ଧ ଭାବେ ପ୍ରିୟାଙ୍କୁ ଆଣି ଲଜ୍‌ରେ ରଖିଥିଲେ। ପୂର୍ବାହ୍ନ ୧୧ଟାରେ ସେମାନେ 'ପୁଷ୍ପାଞ୍ଜଳି' ଲଜ୍‌କୁ ଆସି ରୁମ୍ ନଂ.୧୧୨କୁ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ଅଭୟ ତାଙ୍କ ପ୍ରେମିକା ପ୍ରିୟାଙ୍କ ଗଳା କାଟି ଦେଇଥିଲେ। ପରେ ସେ ଭୟଭୀତ ହୋଇ ଲଜ୍‌ରୁ ବାହାରି ଗୋଷାଣି ନୂଆଗାଁ ଥାନାରେ ଆତ୍ମସମର୍ପଣ କରି ଘଟଣା ସମ୍ପର୍କରେ ପୋଲିସକୁ କହିଥିଲେ। ପରେ ବୈଦ୍ୟନାଥପୁର ପୋଲିସ ଉକ୍ତ ଲଜ୍‌ରେ ପହଞ୍ଚି ପ୍ରିୟାଙ୍କ ମୃତଦେହ ଜବତ କରିବା ସହ ଉକ୍ତ ରୁମ୍‌କୁ ସିଲ୍ କରିଛି। ବୁଧବାର ମୃତଦେହ ପଞ୍ଚନାମା କରାଯିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ। ଜିଲାରେ ହତ୍ୟା ଓ ବଳାତ୍କାର ଭଳି ଘଟଣା ଏବେ ଚିନ୍ତାଜନକ ହୋଇଛି। ଗତ ଶନିବାର ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ରବିବାର ଛତ୍ରପୁର, ସୋମବାର ବେଗୁନିଆପଡ଼ା ଓ ମଙ୍ଗଳବାର ସକାଳେ ଛତ୍ରପୁରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମହାଦେବର ଖାଇ**
**ସହଦେବର ଗାଇବା ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ଏପରି କି ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ବି ପଶ୍ଚାତପଦ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାନିଲେ ଠାକୁର**
**ନ ମାନିଲେ ପଥର ।**

ଭାବନା ଓ ଶ୍ରଦ୍ଧାର ଅନ୍ୟ ନାମ ଶକ୍ତି ବା ଦେବତା। ଭାବନାନୁସାରେ ଈଶ୍ୱରଙ୍କର ଅଭ୍ୟୁଥାନ ଘଟିଥାଏ। ବ୍ୟକ୍ତିର ଭାବନା ଯେପରି ହୋଇଥାଏ ଠିକ୍ ସେହିପରି ଆକୃତି ବିଶିଷ୍ଟ ଦେବଦେବୀ ତାଙ୍କୁ ଦୃଶ୍ୟ ହୋଇଥାନ୍ତି। ମନରେ ଭକ୍ତି ଓ ବିଶ୍ୱାସ ରଖି ଯଦି ପଥର ଦେହରେ ସିନ୍ଦୂର ମାରି ତାକୁ ଦେବତା ଜ୍ଞାନ କରି ପୂଜା କରାଯାଏ ତେବେ ସେହି ଅନୁସାରେ ଫଳ ବା କୃପା ମିଳିଥାଏ। ବିଶ୍ୱାସରେ ହିଁ ଭଗବାନଙ୍କୁ ପାଇହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସତର୍କ ସଙ୍କେତ ଉପରେ ବୈତରଣୀ

**ଯାଜପୁର/ଭଣ୍ଡାରିପୋଖରୀ,୧୭ (ହର୍ଷବର୍ଦ୍ଧନ ବେହେରା/ରାଜେନ୍ଦ୍ର ଶତପଥୀ)**

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଆଖୁଆପଦାଠାରେ ସତର୍କସଙ୍କେତ ୧୭.୮୩ ମିଟର ରହିଥିବାବେଳେ ସେଠାରେ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ୧୮.୧୯ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ କୋରେଇ, ଦଶରଥପୁର ଓ ଯାଜପୁର ବ୍ଲକ ଅଞ୍ଚଳରେ ଥିବା ଦୁର୍ବଳ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଯାଜପୁର ଜଳ ସମ୍ପଦ ବିଭାଗର ରିପୋର୍ଟ ଅନୁସାରେ ବୈତରଣୀ ନଦୀର ଉପରମୁଣ୍ଡ ଆନନ୍ଦପୁର ବ୍ୟାରେଜରେ ସେକେଣ୍ଡ ପ୍ରତି ୧୭୦୦ ଘନମିଟର ବନ୍ୟା ଜଳ ପ୍ରବେଶ କରୁଥିବାବେଳେ ସେହି ପରିମାଣର ଜଳ ନିଷ୍କାସିତ ହେଉଛି। ତେବେ ଉପରମୁଣ୍ଡରେ ଆଗକୁ ବର୍ଷା ଯଦି ବଢ଼ିବ ତେବେ ଯାଜପୁର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଦଶରଥପୁର ବ୍ଲକ କୟାଁ ପଞ୍ଚାୟତରେ ଥିବା ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରଥମେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପୂର୍ବରୁ ୨୦୨୩ରେ ବ୍ରହ୍ମଚାରୀପାଟଣା ନଦୀବନ୍ଧରେ ପ୍ରାୟ ୧୦୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଫଳରେ ବନ୍ୟାଜଳ ୪୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରବେଶ କରିବା ଯୋଗୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ଏହାବାଦ୍ ୩୭୬୯ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ବୈତରଣୀ ନଦୀରେ ବନ୍ୟା ଆସିଲେ ସାଧାରଣତଃ କସପା, ଦୁଦୁରାଅଣ୍ଟା, ମଲିକାପୁର, ଶୁଖୁଆ, ନିଜାମପୁର, କୟାଁ, କମାରଡିହ, ଖାନନଗର, ଜୟନ୍ତରା ଓ କଟିକଟା ପଞ୍ଚାୟତବାସୀ କ୍ଷତିଗ୍ରସ୍ତ ହୋଇଥାନ୍ତି। ତେବେ ପ୍ରଶାସନ ପକ୍ଷରୁ ବନ୍ୟା ଆଶଙ୍କା ପ୍ରତି ତୀକ୍ଷ୍ଣ ନଜର ରହିଛି ଏବଂ ବୈତରଣୀରେ ବନ୍ୟା ଜଳ କ୍ରମଶଃ ହ୍ରାସ ପାଉଛି ବୋଲି ସୂଚନା ମିଳିଛି। ଅପରାହ୍ନରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଆଖୁଆପଦା ଆନିକଟ ଓ କଣ୍ଟିଘାଇ ପରିଦର୍ଶନ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସମୂହ ଛୁଟିରେ...

ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି, ସୋମବାର ରାତି ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୩ ଦିନ ମଧ୍ୟରେ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘକୁ ଆଶ୍ୱାସନା ଦେଇଥିଲେ। ହେଲେ ମଙ୍ଗଳବାର ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ମହିଳାଙ୍କୁ ଲଗାଇ ମିଥ୍ୟା ମାମଲା ରୁଜୁ କରାଯାଇଛି।

ଏହାଦ୍ୱାରା ଅତିରିକ୍ତ ଆୟୁକ୍ତଙ୍କ ମନୋବଳ ଭାଙ୍ଗିବା ସହିତ ଓଏଏସ୍ ଅଧିକାରୀମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଏହାକୁ ନେଇ ଲୋକସେବା ଭବନ ଗ୍ରାମ୍ୟ ଉନ୍ନୟନ ବିଭାଗ ସଭାକକ୍ଷରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଟିଏପଟେ ମୁଖ୍ୟମନ୍ତ୍ରୀ ସଂଘକୁ ଆଶ୍ୱାସନା ଦେଉଥିବାବେଳେ ଅନ୍ୟପକ୍ଷେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଏଭଳି ମାମଲା ରୁଜୁ କରିବା ଘଟଣାକୁ ଭିନ୍ନ ମୋଡ଼ ଦେବାଭଳି ଲାଗୁଛି। ତେଣୁ ସଂଘ ପକ୍ଷରୁ ଏହାକୁ ଘୋର୍ ନିନ୍ଦା କରାଯିବା ସହ ତୁରନ୍ତ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଯଦି ୨୪ ଘଣ୍ଟା ମଧ୍ୟରେ ସରକାରଙ୍କ ପକ୍ଷରୁ ଏନେଇ ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂଘ ପୂର୍ବରୁ ଦେଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଅଧିକାରୀମାନେ ସମୂହ ଛୁଟି ତଥା ଏକପ୍ରକାର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କଟକ, ଖୋର୍ଦ୍ଧା, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, ରାୟଗଡ଼ା, ଜଗତ୍‌ସିଂହପୁର, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡ଼ା, ସୁନ୍ଦରଗଡ଼, ଢେଙ୍କାନାଳ ଓ ଅନୁଗୋଳ ସମେତ ଅନ୍ୟ ସମସ୍ତ ଜିଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସେହିପରି ବିଏମ୍‌ସି କାର୍ଯ୍ୟାଳୟର କର୍ମଚାରୀମାନେ କଲାବ୍ୟାଜ୍ ପିନ୍ଧି ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଥିବା ଦେଖିବାକୁ ମିଳିଛି। ସମସ୍ତ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବାକୁ କର୍ମଚାରୀମାନେ ଜିଦ୍‌ରେ ଅଟଳ ରହିଛନ୍ତି।

## ୧୪ରେ ଓଡ଼ିଶା ଆସିବେ...

ଏମ୍‌ସ ଅଭିମୁଖେ ଯିବେ। ସେଠାରେ ଏମ୍‌ସର ୫ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ସେଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦେବେ। ଏହାପରେ ରାଜଭବନ ଫେରି ସେଠାରେ ରାତ୍ରିଯାପନ କରିବେ। ଏହାର ପରଦିନ ଅର୍ଥାତ୍ ୧୫ରେ କଟକ ଅଭିମୁଖେ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସେ କଟକରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଥିବା ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଉତ୍ସବ ଏବଂ କଳିଙ୍ଗ ରତ୍ନ ସମ୍ମାନ ୨୦୨୪ ସମ୍ମାନ ପାଇଁ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମିଲହେବେ। ସେଦିନ ଦିଲ୍ଲୀ ଅଭିମୁଖେ ରାଷ୍ଟ୍ରପତି ବାହାରିଯିବେ।

## ପାଣିଘେରରେ ଶତାଧିକ...

ମୁକାବିଲା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ରହିଛନ୍ତି। ଏହି ଦ୍ୱିତୀୟ ବନ୍ୟା ଭୋଗରାଇ, ବାଳିଆପାଳ, ଜଳେଶ୍ୱର ବ୍ଲକରେ ବିପନ୍ନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ରାଜଘାଟରେ ବନ୍ୟାପାଣି କମୁଥିବା ବେଳେ ଭୋଗରାଇ, ବାଳିଆପାଳ ଓ ଜଳେଶ୍ୱର ବ୍ଲକର ବହୁ ତଳିଆ ଅଞ୍ଚଳ ଜଳମଗ୍ନ ରହିଛି। ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ରହିଥିବା ବେଳେ ମଙ୍ଗଳବାର ସକାଳ ୯ରୁ ଜଳସ୍ତର ହ୍ରାସ ପାଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୬.୪୮ ମିଟରରେ ସ୍ଥିର ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ମଙ୍ଗଳବାର ଅପରାହ୍ନ ୩ଟା ସୁଦ୍ଧା ୪.୪୨ ମିଟରରେ ପ୍ରବାହିତ ହେଉଛି। ବାଳିଆପାଳ ବ୍ଲକ ଅଧୀନ ୯ଟି ପଞ୍ଚାୟତର ୫ଟି ଆଶ୍ରୟସ୍ଥଳୀକୁ ୧୨୨୫ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଜଳେଶ୍ୱର ବ୍ଲକ ୭ଟି ପଞ୍ଚାୟତର ଗୋଟିଏ ଆଶ୍ରୟସ୍ଥଳୀକୁ ୬୦, ଜଳେଶ୍ୱର ପୌରାଞ୍ଚଳ ଅଧୀନ ୮ଟି ୱାର୍ଡର ଗୋଟିଏ ଆଶ୍ରୟସ୍ଥଳୀକୁ ୫୫, ଭୋଗରାଇ ବ୍ଲକ ଅଧୀନ ୧୩ ପଞ୍ଚାୟତର ୬ଟି ଆଶ୍ରୟସ୍ଥଳୀକୁ ୫୫୦ ଓ ବସ୍ତା ବ୍ଲକ ଅଧୀନ ୧୪ ପଞ୍ଚାୟତର ୨ଟି ଆଶ୍ରୟସ୍ଥଳୀୟକୁ ୧୭୬୬ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟାଞ୍ଚଳରେ ହାଲୋଜିନ୍ ବଟିକା, ଓଆର୍‌ଏସ୍ ଆଦି ପ୍ରଦାନ କରାଯାଇଛି। ପ୍ରଶାସନ ତରଫରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୱାଟର ଟ୍ୟାଙ୍କର ସହ ପାଣି ବୋତଲ ଯୋଗାଇ ଦିଆଯାଇଛି। ଭୋଗରାଇ ବ୍ଲକର ୧୫ଟି ପଞ୍ଚାୟତର ୩୦ଟି ଗାଁ, ବସ୍ତା ବ୍ଲକର ୧୨ପଞ୍ଚାୟତର ୨୯ଗାଁ, ବାଳିଆପାଳ ବ୍ଲକର ୧୨ପଞ୍ଚାୟତର ୫୦ଟି ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବନ୍ୟା ପ୍ରଭାବିତ ବସ୍ତା, ଜଳେଶ୍ୱର, ବାଳିଆପାଳ ଓ ଭୋଗରାଇ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନକରି ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ନିଖୁଣ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର,୧୭(ସୁନିତ୍ ମିଶ୍ର)**

ରାଜ୍ୟର ବିଭିନ୍ନ ଜିଲାରେ ଏବେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନଙ୍କ ଘରେ ପାଣି ପଶିଯିବା କାରଣରୁ ସେମାନଙ୍କ ରହିବା ଏବଂ ଖାଇବା ଆଦି ସବୁଥିରେ ସମସ୍ୟା ଦେଖା ଦେଇଛି। ତେବେ ବନ୍ୟା ପରିସ୍ଥିତି ଯୋଗୁ ଯେଉଁମାନଙ୍କ କ୍ଷତି ହୋଇଛି ସେମାନଙ୍କ ନିଖୁଣ ଆକଳନ କରାଯିବ। ସେମାନଙ୍କ କ୍ଷୟକ୍ଷତି ପ୍ରଦାନ ଲାଗି କାମ ହେବାକୁ ଯାଉଛି। ଯେଉଁମାନଙ୍କର କ୍ଷତି ହୋଇଛି ସମସ୍ତଙ୍କୁ କ୍ଷତିପୂରଣ ମିଳିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।



## ତ୍ରୁଟି ଏଡ଼ାଇବାକୁ...

ସେଥିପାଇଁ ପ୍ରଶାସନ ତତ୍ପର ଥିବା ନେଇ ଅବଗତ ହୋଇଛି ଏବଂ ଏହାର କାର୍ଯ୍ୟକାରିତା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷାର ୩ଟି ମୁଖ୍ୟ ଦିଗ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ଗୁରୁତ୍ୱ ଦିଆଯିବ। ଆଗାମୀ ଉତ୍ସବଗୁଡ଼ିକରେ ଭିଡ଼ ନିୟନ୍ତ୍ରଣ ପାଇଁ ରିଅଲ-ଟାଇମ୍ କ୍ରାଉଡ୍ ଏଷ୍ଟିମେଶନ କରାଯିବ। କର୍ଡନ ପାସ୍ ସଂଖ୍ୟା କମାଇ କେବଳ ଅତ୍ୟାବଶ୍ୟକ ପାସ୍ ଇସ୍ୟୁ କରାଯିବ, ଯାହା କୌଣସି ପ୍ରକାରରେ ଟ୍ରାନ୍ସଫରେବଲ୍ ହେବ ନାହିଁ। ରଥ ଚାରିପଟେ ଓ ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ଫୋର୍ସ ଓ ସ୍ୱେଚ୍ଛାସେବୀ ନିୟୋଜନ କରାଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଶେଷ କରି ଭୁବନେଶ୍ୱର-ପୁରୀ ରାସ୍ତାରେ ଗାଡ଼ି ଚଳାଚଳ ନିୟନ୍ତ୍ରଣ କରାଯିବ। ଅନଧିକୃତ ଗାଡ଼ିକୁ ଭିଡ଼ ମଧ୍ୟରେ ପ୍ରବେଶ ନିଷେଧ କରାଯିବ। ଅଗ୍ନିଶମ ବିଭାଗକୁ ସମୁଦ୍ରକୂଳ ଓ ଅନ୍ୟ ହଟ୍‌ସ୍ପଟ୍ ଅଞ୍ଚଳରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜ୍ୱଳନଶୀଳ ବସ୍ତୁ ବିକ୍ରୟ ଓ ରାସ୍ତା ଅବରୋଧ କରି ରନ୍ଧା କାର୍ଯ୍ୟକୁ ବାରଣ କରାଯିବ। ଯଦି ସେବାୟତମାନଙ୍କର କୌଣସି ଅଭିଯୋଗ ରହିଛି, ତାହା ସେ ଆଗାମୀ ଦିନରେ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମର୍ପଣ ଭାବରେ ନିଜ ଦାୟିତ୍ୱ ନିର୍ବାହ କରି ଏହି ପବିତ୍ର ଉତ୍ସବକୁ ସଫଳ କରାଇବା ପାଇଁ ସମସ୍ତଙ୍କର ସହଯୋଗ କାମନା ସେ କରିଛନ୍ତି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ପ୍ରଯନ୍ କରିବା ଦିଗରେ ସଫଳତା ପାଇବେ। ସାମାଜିକ କାମରେ ସହଯୋଗ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ମଙ୍ଗଳଙ୍କ ବଳହୀନତାରୁ ଶାରୀରିକ କ୍ଲାନ୍ତି ଓ ଅବସାଦ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟିକରିବ।

**ବୃଷ** ରବି ଓ ବୁଧଙ୍କ ଯୋଗୁ ପ୍ରଭାବଶାଳୀ ପ୍ରକାଶଭଙ୍ଗୀ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ। ପରିବାରରେ, କର୍ମକ୍ଷେତ୍ରରେ, ସଂଗଠନରେ, ସଭାସମିତିରେ ବହୁ ଚର୍ଚ୍ଚିତ ହୋଇପାରନ୍ତି। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ ସ୍ଥିତି, ମାଲିମକଦ୍ଦମା, ସଙ୍ଗଠନ, ପରିଜନଙ୍କ ସହ ଯାତ୍ରା କ୍ଷେତ୍ରରେ ସଫଳତା ନିଶ୍ଚିତ। ଜମିଜମା କିମ୍ବା ଗୃହ ସମ୍ପର୍କୀୟ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଆସିପାରେ ।

**କର୍କଟ** କର୍ମାଧିପ ଧନସ୍ଥାନରେ ଥିବାରୁ କର୍ମମୁଖର କରାଇ ଅବସର ଦେଇ ନ ପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ କଥାବାର୍ତ୍ତା ଓ ବ୍ୟବହାରରେ ରୁକ୍ଷତା ବନ୍ଧୁଙ୍କୁ ଦୁଃଖ ଦେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ ଦୁଶ୍ଚିନ୍ତା ସାୟାହ୍ନେ ଦୂର ହେବ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ଆଜିର ଅନୁକୂଳ ଗ୍ରହସ୍ଥିତି ସୁସ୍ଥ ବାତାବରଣ ସୃଷ୍ଟିକରି ବନ୍ଧୁପ୍ରିୟ କରାଇବ। ଆବଶ୍ୟକତା ପୂରଣ ସକାଶେ ଟଙ୍କାପଇସା ଯୋଗାଡ଼ କରିବା ସକାଶେ ଫନ୍ଦି ଫିକର କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଅପରାହ୍ନରେ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ନ ପାରନ୍ତି।

**କନ୍ୟା** ଦଶମସ୍ଥାନସ୍ଥ ଗ୍ରହ କର୍ମକ୍ଷେତ୍ରକୁ ଚଳଞ୍ଚଳ କରାଇବେ। ବୃହସ୍ପତିଙ୍କ ଦୃଷ୍ଟିଫଳରେ ପରିବାର, ବନ୍ଧୁମିଳନ, ଆନୁଷ୍ଠାନିକ କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। କୌଣସି କଥାକୁ ଭଲ ରୂପେ ବିଚାର ନ କଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ସ୍ୱାର୍ଥସାଧନର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି।

**ତୁଳା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ଧନ, ସମ୍ମାନ, ଉଚ୍ଚ ପଦବୀ ଓ ବିଶିଷ୍ଟବନ୍ଧୁମାନଙ୍କ ସଙ୍ଗଲାଭ କରାଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ଚିନ୍ତା କରିବାକୁ ପଡ଼ିବନାହିଁ। ଅବଶ୍ୟ ପରିବାରରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି।

**ବିଛା** ରାଶ୍ୟାଧିପତିଙ୍କ କୁପ୍ରଭାବରୁ ସ୍ୱାସ୍ଥ୍ୟ ଖରାପ ଲାଗି ଚିନ୍ତିତ ହେବେ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ପାରିବାରିକ ପ୍ରତିରୋଧ ଆପଣଙ୍କ କାମକୁ ଦୀର୍ଘସମୟଧରି ବିଶେଷ ବିଶୃଙ୍ଖଳିତ କରି ରଖିବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହୋଇପାରେ।

**ଧନୁ** ସପ୍ତମ କେନ୍ଦ୍ରସ୍ଥ ଗ୍ରହ ଯାତ୍ରାରେ ଦ୍ୱନ୍ଦ୍ୱ, ବିବାଦରେ ପରାଜୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିଜନିତ ଚିନ୍ତା ସୃଷ୍ଟିକରେ। ବନ୍ଧୁଙ୍କ ଅପମାନଜନକ ବ୍ୟବହାର ଆଘାତ ଦେବ। ପରିବାର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କ୍ରୀଡା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ କରିପାରିବେ।

**ମକର** ଅଷ୍ଟମସ୍ଥ ଗ୍ରହଜନିତ ପରୋକ୍ଷ ଶତ୍ରୁତା, ସ୍ୱାସ୍ଥ୍ୟହାନି ଓ ଅର୍ଥସଂକଟ ମାନସିକ ସ୍ଥିତିକୁ ବିପନ୍ନ କରିବ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ । ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସଭାସମିତି, ଆନୁଷ୍ଠାନିକ କାମ ଓ ରାଜନୀତିରେ ଟେନ୍ସନ ଲାଗି ରହିବ ।

**କୁମ୍ଭ** ଆଜିର ଗ୍ରହପ୍ରଭାବରେ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହେବ। ତଥାପି ବିଭିନ୍ନ ବ୍ୟତିକ୍ରମ ମଧ୍ୟରେ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ କୌଣସି ଅସୁବିଧା ହେବ ନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିହେବାରେ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ମୀନ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭତ୍ୱ ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସମସ୍ୟାର କାରଣ ହେବ। ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟେକ ଅସୁବିଧାକୁ ସୁଧାରି ନେବାରେ ସମର୍ଥ ହେବେ।

ଆଜି ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ। ଆଷାଢ଼ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୧.୦୮ମି. ଗତେ ହସ୍ତା/କନ୍ୟା, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୩ମି. ଗତେ ଘ.୦୮.୩୩ମି. ମଧ୍ୟେ, ଦିବା ଘ.୧୦.୧୧ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁ କାଳ।

# ବିଏମ୍‌ସି ଅଧିକାରୀଙ୍କୁ ମାଡ଼ ନିନ୍ଦନୀୟ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ରତ୍ନାକର ସାହୁ ବରିଷ୍ଠ ଓଏଏସ୍ ଅଧିକାରୀ ହୋଇଥିବାବେଳେ ତାଙ୍କୁ କାର୍ଯ୍ୟାଳୟ ମଧ୍ୟରେ ଜଣେ କର୍ପୋରେଟରଙ୍କ ସମେତ କେତେଜଣ ରାଜନୈତିକ ବ୍ୟକ୍ତିବିଶେଷ ଘୋଷାରି ଆଣି ବିଧା, ଗୋଇଠା ସହ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏକ ସଭ୍ୟ ସମାଜରେ ଏଭଳି ଘଟଣାର କେବେବି ଗ୍ରହଣୀୟ ନୁହେଁ ବୋଲି ଓଏଏସ୍ ଅଫିସର ସଂଘ କହିଛି। ଏହି ଘଟଣାକୁ ପ୍ରତିବାଦ କରି ସାରା ରାଜ୍ୟରେ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଉଥିବା ଦେଖାଯାଇଛି। ଉକ୍ତ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଥିବାବେଳେ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ ଦାବିରେ ସଂଘ ଅଡ଼ି ବସିବା ସହ ୨୪ଘଣ୍ଟିଆ ମହଲତ ଦେଇଛି।



## ଘଟଣା ନିନ୍ଦନୀୟ



ବିଏମ୍‌ସି କାର୍ଯ୍ୟାଳୟରେ ପଶି କାର୍ଯ୍ୟରତ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ତଥା ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ମାଡ଼ ମରାଯିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ସବୁ ମହଲରେ ନିନ୍ଦା କରାଯିବା ଉଚିତ୍। ମଙ୍ଗଳବାର ଖୋର୍ଦ୍ଧା ଜିଲା ଆସୋସିଏଶନ ପକ୍ଷରୁ ଓଏଏସ୍ ଅଫିସରମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି।

–ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ (ପ୍ରଶାସନ), ଖୋର୍ଦ୍ଧା

## 'ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ'



ଜଣେ କାର୍ଯ୍ୟରତ ଓଏଏସ୍ ଅଫିସରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯିବା ନିନ୍ଦନୀୟ ଘଟଣା। ଏହାକୁ ସେ ଦୃଢ଼ ଭାବେ ନିନ୍ଦା କରୁଛନ୍ତି। ଅଫିସରମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଯୋଗାଇ ଦିଆଯାଉ। ଏଥିସହ ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ପ୍ରଶାସନିକ ଅଧିକାରୀମାନେ ଲୋକଙ୍କୁ ସେବା ଯୋଗାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ବିଭିନ୍ନ ସମୟରେ ଆକ୍ରୋଶ କିମ୍ବା ଆକ୍ରମଣର ଶିକାର ହେବାକୁ ପଡୁଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ।

–ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ଉପଜିଲାପାଳ

## ସୁରକ୍ଷା ଯୋଗାଇବା ଜରୁରୀ



ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ଗଜପତି ଓଏଏସ୍ ଓ ଓଆର୍‌ଏସ୍ ସଂଘ ତୀବ୍ର ନିନ୍ଦା କରୁଛି। ଓଏଏସ୍ ଅଧିକାରୀମାନେ କାର୍ଯ୍ୟରତ ଥିବାବେଳେ ସେମାନଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ରହୁନାହିଁ। ଯଦି ଜଣେ ଓଏଏସ୍ ଅଧିକାରୀଙ୍କୁ ଏଭଳି ଅବସ୍ଥା ଦେଖିବାକୁ ପଡୁଛି, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଓଏଏସ୍ ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ।

– ଫାଲ୍‌ଗୁନୀ ମାଝୀ, ଅତିରିକ୍ତ ଜିଲାପାଳ,ଗଜପତି

## ଅକ୍ଷମଣୀୟ ଅପରାଧ



ବିଏମ୍‌ସି ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଆକ୍ରମଣ କରିବା ଏକ ଅକ୍ଷମଣୀୟ ଅପରାଧ। ଯେତେ ନିନ୍ଦା କଲେ ମଧ କମ୍ ହେବ। ପ୍ରଶାସନିକ ଅଧିକାରୀଙ୍କ ଉପରେ ଆକ୍ରମଣ ହେଲେ ସେମାନେ ଭୟଭୀତ ହେବେ। ଫଳରେ ସରକାରଙ୍କ ଠାରୁ ପାଇଥିବା ଲୋକଙ୍କ ସେବା କରିବାର ଦାୟିତ୍ୱ ଠିକ୍ ଭାବରେ ତୁଲାଇ ପାରିବେ ନାହିଁ। ଏଣୁ ଏଭଳି ହୀନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର।

– ମାୟାଧର ବେହେରା, ଅନୁଗୋଳ ଉପଜିଲାପାଳ

## ଘଟଣାର ପୁନରାବୃତ୍ତି ନ ହେଉ



ଏପରି ଅମାନବୀୟ ଘଟଣାକୁ ସମସ୍ତେ ନିନ୍ଦା କରିବା କଥା। ଆଇନକୁ କେହି ହାତକୁ ନେବା ଉଚିତ ନୁହେଁ। ଏହି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଉ। ଆଇନ ଅନୁଯାୟୀ କାମକଲେ ସମସ୍ତଙ୍କ ପାଇଁ ଭଲ ହେବ।

– ଉପେନ୍ଦ୍ର କୁମାର ଲୁହା, ଆଠମଲ୍ଲିକ ଉପଜିଲାପାଳ

## ଆଇନ ନିଜ ହାତକୁ ନେବା ଅନୁଚିତ



କାର୍ଯ୍ୟରତ ଜଣେ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ କେବେ ଗ୍ରହଣୀୟ ନୁହେଁ। କୌଣସି ବ୍ୟକ୍ତି ଆଇନ ନିଜ ହାତକୁ ନେଇ ଏହା କରିବା ଅନୁଚିତ। ଏହାକୁ ଆମେ ଓଏଏସ୍ ଅଧିକାରୀମାନେ ବିରୋଧ କରୁଛୁ। ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉ। ସେଥିପାଇଁ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛୁ। କାର୍ଯ୍ୟରତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଆମେମାନେ ଦାବି କରୁଛୁ।

–ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଜିଲାପାଳ, କଟକ ସଦର

## ଏଭଳି ଆଚରଣ ଶୁଭଙ୍କର ନୁହେଁ



ଗଣତନ୍ତ୍ର ରାଷ୍ଟ୍ରରେ ଜଣେ କାର୍ଯ୍ୟରତ ଅଧିକାରୀଙ୍କ ପ୍ରତି ଏଭଳି ଆଚରଣ କେବେ ଶୁଭଙ୍କର ନୁହେଁ। ଦେଶରେ ଆଇନକାନୁନ ରହିଛି। କେହି ସେସବୁର ଉର୍ଦ୍ଧ୍ୱରେ ନୁହନ୍ତି। ସେଥିପାଇଁ ଜନସାଧାରଣ ଓ ସରକାରୀ ଅଧିକାରୀ ଯତ୍ନବାନ ହେବା ଉଚିତ। ଅପରପକ୍ଷରେ ଆମେ ଅଧିକାରୀମାନେ ମଧ ସକାରାତ୍ମକ ଚିନ୍ତାଧାରା ନେଇ ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଭଳି ଘଟଣା ହେବା ଦ୍ୱାରା କାମ କରିବା ପାଇଁ ସ୍ପୃହା ଆସୁନାହିଁ।

–ଶ୍ୱେତ କୁମାର ଦାଶ, ସଚିବ, ସିଡିଏ, କଟକ

## ବରିଷ୍ଠ ଅଧିକାରୀଙ୍କୁ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଉ



ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଅତି ଅମାନୁଷିକ। ଏଭଳି ଘଟଣା ଆଦୌ ଘଟିବା ଉଚିତ୍ ନୁହେଁ। ଏହାର ପ୍ରତିବାଦରେ ସମୂହ ଛୁଟି ନିଷ୍ପତ୍ତି ନେଇଛୁ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବରିଷ୍ଠ ଅଧିକାରୀଙ୍କ ସୁରକ୍ଷା ପାଇଁ ସୁରକ୍ଷା କର୍ମୀ(ପିଏସ୍‌ଓ) ଯୋଗାଇ ଦିଆଯାଉ।

–ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ, କେନ୍ଦୁଝର

## ସ୍ଥାୟୀ ସମାଧାନ ନ ହେବା ଯାଏ ଆନ୍ଦୋଳନ



ଅଭିଯୋଗ ଶୁଣାଣି ବେଳେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ନିନ୍ଦନୀୟ। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଓଡ଼ିଶା ପ୍ରଶାସନିକ ସେବା ସଂଘ ସମୂହ ଛୁଟି ନିଷ୍ପତ୍ତି ନେଇଛି। ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଭାରତୀୟ ପ୍ରଶାସନିକ ସେବା ସଂଘ, ଯନ୍ତ୍ରୀ ସଂଘ, ରାଜସ୍ୱ ନିରୀକ୍ଷକ ସଂଘ ଓ ଅମଲା ସଂଘ ମଧ ଆମ ଦାବିକୁ ସମର୍ଥନ ଜଣାଇବେ ବୋଲି ଆଶା କରୁଛୁ।

– ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ, ମୟୂରଭଞ୍ଜ।

## 'କାର୍ଯ୍ୟରତ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉ'



ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। କାର୍ଯ୍ୟରତ ଅଫିସରଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ। ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ ଜିଲାରେ କାର୍ଯ୍ୟରତ ସମସ୍ତ ଅଫିସର ସମୂହ ଛୁଟିରେ ଅଛନ୍ତି। ଜନସାଧାରଣଙ୍କ ପାଇଁ ସେବା କରୁଥିବା ଅଫିସରଙ୍କ ସୁରକ୍ଷା ଓ ନିରାପତ୍ତା ଦିଗରେ ସରକାରୀ ବ୍ୟବସ୍ଥା ଲାଗୁ ହେଉ।

–ସୁଧାକର ନାୟକ, ଏଡ଼ିଏମ୍ ତଥା ବାଲେଶ୍ୱର ଜିଲା ଓଏଏସ୍, ଓଆର୍‌ଏସ୍ ଅଫିସର ସଂଘ ସଭାପତି

## ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ



ଏହି ଘଟଣାକୁ ଦୃଢ଼ ନିନ୍ଦା କରୁଛି। ଏଭଳି ଘଟଣା ଆମ ମନକୁ ଆଘାତ ଦେଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆମେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ଜାରି ରଖିବୁ। କିନ୍ତୁ ପୂର୍ବରୁ ହେଉଥିବା କାର୍ଯ୍ୟ ଅପେକ୍ଷା ବର୍ତ୍ତମାନ ଏଥିରେ ବିଳମ୍ବ ହୋଇପାରେ।

–ବେଣୁଧର ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, କୋରାପୁଟ

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ



ଏହା ଏକ ନିନ୍ଦନୀୟ ଘଟଣା। ଜଣେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ ଏବେ ଚିନ୍ତା ବଢ଼ାଇଛି। ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସରକାର ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଏଥିସହ ଆମମାନଙ୍କୁ ସୁରକ୍ଷା ଯୋଗଇ ଦେବା ଜରୁରୀ।

–ବିରଞ୍ଚି ନାରାୟଣ ଦରୱାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ନବରଙ୍ଗପୁର

## ସରକାର ଆମକୁ ସୁରକ୍ଷା ଯୋଗାଇ ଦିଅନ୍ତୁ



ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ଆକ୍ରମଣକୁ ମୁଁ ଦୃଢ଼ ନିନ୍ଦା କରିବା ସହ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରୁଛି । ସରକାର ଏହା ଉପରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାରା ଓଡ଼ିଶାରେ ଥିବା ସମସ୍ତ ଓଏଏସ୍ ଅଧିକାରୀ ଛୁଟିରେ ଯିବେ । ସେଥିରେ ମାଲକାନଗିରି ଜିଲାର ସମସ୍ତ ଓଏଏସ୍ ଅଧିକାରୀ ସାମିଲ ହେବେ । ବର୍ତ୍ତମାନ ଆମେ କେହି ସୁରକ୍ଷିତ ନୋହୁଁ । ସରକାର ଆମକୁ ସୁରକ୍ଷା ଯୋଗାଇ ଦିଅନ୍ତୁ।

– ଦୁର୍ଯ୍ୟୋଧନ ଭୋଇ, ଉପଜିଲାପାଳ, ମାଲକାନଗିରି

## ଓଏଏସ୍ ଅଫିସର ସୁରକ୍ଷା ପାଇଁ କଡା ଆଇନ ଲାଗୁ ଦାବି



ଜଣେ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀଙ୍କୁ ବିଏମ୍‌ସି ଅଫିସ୍ ଭିତରେ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। କୌଣସି ସମସ୍ୟା ରହିଥିଲେ ଶାନ୍ତିପୂର୍ଣ୍ଣ ଆଲୋଚନା ପୂର୍ବକ ସମାଧାନ କରାଯାଇପାରିଥାନ୍ତା। ତେଣୁ ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ଡାକ୍ତରଙ୍କୁ ଦୁର୍ବ୍ୟବହାର କଲେ ସେମାନଙ୍କ ସୁରକ୍ଷା ପାଇଁ ଯେଭଳି କଡା ଆଇନ ବ୍ୟବସ୍ଥା ରହିଛି, ଓଏଏସ୍‌ମାନଙ୍କ ପାଇଁ ମଧ ସେହିଭଳି ଆଇନ ଲାଗୁ କରିବା ପାଇଁ ଆମେ ଦାବି କରୁଛୁ ।

– ନବୀନ ଚନ୍ଦ୍ର ନାଏକ, ରାୟଗଡା ଅତିରିକ୍ତ ଜିଲାପାଳ

## ବିଏମ୍‌ସି ଅଧିକାରୀଙ୍କୁ ଆକ୍ରମଣ ଘୃଣ୍ୟ, ନିନ୍ଦନୀୟ



–ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନରଙ୍କୁ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ଯେଉଁଭଳି ଆକ୍ରମଣ ହୋଇଛି ତାହା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ଘଟଣା। ଜଣେ ପବ୍ଲିକ ଅଫିସରଙ୍କ ପ୍ରତି ଏଭଳି ଅମାନୁଷିକ ଆକ୍ରମଣକୁ ଯେତେ ନିନ୍ଦା କଲେ କମ୍ ହେବ। ଏହାର ପ୍ରତିକ୍ରିୟା ରାଜ୍ୟବ୍ୟାପୀ ପ୍ରତିଫଳିତ ହୋଇଛି। ଜଗତ୍‌ସିଂହପୁର ଜିଲା ଓଏଏସ୍ ଆସୋସିଏଶନ୍ ସଭାପତି ଅତିରିକ୍ତ ଜିଲାପାଳ ଜ୍ୟୋତିରଞ୍ଜନ ରାୟଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାର ସମସ୍ତ ଓଏଏସ୍ ଅଫିସର ମଙ୍ଗଳବାର କାର୍ଯ୍ୟ ବନ୍ଦ କରିଛନ୍ତି।

–ପ୍ରଶାନ୍ତ କୁମାର ତରାଇ, ଉପଜିଲାପାଳ, ଜଗତ୍‌ସିଂହପୁର

## ମାଡ଼ଖାଇବୁ ତ କାହିଁକି କାମ କରିବୁ



ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଯେଭଳି ଆକ୍ରମଣ କରାଗଲା, ତାହା ଅତି ନିନ୍ଦନୀୟ। ଅଧିକାରୀମାନଙ୍କୁ ସୁରକ୍ଷା ନିହାତି ଜରୁରୀ। ଲୋକଙ୍କ ପାଇଁ ଆମେ କାମ କରୁଛୁ। ମାଡ଼ଖାଇବୁ ତ କାହିଁକି କାମ କରିବୁ। ସେଥିପାଇଁ ମଙ୍ଗଳବାର ରାଜ୍ୟର ସମସ୍ତ ଓଏଏସ୍ ଅଧିକାରୀ ସମୂହ ଛୁଟିରେ ରହିବା ପାଇଁ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛୁ। ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ, ଯେଭଳି ଆଗକୁ ସେଭଳି ଆକ୍ରମଣ ପାଇଁ କାହାର ବି ସାହସ ହେବ ନାହିଁ।

–ପ୍ରସନ୍ନ କୁମାର ପାଣ୍ଡେ, ଉପଜିଲାପାଳ, ବରଗଡ଼

## ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ



ବିଏମ୍‌ସି ଅଫିସରେ ଜଣେ କର୍ତ୍ତବ୍ୟ ପରାୟଣ ଏବଂ କାର୍ଯ୍ୟରତ ଅଧିକାରୀଙ୍କୁ ଯେଭଳି ଭାବେ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ଅମାନୁଷିକ ଓ ନିନ୍ଦନୀୟ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ। ପ୍ରଶାସନିକ ଅଧିକାରୀମାନେ ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ନିୟୋଜିତ ହୋଇଛନ୍ତି। ସେମାନଙ୍କ ସୁରକ୍ଷାକୁ ନିହାତି ଗୁରୁତ୍ୱ ଦିଆଯିବା କଥା।

– ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ, ବଲାଙ୍ଗୀର

## କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ



ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ନିଆଯାଉ। ସମସ୍ତ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଜିଲାରେ ଓଏଏସ୍ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ।

–ଉମାଶଙ୍କର ବେହେରା, ଉପଜିଲାପାଳ (ଭଞ୍ଜନଗର)

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ



ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ସୋମବାର ଯେଉଁ ଘଟଣା ଘଟିଛି ତାହା ସଭ୍ୟ ସମାଜରେ ବିରଳ। ଜଣେ ଓଏଏସ୍ ଅଧିକାରୀଙ୍କୁ ତଳେ ପକାଇ ମାଡ଼ ମରାଯାଇଛି। ଏହା ମାନବାଧିକାର ଉଲଂଘନ। ଯଦି ରାଜ୍ୟରେ ଏଭଳି ହୁଏ ତାହାଲେ ଜଣେ ପବ୍ଲିକ ସରଭ୍ୟାଣ୍ଟ କିପରି କାମ କରିବ। ଏହି ଘଟଣାକୁ ସମ୍ପୂର୍ଣ୍ଣ ନିନ୍ଦା କରୁଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

– ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲାପାଳ, କନ୍ଧମାଳ

## ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ



ବିଏମ୍‌ସି କାର୍ଯ୍ୟାଳୟରେ ପଶି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିବା ନିନ୍ଦନୀୟ ଘଟଣା। ସରକାର ଓ ଆଇନଗତ ବ୍ୟବସ୍ଥା ଜନସାଧାରଣଙ୍କ ହିତ ଓ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଏ। କିନ୍ତୁ ବିଏମ୍‌ସି କାର୍ଯ୍ୟାଳୟରେ ଜନସାଧାରଣଙ୍କୁ ସହଯୋଗ ପାଇଁ କାର୍ଯ୍ୟରତ ଜଣେ ଓଏଏସ୍ ଅଧିକାରୀଙ୍କୁ ଏଭଳି ସଂଘବଦ୍ଧ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦରକାର। ଏଥିପାଇଁ ରାଉରକେଲାରେ କାର୍ଯ୍ୟରତ ଓଏଏସ୍ ସଂଘ ପକ୍ଷରୁ ମଙ୍ଗଳବାର କଲମଛାଡ ଆନ୍ଦୋଳନ ଜାରି ରହିଛି। ଆଇନ ହାତକୁ ନେବା ସମ୍ବିଧାନର ବିରୁଦ୍ଧାଚରଣ। ତେଣୁ ବିଏମ୍‌ସିରେ କାର୍ଯ୍ୟରତ ଅତିରିକ୍ତ କମିଶନରଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହ ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ।

–ବିଜୟ କୁମାର ନାୟକ, ପାନପୋଷ ଉପଜିଲାପାଳ

## ଅଭିଯୁକ୍ତଙ୍କ ଗିରଫ ପାଇଁ ସରକାର ପଦକ୍ଷେପ ନିଅନ୍ତୁ



ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର କାର୍ଯ୍ୟାଳୟ ପରିସରରେ କେତେଜଣ ବ୍ୟକ୍ତି ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ ଦଫା ଲଗାଯାଉ। ସେହିପରି ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର୍ସ ସଂଘ ଏନେଇ କରିଥିବା ପ୍ରତିବାଦକୁ ମୁଁ ସମର୍ଥନ କରୁଛି।

–ସବ୍ୟସାଚୀ ପଣ୍ଡା, ଉପଜିଲାପାଳ, ଝାରସୁଗୁଡ଼ା

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ



ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଆମେ ସମୂହ ଛୁଟିରେ ଅଛୁ। ଯେଉଁ ଅଧିକାରୀ ଆକ୍ରମଣର ଶିକାର ହୋଇଛନ୍ତି ତାଙ୍କ ହୃଦୟକୁ ବଡ଼ ଆଘାତ ଲାଗିଥିବ, ଆମେ ତାହା ଅନୁଭବ କରି ଆନ୍ଦୋଳନ ଜାରି ରଖିଛୁ। ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଓଏଏସ୍ ସଂଘର ସଭାରେ ଘଟଣାକୁ ଦୃଢ଼ଭାବେ ନିନ୍ଦା କରାଯାଇଛି। ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଆମର ସୁରକ୍ଷା ଦାବି କରୁଛୁ।

–ରୋଜିନା ଦାସ, ଓଏଏସ୍ ଅଫିସର ସଂଘର ନୟାଗଡ଼ ଜିଲା ସଭାନେତ୍ରୀ ତଥା ନୟାଗଡ଼ ଅତିରିକ୍ତ ଜିଲାପାଳ

## ଅଧିକାରୀଙ୍କୁ ନିର୍ଭୟରେ କାମ କରିବାକୁ ଦିଆଯାଉ



ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟାଳୟ ପରିସରରେ ଘୋଷାରି ମାଡ ମାରିବା ନିନ୍ଦନୀୟ। ଏହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ନିର୍ଭୟରେ କାମ କରିବାକୁ ଦିଆଯାଉ। ସରକାରୀ କର୍ମଚାରୀମାନେ କିଭଳି ସୁରକ୍ଷିତ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ ସେ ନେଇ ସରକାର ସୁନିଶ୍ଚିତ କରନ୍ତୁ।

–ଡ. ସୌମ୍ୟାରୂପା ରଥ, ସୋନପୁର ଉପଜିଲାପାଳ

## ନିରାପତ୍ତା ନ ଥିଲେ କାର୍ଯ୍ୟ କରିହେବନି



ଭୁବନେଶ୍ୱର ମହାନଗର ନିଗମରେ ଯେପରି ଅତିରିକ୍ତ କମିଶନରଙ୍କୁ ମାଡ଼ ମରାଗଲା ତାହା ଦୁର୍ଭାଗ୍ୟଜନକ। ଯେତେ ନିନ୍ଦା କଲେ କମ ହେବ। ସାମାଜିକ ନିରାପତ୍ତା ନ ରହିଲେ କାର୍ଯ୍ୟ କରିହେବନି। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାର ସମସ୍ତ ଓଏଏସ୍ ଓ ଓଆରଏସ୍ କର୍ମଚାରୀ ସମୂହ ଛୁଟି ନେଇଛନ୍ତି। ଉପଯୁକ୍ତ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ।

– ଅରୁଣ କୁମାର ନାୟକ, ଉପଜିଲାପାଳ, କେନ୍ଦ୍ରାପଡ଼ା

# ଅଧିକାରୀଙ୍କୁ ଗୋଲାମ କରିବାକୁ ଭାଜପା ଚାହୁଁଛି : ଭକ୍ତ

ଭୁବନେଶ୍ୱର,୧୭(ରବିନାରାୟଣ ଜେନା)

ବିଏମ୍‌ସିର ଅତିରିକ୍ତ କମିଶନରଙ୍କୁ କର୍ପୋରେଟରଙ୍କ ମାଡ଼ମାରା ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଭାଜପା ଓ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ବିଏମ୍‌ସିରେ ଜନଶୁଣାଣି ଚାଲିଥିବା ବେଳେ କର୍ପୋରେଟର ଓ ଅନ୍ୟମାନେ ତାଙ୍କୁ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ସରକାରୀ ଅଧିକାରୀମାନଙ୍କୁ ଗୋଲାମ ନୀତି ଆପଣାଇବା ପାଇଁ ଭାଜପା ଓ ସରକାର ଚାହୁଁଛନ୍ତି, ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ



ନିଜେ ସରକାରୀ କାର୍ଯ୍ୟକ୍ରମରେ ସଭାପତି, ଜିଲା ସଭାପତି ଓ କର୍ମୀମାନଙ୍କୁ ବସାଉଛନ୍ତି। ପୂରା ଓଡ଼ିଶାରେ ଏପରି ବାତାବରଣ ସୃଷ୍ଟି ହୋଇଛି। ସରକାରୀ ଅଧିକାରୀଙ୍କୁ ଭାଜପାକରଣ କରିବାକୁ ଶାସକ ଦଳ ଚାହୁଁଛି। ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀମାନେ ଏବେ ଅପମାନିତ ହୋଇଛନ୍ତି। ସରକାରୀ ଅଧିକାରୀମାନଙ୍କୁ ସରକାର ତୁରନ୍ତ କ୍ଷମା ମାଗନ୍ତୁ । ଭାଜପାର ମଧ୍ୟ ପରାଜିତ ବିଧାୟକ ପ୍ରାର୍ଥୀଙ୍କୁ ତୁରନ୍ତ ଗିରଫ କରାଯାଉ । କିଏ କେଉଁଠିକୁ ଯିବ ସେମାନଙ୍କ ପାଇଁ ସରକାର ଆଡ୍‌ଭାଇଜରି ଜାରି କରନ୍ତୁ ବୋଲି ଭକ୍ତ କହିଛନ୍ତି।

# ଅଧିକାରୀ ବ୍ୟବହାର ଖରାପ କରୁଛନ୍ତି : ଜଗନ୍ନାଥ

ଭୁବନେଶ୍ୱର,୧୭(ରବିନାରାୟଣ ଜେନା)

ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ଗୋଟେହାତରେ କେବେ ବି ତାଳି ବାଜେନି। ସେ ଜଣେ ସରକାରୀ ଅଧିକାରୀ ଭାବେ ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରିଛନ୍ତି, ଯାହାକୁ ନେଇ ଏପରି ଘଟଣା ଘଟିଛି। ସେ ପୁଣି କହିଛନ୍ତି, ଦୀର୍ଘଦିନ ପରେ ମଧ୍ୟ ସରକାରୀ ଅଧିକାରୀଙ୍କ ବିଜେଡି ପ୍ରୀତି ଛାଡ଼ିନାହିଁ। ଯେଉଁଠି ଜନପ୍ରତିନିଧିମାନଙ୍କୁ ସମ୍ମାନ ଦିଆଯାଉନାହିଁ



ସେଠି ସାଧାରଣ ନାଗରିକଙ୍କ ଉପରେ କ'ଣ ଘଟୁଥିବ ତାହା ସ୍ପଷ୍ଟ ଅନୁମେୟ। ସେ କହିଥିଲେ ଯେ, ଏକ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମୁଁ ଅତିରିକ୍ତ କମିଶନରଙ୍କୁ ଫୋନ୍ କରିଥିଲି। ସେ ଫୋନ୍‌ରେ ମୋତେ ଅଶାଳୀନ ବ୍ୟବହାର କରିଥିଲେ। ଏହାପରେ ୱାର୍ଡରେ କାମ କରୁଥିବା କର୍ମୀମାନେ ଅତିରିକ୍ତ କମିଶନରଙ୍କୁ ସାକ୍ଷାତ୍ କରି ପଚାରିବାକୁ ଯାଇଥିଲେ। ହେଲେ ଦଳୀୟ କର୍ମୀମାନଙ୍କୁ ଅତିରିକ୍ତ କମିଶନର ଦୁର୍ବ୍ୟବହାର କରିଥିଲେ। ଏହାପରେ ଯେଉଁ ଘଟଣା ଘଟିଛି ତାହା ଦୁଃଖଦାୟକ। ମୋହନ ସରକାର ଏହାକୁ ବରଦାସ୍ତ କରିବେ ନାହିଁ ବୋଲି ଜଗନ୍ନାଥ କହିଛନ୍ତି।

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ପାଣ୍ଠିରୁ ପ୍ରଭାବ

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ୨୦ ଜାନୁଆରୀ ୨୦୨୫ରେ ଶପଥ ନେବା ପରେ ବିଶ୍ୱ ରାଜନୈତିକ ଓ ରଣନୀତିକ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ହେବାରେ ଲାଗିଛି। ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପାଳିର ପ୍ରାରମ୍ଭରୁ ବେଆଇନ ଅନୁପ୍ରବେଶକୁ ବିରୋଧ, ଲିଙ୍ଗଗତ ବିଚାରରେ ସମଲିଙ୍ଗୀ ବିରୋଧୀ ନିଷ୍ପତ୍ତି, ସରକାରୀ ଦକ୍ଷତା ବିଭାଗ ଦ୍ୱାରା ନିଯୁକ୍ତି ହ୍ରାସ, ଗର୍ଭପାତ ନିରୋଧୀ ପଦକ୍ଷେପ ସବୁ ତାଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଶୈଳୀକୁ ସୂଚାଉଛି। ସେ ଶପଥ ନେବାର ୫ ଦିନ ପରେ ଅର୍ଥାତ୍ ଜାନୁଆରୀ ୨୫ରେ କେବଳ ଇସ୍ରାଏଲ ଓ ଇଜିପ୍ଟକୁ ବାଦ୍ ଦେଲେ ୟୁକ୍ରେନ ସମେତ ଅନ୍ୟ ଦେଶଗୁଡ଼ିକୁ ବିଦେଶୀ ସହାୟତା ବନ୍ଦ କରିବାକୁ ଆମେରିକାର ପରରାଷ୍ଟ୍ର ବିଭାଗ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲା। ଏଥିରେ 'ଆମେରିକା ପ୍ରଥମ' ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଆମେରିକା ଦେଇଥିବା ବିତ୍ତୀୟ ସହାୟତାର ସମୀକ୍ଷା କରାଯିବା ସହ ଅନ୍ୟ ଦେଶଗୁଡ଼ିକୁ ନୂଆ ପାଣ୍ଠି ଦିଆଯିବ ନାହିଁ କିମ୍ବା ନବୀକରଣ କରାଯିବ ନାହିଁ ବୋଲି ଏଥିରେ ଦର୍ଶାଯାଇଥିଲା। ଏବେ ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ ପତ୍ରିକା 'ଲାନ୍‌ସେଟ୍' ପକ୍ଷରୁ କୁହାଯାଇଛି ଯେ, ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା (ୟୁଏସ୍ଏଆଇଡି) ପକ୍ଷରୁ ଅନୁଦାନ ବନ୍ଦ ହୋଇଥିବାରୁ ବିଶ୍ୱର ସଙ୍କଟରେ ଥିବା କୋଟିଏ ୪୦ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ, ଯେଉଁଥିରେ ଏହାର ଏକ ତୃତୀୟାଂଶ ହେଉଛନ୍ତି ଛୋଟ ପିଲା। ନିଶ୍ଚିତ ଭାବେ ଏହା ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିବ ବୋଲି କୁହାଗଲାଣି। ଏଥିସହିତ ଟ୍ରମ୍ପ୍ ବିଶ୍ୱରେ ଟାରିଫ୍ ଯୁଦ୍ଧ ଆରମ୍ଭ କରି ନିଜ ଦେଶ ତଥା ବିଶ୍ୱସ୍ତରରେ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିଛନ୍ତି। କେବଳ ଏତିକି ନୁହେଁ, ଟ୍ରମ୍ପ୍ ଶପଥ ନେବାର ପରଦିନ ଅର୍ଥାତ୍ ୨୧ ଜାନୁଆରୀ ୨୦୨୫ରେ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ୨୦୧୫ରେ ଗୃହୀତ ପ୍ୟାରିସ ଚୁକ୍ତିରୁ ଓହରିଯିବା ପାଣ୍ଠି ଯୋଗାଣରେ ବାଧା ଉପୁଜାଇଛି। ଏହି ଚୁକ୍ତିରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରି ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ୧୯୬ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହାସହ ବିଶ୍ୱରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଅନୁଦାନ ବନ୍ଦ କରିବା ନିଷ୍ପତ୍ତି ଦ୍ୱାରା ଗରିବ ଦେଶଗୁଡ଼ିକ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧିପାଇଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଟ୍ରମ୍ପ୍ ଆମେରିକାର ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍‌ସି (ଡିଓଜିଇ) ଭଳି ନୂଆ ବିଭାଗ ସୃଷ୍ଟି କରି ଏହାର ଦାୟିତ୍ୱ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କୁ ଦେଇଥିଲେ। ଉଲ୍ଲେଖନୀୟ ଯେ, ଆଫ୍ରିକାରେ ଜନ୍ମିତ ଆମେରିକୀୟ ଉଦ୍ୟୋଗୀ ମସ୍କ ଇଲେକ୍‌ଟ୍ରିକ୍ ଭେହିକିଲ୍ସ 'ଟେସ୍‌ଲା' ଏବଂ ଏରୋସ୍ପେସ କମ୍ପାନୀ 'ସ୍ପେସ୍ଏକ୍ସ'ର ପ୍ରତିଷ୍ଠାତା ତଥା ସିଇଓ। ତାଙ୍କ ସମଗ୍ର ସମ୍ପତ୍ତିର ମୂଲ୍ୟ ୩୮୧ ବିଲିୟନ ଡଲାର। ଟ୍ରମ୍ପ୍ ତାଙ୍କୁ ଗୁରୁଦାୟିତ୍ୱ ଦେଇଥିଲେ ମଧ୍ୟ କେତେକ ଜନମଙ୍ଗଳକାରୀ ଯୋଜନାକୁ ବନ୍ଦ କରିବା ଉପରେ ନିଷ୍ପତ୍ତି ନିଆଯିବା ପରେ ମସ୍କ ତାଙ୍କ ବିରୋଧୀ ପାଲଟି ଯାଇଥିଲେ। ଟ୍ରମ୍ପ୍ ପ୍ରଶାସନ ସହ ତାଳମେଳ ନ ରହିବାରୁ ଦାୟିତ୍ୱ ନେବାର ମାତ୍ର ୧୩୦ ଦିନ ପରେ ମସ୍କ ଡିଓଜିଇରୁ ଓହରିଯାଇଥିଲେ। ଏବେ ନ୍ୟୁ ବିଗ୍ ବିଉଟିଫୁଲ ବିଲ୍‌କୁ ନେଇ ସେମାନଙ୍କ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ଏହି ବିଲ୍ ବିଶେଷକରି ଲୋକଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସହାୟତା କମ୍ କରିବା ସହିତ ଜଳବାୟୁ ସୁରକ୍ଷା ପଦକ୍ଷେପକୁ କ୍ଷତି କରିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହା ଧନୀକଙ୍କ ଟିକସ ହ୍ରାସ କରୁଥିବା ଅଭିଯୋଗ ହେଉଛି। ଅନେକ ରିପବ୍ଲିକାନ୍ ଉକ୍ତ ବିଉଟିଫୁଲ ବିଲ୍‌ରେ କ'ଣ ରହିଛି ତାହା ବିଷୟରେ ଅବଗତ ନାହାନ୍ତି। ତେବେ ମସ୍କ ଅଭିଯୋଗ କରିଛନ୍ତି ଯେ, ଏହି ବିଲ୍ ଦେଶର ଅନାବଶ୍ୟକ ଖର୍ଚ୍ଚ ବଢ଼ାଇବ ସହିତ ନିଯୁକ୍ତିକୁ ସଙ୍କୁଚିତ କରିଦେବ। ସିଧାସଳଖ ବିଲ୍‌କୁ ସମାଲୋଚନା କରିଥିବାରୁ ମସ୍କଙ୍କ କମ୍ପାନୀକୁ ଦିଆଯାଉଥିବା ସହାୟତା ବନ୍ଦ କରି ତାଙ୍କୁ ତାଙ୍କ ମୂଳ ଦେଶ ଆଫ୍ରିକାକୁ ପଠାଇ ଦେବାକୁ ଟ୍ରମ୍ପ୍ କହିଛନ୍ତି। ଅପରପକ୍ଷରେ ଟ୍ରମ୍ପ୍‌ଙ୍କ ଧମକରେ ବିଚଳିତ ନ ହୋଇ ମସ୍କ କହିଛନ୍ତି 'ସବୁ ବନ୍ଦ କରିଦିଅ'। ମନେପକାଇ ଦିଆଯାଇପାରେ ଯେ, ଟ୍ରମ୍ପ୍‌ଙ୍କ ପ୍ରଚାରରେ ସେ ସହାୟତା କରି ନ ଥିଲେ ଫଳାଫଳ ବିପରୀତ ହୋଇଥାଆନ୍ତା ବୋଲି ମସ୍କ କହିଥିଲେ। ଏହା କହିଲା ବେଳେ ଅନେକ ସଚେତନ ଅଛନ୍ତି ଯେ, ମସ୍କଙ୍କ ସ୍ୱାର୍ଥ ବିରୋଧୀ ଟ୍ରମ୍ପ୍‌ଙ୍କ ପଦକ୍ଷେପ ଆଜି ଦୁହିଁଙ୍କ ମଧ୍ୟରେ ତିକ୍ତତାକୁ ବଢ଼ାଇ ଦେଇଛି।

ଅନ୍ୟପକ୍ଷେ ଆମେରିକା ବିଶ୍ୱସ୍ତରରେ ଯେଉଁଭଳି ଅନେକ କୋଟି ଡଲାର ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଆଦି ସାମାଜିକ ଭିତ୍ତିଭୂମି ଉନ୍ନତି ଏବଂ ବହୁ କ୍ଷେତ୍ରରେ ରାଜନୈତିକ ଦିଗକୁ ଲକ୍ଷ୍ୟ କରି ବିଭିନ୍ନ ଦେଶ ଓ ସଂସ୍ଥାକୁ ଯେଉଁ ପାଣ୍ଠି ଯୋଗାଇ ଆସୁଥିଲା, ତାହାକୁ ସଙ୍କୁଚିତ କଲେ ନା ଯେ କେବଳ ଏହାର ଏକ ବିରାଟ ନକାରାତ୍ମକ ପ୍ରଭାବ ସେହିସବୁ ଦେଶଗୁଡ଼ିକ ଉପରେ ପଡ଼ିବ, ତାହା ନୁହେଁ ଆମେରିକାର 'ବିଗ୍ ବ୍ରଦର' ଭାବମୂର୍ତ୍ତିକୁ ମଧ୍ୟ କ୍ଷତି ପହଞ୍ଚାଇବ। ଆମେରିକାର ଆଭ୍ୟନ୍ତରୀଣ ଅର୍ଥନୈତିକ ସ୍ଥିତି ଦୁରବସ୍ଥା ଆଡ଼କୁ ଗତି କରୁଥିବାବେଳେ ସେହି ଦେଶ 'ଆମେରିକା ଫାଷ୍ଟ' ନୀତି ଆପଣାଇବାକୁ ଖୁଣି ହେବ ନାହିଁ। ପ୍ରଥମେ ନିଜ ନାଗରିକଙ୍କ ଉନ୍ନତି ହେଲେ ହିଁ ଗୋଟେ ରାଷ୍ଟ୍ର ବାହାରକୁ ଦୃଷ୍ଟି ଦେଇପାରିବ। କିନ୍ତୁ ଏହା ଠିକ୍ ହୋଇଥିଲାବେଳେ ଏହା ମଧ୍ୟ ସତ୍ୟ ଯେ, ଆଗକୁ ଆମେରିକା ପାଇଁ ଅନ୍ୟସବୁ ଦେଶର ନୀତିକୁ ପ୍ରଭାବିତ କରିବା ଧୀରେ ଧୀରେ କଷ୍ଟକର ହୋଇଯିବ। ଏଠାରେ ଚାଇନାର ଉଦାହରଣ ଦିଆଯାଇପାରେ। ଏକ ବିରାଟ ସଫଳ ଅର୍ଥ ବ୍ୟବସ୍ଥା ଭାବେ ନିଜକୁ ଗଢ଼ି ତୋଳିଥିବା ଚାଇନା ଯେହେତୁ କେବଳ ନିଜ ସ୍ୱାର୍ଥ ଜଗିବାରେ ବ୍ୟସ୍ତଥାଏ, ଅନ୍ତର୍ଜାତୀୟ ମଞ୍ଚରେ ତାହାର ସ୍ୱର କ୍ଷୀଣ। ଆମେରିକାର ଅବସ୍ଥା ଠିକ୍ ସେହି ଆଡ଼କୁ ଗତି କଲା ଭଳି ମନେହେଉଛି। ତା'ହେଲେ ବିଶ୍ୱ ନେତୃତ୍ୱରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବାର ଆଶଙ୍କା ଉପୁଜିବ, ଯାହାକି ଅନ୍ତର୍ଜାତୀୟ ସ୍ତରରେ ସବୁ ଗଣତାନ୍ତ୍ରିକ ଦେଶ ପାଇଁ ବିପଦର ସଙ୍କେତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 6 | | 8 | |
| 9 | | | 7 | | | | 5 | |
| | | 3 | | | | | 2 | 9 |
| | | | | 4 | | | | |
| | | | 3 | | | | | |
| | 2 | 1 | | 6 | | | 7 | |
| | 4 | | 2 | 7 | 1 | | | |
| 6 | | 9 | 4 | | | 2 | | |
| | | | | 8 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 6 | 3 | 7 | 4 | 2 | 9 |
| 2 | 7 | 9 | 5 | 1 | 4 | 8 | 6 | 3 |
| 3 | 6 | 4 | 2 | 9 | 8 | 7 | 5 | 1 |
| 5 | 4 | 2 | 3 | 8 | 1 | 9 | 7 | 6 |
| 1 | 9 | 7 | 4 | 6 | 2 | 5 | 3 | 8 |
| 6 | 8 | 3 | 7 | 5 | 9 | 1 | 4 | 2 |
| 9 | 5 | 6 | 1 | 7 | 3 | 2 | 8 | 4 |
| 7 | 2 | 1 | 8 | 4 | 6 | 3 | 9 | 5 |
| 4 | 3 | 8 | 9 | 2 | 5 | 6 | 1 | 7 |

ଗତକାଲିର ଉତ୍ତର

# ପ୍ରଶାସନ ଚକ୍ରବ୍ୟୂହରେ ଭିଜିଲାନ୍ସ ମାମଲା



ହରିଶଙ୍କର ମିଶ୍ର

ଗତ ମେ'ମାସର ଅନ୍ତିମ ୨ ଦିନରେ ୨ଜଣ ଯନ୍ତ୍ରୀଙ୍କ ଅମାପ ସମ୍ପତ୍ତି ଠାବକରିବା ଭିଜିଲାନ୍ସ ବିଭାଗର ସ୍ୱାଗତଯୋଗ୍ୟ ପଦକ୍ଷେପ। ମେ ୩୦ରେ ଭିଜିଲାନ୍ସ ପଞ୍ଝାରେ ପଡ଼ିଥିଲେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଏବଂ ମାସର ଶେଷ ତାରିଖରେ ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ। ସଂଯୋଗବଶତଃ ଉଭୟଙ୍କର ଚାକିରିରୁ ଅବସର ତାରିଖ ଥିଲା ମେ ୩୧ । ଜଣେ ଉଚ୍ଚପଦସ୍ଥ ଯନ୍ତ୍ରୀ ଅବସର ନେବାର ପୂର୍ବଦିନ ଓ ଅନ୍ୟ ଜଣେ ଯନ୍ତ୍ରୀ ଅବସର ନେବା ଦିନ ଭିଜିଲାନ୍ସ କବଳିତ ହେବା, ପୂର୍ବ ସରକାରଙ୍କର ବହୁ ପ୍ରଚାରିତ ସ୍ୱଚ୍ଛ ପ୍ରଶାସନ ଓ ଶୂନ୍ୟ ସହନଶୀଳତା ପ୍ରତି ଆଙ୍ଗୁଠି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଯେଉଁଦିନ ଯନ୍ତ୍ରୀଦ୍ୱୟ କାର୍ଯ୍ୟାଳୟରୁ ସସମ୍ମାନେ ବିଦାୟ ନେଇଥାନ୍ତେ ସେଇଦିନ ଜେଲକୁ ପ୍ରେରିତହେବା ଭାଗ୍ୟ ନୁହେଁ ବରଂ କର୍ମଫଳକୁ ହିଁ ସାବ୍ୟସ୍ତ କରୁଛି। ମେ' ମାସ ସେଇ ୨ ଜଣ ଯନ୍ତ୍ରୀଙ୍କ ଚାକିରିର ଅନ୍ତିମ ମାସ ଥିବାରୁ ସ୍ୱଭାବବଶତଃ ସମସ୍ତ ବାକିଆ କମିଶନି ଆଦାୟ ସହ ଅନେକ ମିଥ୍ୟା ବିଲ୍ ନିଶ୍ଚିତ ହୋଇଥିବ। ଅବଶ୍ୟ ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବା ପରଠାରୁ ୨୦୨୫ର ପ୍ରଥମ ୫ମାସ ମଧ୍ୟରେ ୨୦ରୁ ଅଧିକ ଭିଜିଲାନ୍ସ ମାମଲା ହୋଇ ଅନେକ ଆୟ ବହିର୍ଭୂତ ସମ୍ପତ୍ତି ଠାବହୋଇଛି। ମାତ୍ର ଏଇ ସଂଖ୍ୟା କେବେ ବି ସନ୍ତୋଷଜନକ ନୁହେଁ। କାରଣ ଏବେ ରାଜ୍ୟର ସମସ୍ତ ବିଭାଗ ସହ ଅଶୀ ଶତାଂଶ କର୍ମଚାରୀ ଦୁର୍ନୀତିରେ ଉବୁଟୁବୁ ହେଉଛନ୍ତି। ନିକଟ ଅତୀତରେ ଧର୍ମଗଡ଼ ଉପଜିଲାପାଳ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ପଞ୍ଝାକୁ ଆସିବା ପରେ ରାଜ୍ୟରେ ଦୁର୍ନୀତି କିଭଳି କାୟା ବିସ୍ତାର କରିସାରିଛି ତାହା ଅନୁମେୟ। ଚାକିରିର ପ୍ରଥମ ପାହାଚରେ ଏଭଳି ଚରିତ୍ରର ବ୍ୟକ୍ତି ଯେ କେବଳ ଚକ୍‌ମା ତାହା ନୁହେଁ। ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଶାସନର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଏବେ ବି ନିଶ୍ଚିତ ଅଛନ୍ତି। କିନ୍ତୁ ସେମାନଙ୍କୁ ଭିଜିଲାନ୍ସ ଧରିପାରୁ ନ ଥିବାର କାରଣ ଅନାଲୋଚିତ ହେଲେ ବି ତନ୍ମଧ୍ୟରୁ ପାରସ୍ପରିକ ଦାପ୍ତରିକ ସହଯୋଗ ଏବଂ ଉପର ସ୍ତରର ଚାପ ଭଳି ଅନେକ ଲୁକ୍କାୟିତ କାରଣ ରହିଛି।

ଭିଜିଲାନ୍ସ ମାମଲାରେ ଏଯାବତ୍ ଯେଉଁମାନେ ଛନ୍ଦିହୋଇଛନ୍ତି ସେମାନଙ୍କର ଏକାଧିକ ଘର, ଗାଡ଼ି, ଜାଗା ସହ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ଓ ସୁନା ଠାବ ହୋଇଛି। ଦୁର୍ନୀତିରେ ଅର୍ଜିତ ଆୟ ଗୋପନ ସହ ଭବିଷ୍ୟତ ଲାଭ ପାଇଁ ତାହା ଏବେ ପ୍ରକୃଷ୍ଟ ମାଧ୍ୟମ ହୋଇଛି। ଏପରିକି ନିର୍ଦ୍ଦିଷ୍ଟ ରୋଜଗାର ନ ଥିବା ସେମାନଙ୍କ ସ୍ତ୍ରୀ,ପରିବାର ସଭ୍ୟଙ୍କ ନାମରେ ଏକାଧିକ ବାସୋପଯୋଗୀ ବା ବ୍ୟବସାୟିକ ଜମି ଥିବା ସୂଚନା ମିଳୁଛି। ସେମାନଙ୍କୁ ମଧ୍ୟ ତତ୍କାଳ ଗିରଫ କରାଯିବା ସହ ଖରିଦ ସମସ୍ତ ସମ୍ପତ୍ତିର ବଜାର ଦରରେ ମୂଲ୍ୟାୟନ



କରାଗଲେ ବିକ୍ରେତା ଅଧିକ ମୂଲ୍ୟରେ ବିକ୍ରିକରି କମ୍ ମୂଲ୍ୟ ଦର୍ଶାଇ ରାଜସ୍ୱ କ୍ଷତି ପାଇଁ ଅଭିଯୁକ୍ତ ହୋଇପାରିବେ। ୧୯୯୦ ପର୍ଯ୍ୟନ୍ତ ଅଧିକାଂଶ ସରକାରୀ କର୍ମଚାରୀ ବା ଅଧିକାରୀ ନିଜ ଜାଗା କେବଳ ସରକାରୀ ଋଣରେ କିଣୁଥିଲେ। ଏବେ କିନ୍ତୁ କଳାଧନ ଅଧିକ ଯୋଗୁ ଜାଗା, ସୁନା ସହ ବିଭିନ୍ନ ଲାଭଜନକ ସଂସ୍ଥାରେ ଅର୍ଥ ବିନିଯୋଗ କରୁଛନ୍ତି।

ଏହା ସତ୍ୟ ଯେ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ବା କର୍ମଚାରୀ ଭିଜିଲାନ୍ସ ମାମଲାରେ ଛନ୍ଦିହେବା ପରେ ପ୍ରାଥମିକ ଅବସ୍ଥାରେ ଯେତିକି ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥାଏ ତଦନ୍ତ ପରେ ତାହାର ପରିମାଣ ବହୁ ଗୁଣରେ ବଢ଼ିଥାଏ। ଦୀର୍ଘ ତଦନ୍ତ ଓ ବିବିଧ କାରଣରୁ କୋର୍ଟରେ ଅଭିଯୋଗ ପତ୍ର ଦାଖଲରେ ବିଳମ୍ବ ହୁଏ। ଏତଦ୍‌ବ୍ୟତୀତ ଆମର ବିଚାର ବ୍ୟବସ୍ଥା ଏତେ ନମନୀୟ ଯେ ଅପରାଧୀ ବିରୋଧରେ ନବେ ଶତାଂଶ ପ୍ରମାଣ ସତ୍ତ୍ୱେ ଦଶ ଶତାଂଶ ଅସଙ୍ଗତ ତଥ୍ୟକୁ ଗୁରୁତ୍ୱ ଦିଆଯାଏ। ତାହା ପୁଣି ସାକ୍ଷୀଙ୍କ ବୟାନ ବଦଳ, ସରକାରୀ ଓକିଲଙ୍କ ଅବହେଳା ସହ ଯଥାର୍ଥ କାଗଜାଦି ଠିକ୍ ସମୟରେ ଉପସ୍ଥାପନ ନ ହେବା ନତୁବା ରହିଥିବା ଆଇନର ଗଳାବାଟ ମାଧ୍ୟମରେ। ବାରମ୍ବାର ଅଦାଲତି ମହଲତ ମଧ୍ୟ ମାମଲାକୁ ଦୁର୍ବଳକରେ। ଫଳତଃ ଅନେକ ମାମଲା ଅଭିଯୁକ୍ତଙ୍କ ସପକ୍ଷରେ ଯାଇଥାଏ ବା ବିଚାର ଶେଷ ବେଳକୁ ଅଭିଯୁକ୍ତ ସଂସାର ତ୍ୟାଗ କରିଥାଏ।


ଅନ୍ୟପକ୍ଷରେ ଆମର ପ୍ରଚଳିତ ବିଧି ବ୍ୟବସ୍ଥାରେ ଭିଜିଲାନ୍ସ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସ୍ୱାଧୀନ ସଂସ୍ଥା ନୁହେଁ ବରଂ ସରକାରୀ ନିୟନ୍ତ୍ରଣାଧୀନ। ସେଥିପାଇଁ କୌଣସି 'କ' ବର୍ଗର ଅଧିକାରୀଙ୍କ ନାମରେ ମାମଲା ପାଇଁ ସରକାରଙ୍କ ପୂର୍ବାନୁମତି ଆବଶ୍ୟକ। ବିଗତ ସରକାରଙ୍କ ସମୟରେ ଭିଜିଲାନ୍ସ ବିଭାଗର ୨ଶହରୁ ଅଧିକ ଆବେଦନପତ୍ର ମଞ୍ଜୁର ପାଇଁ ଯାଇଥିଲା, ଯାହାକୁ ନୂଆ ସରକାର ମଞ୍ଜୁରୀ ଦେବାରେ କୌଣସି ପ୍ରତିବନ୍ଧକ ନ ଥିଲା। କିନ୍ତୁ ଦାପ୍ତରିକ ଓ ପାରସ୍ପରିକ ସହଯୋଗ ଭିତ୍ତିରେ ସେଥିରୁ ଅନେକ ମାମଲା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ସୀମିତ ରହିଲା। ସେଥିରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମଧ୍ୟ ସାର୍ବଜନୀନ ହେଉନାହିଁ।

ସରକାର ଆଇନର ତ୍ରୁଟିପୂର୍ଣ୍ଣ ତର୍ଜମାକରି ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କୁ ସହାୟତା କରିପାରନ୍ତି ତାହା ଅର୍ଥ ବିଭାଗର ବିଜ୍ଞପ୍ତି ନଂ. ୧୦୬୨୮ ତା୨୯।୫।୨୦୨୫ରୁ ସ୍ପଷ୍ଟ କରୁଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ କୌଣସି ସରକାରୀ ଅଧିକାରୀ ଅବସର ନେବା ଦିନ ଯଦି କୌଣସି ଭିଜିଲାନ୍ସ ମାମଲା ବିଚାରପତିଙ୍କ ଦ୍ୱାରା ଗୃହୀତ ହୋଇ ନ ଥାଏ ତେବେ ତାଙ୍କର ସମସ୍ତ ଅବସରକାଳୀନ ଅର୍ଥ ମଞ୍ଜୁର କରାଯିବ। ତେଣୁ ମେ ମାସ ଶେଷ ୨ଦିନ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଯନ୍ତ୍ରୀ ଦ୍ୱୟ ଅବସର ଦିନ କୋର୍ଟରେ ମାମଲା ନ ଥିବାରୁ ସମସ୍ତ ଅବସରକାଳୀନ ପ୍ରାପ୍ୟ କଡ଼ାଗଣ୍ଡାରେ ପାଇବେ। ମାମଲା ବିଚାର ପରେ ସେମାନେ ଦୋଷୀ ସାବ୍ୟସ୍ତ ହେଲେ ସେହିଦିନଠାରୁ ପେନ୍‌ସନର ମାତ୍ର ୨୫ ଶତାଂଶ ସରକାର ପ୍ରତ୍ୟାହାର କରିପାରିବେ। ତତ୍କାଳୀନ ମୂଲ୍ୟସୂଚୀରେ ତାହା ନଗଣ୍ୟ ଥିବ। ଏଯାବତ୍ ଅନେକ ପ୍ରାପ୍ୟ ମଧ୍ୟ ଆଇନ ବିଭାଗର ଗୋଟିଏ ସ୍ପଷ୍ଟୀକରଣ ମାଧ୍ୟମରେ ମାମଲାରେ ଜଡ଼ିତ ଅନେକଙ୍କୁ ଦିଆଯାଇ ସାରିଛି। ଭବିଷ୍ୟତରେ ଦିଆଯିବ ମଧ୍ୟ। ସକରାର ଏଥିରେ ଅବଗତ ଅଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ରାଜ୍ୟ ସେବା ସଂହିତାରେ ସ୍ପଷ୍ଟ ଲିଖିତ ଅଛି ଯେ କୌଣସି ଅଧିକାରୀ ବା କର୍ମଚାରୀ ଫୌଜଦାରି ମାମଲାରେ ସଂଶ୍ଳିଷ୍ଟ ହୋଇ ୪୮ ଘଣ୍ଟାରୁ ଅଧିକ ପୋଲିସ ବା ଜେଲ ହାଜତରେ ରହିଲେ କାର୍ଯ୍ୟରୁ ନିଲମ୍ବିତ ହେବେ ଏବଂ ତାଙ୍କ ନାମରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ। ଭିଜିଲାନ୍ସ ମାମଲା ଫୌଜଦାରି ଦଫାରେ ହୁଏ। ମାମଲାର ନିଷ୍ପତ୍ତି ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବିଚାର କରାଯିବ। ଏବେ ନିଲମ୍ବନର କିଛି ମାସ ପରେ ଆଦେଶ ପ୍ରତ୍ୟାହୃତ ହୋଇ ସେମାନଙ୍କୁ ନିଯୁକ୍ତି ଦିଆଯାଉଛି। ଫଳତଃ ସେମାନେ ପ୍ରମାଣ ନଷ୍ଟ ପାଇଁ ସୁଯୋଗ ପାଉଛନ୍ତି। ଯଦି ସମ୍ପୃକ୍ତ ବ୍ୟକ୍ତି ମାମଲା ବିଚାର ପୂର୍ବରୁ ଅବସର ନେଉଥାନ୍ତି ତେବେ ଅବସର ଦିନ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶେଷ ହେବାର ନିୟମ ରହିଛି। ସେତେବେଳେ ମାମଲା ବିଚାର ଶେଷ ପର୍ଯ୍ୟନ୍ତ ତାଙ୍କର ଅବସରକାଳୀନ ପ୍ରାପ୍ୟ ବନ୍ଦ ରଖାଯିବାରେ କୌଣସି ପ୍ରତିବନ୍ଧକ ନାହିଁ। ମାତ୍ର ଦୁର୍ନୀତିକୁ ମୂଳୋତ୍ପାଟନ ପରିବର୍ତ୍ତେ ସୂଚିତ ବିଜ୍ଞପ୍ତି ଯେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ରକ୍ଷାକବଚ ଏବଂ ଭିଜିଲାନ୍ସ ମାମଲାର ତଦନ୍ତ ଏକ ଦୀର୍ଘମିଆଦୀ କାର୍ଯ୍ୟ ତାହା ବୋଧହୁଏ ସରକାର ଅବଗତ ନୁହନ୍ତି। ନୂତନ ସରକାର ଯଦି ଶୂନ୍ୟ ସହନଶୀଳତାକୁ ଗୁରୁତ୍ୱ ଦେବାକୁ ଅଙ୍ଗୀକାରବଦ୍ଧ ତେବେ ଉପରୋକ୍ତ ବିଜ୍ଞପ୍ତି ପଛର ଦାପ୍ତରିକ ଅଭିସନ୍ଧି ଅନୁଭବକରି ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ପାଇଁ କଠୋର ନିୟନ୍ତ୍ରିତ ଆଇନ ପ୍ରଣୟନ କରନ୍ତୁ। ଭିଜିଲାନ୍ସ ବିଭାଗକୁ ଅଧିକ ସକ୍ରିୟ ଓ ସମୟ ଭିତ୍ତିକ ବିଚାର ପାଇଁ ପଦକ୍ଷେପ ନେବା ସହ ମାମଲାରେ ସରକାର ହାରିଗଲେ ଉତ୍ତର ଦାୟିତ୍ୱ ନ୍ୟସ୍ତ କରିବା ପାଇଁ ଦୃଢ଼ ପଦକ୍ଷେପ ଜରୁରୀ ମନେହୁଏ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ମୁକ୍ତିର ଖେଦ



ଡ. ଦ୍ୱିତୀଚନ୍ଦ୍ର ସାହୁ

ନିକଟରେ ଜଣେ ସରକାରୀ ଚାକିରିଆ ଅବସର ନେବେ। ତାଙ୍କ ସହ ଭେଟ ହେଲା ବଜାରରେ। ସମ୍ମାନ ଜଣାଇ କୁଶଳ ଜିଜ୍ଞାସା କଲି। ପଚାରିଲି– 'ଆଉ କେବେ ରିଟାୟର୍ଡ ସାର୍ ?' ଉତ୍ତର ଦେଲେ– 'ଆଉ ଦି ମାସ ରହିଲା ଆଜ୍ଞା ! ତା 'ପରେ ମୁକ୍ତି। ଆଜିକାଲି ଚାକିରିର ଯେଉଁ ପ୍ରେସର କାମକରିବା ବା ମୁଣ୍ଡଝାଳ ତୁଣ୍ଡରେ ପଶିଲେ ଘରକୁ ମୁଠେ ଦାନା ମିଳିବ'। ସରକାରୀ ଚାକିରିରେ ବେତନ ମିଳିବା ଥୟ। ଆଜି ନ ମିଳିଲେ ବି କାଲି ମିଳିବ। ଏଇ ସମ୍ଭାବନା ଥାଏ। ବାକି ଘରୋଇ ଚାକିରିର ସ୍ଥିରତା ନାହିଁ। ଆଜି ହଁ କାଲି ନାହିଁ। ଏମିତି କିଛି ଥିଲା ସ୍ଥିତି। ଏବେ ଆବଶ୍ୟକ କର୍ପୋରେଟ ଜଗତରେ ଚାକିରି କଲେ ମୋଟା ଅଙ୍କର ଦରମା ସହ ଅନେକ ସୁବିଧା ସୁଯୋଗ ମିଳୁଛି। ଅନେକ ବାପାମାଆଙ୍କ ଆଗ୍ରହ ବଢୁଛି ଏଇ ଏମ୍ଏନ୍‌ସି କମ୍ପାନୀର ଚାକିରି ପାଇଁ। ପୁଅଝିଅକୁ ଖଣ୍ଡେ ମିଳିଗଲେ ଗର୍ବରେ ଛାତି ଫୁଲାଇ କହନ୍ତି, ବର୍ଷକୁ ଏତିକି ପ୍ୟାକେଜରେ ଗଲା ମୋ ପୁଅ ମଝିଅ। ଯଦିଓ କାର୍ଯ୍ୟର ଚାପରେ ନୟାନ୍ତ ହୋଇଯାଆନ୍ତି ସେମାନେ। ତଥାପି ଗୋଟେ ମୋହ ରହିଛି ସମସ୍ତଙ୍କର ସେଇ ଚାକିରି ପ୍ରତି।

ଏସବୁ ସତ୍ତ୍ୱେ ସାଧାରଣରେ ସରକାରୀ ଚାକିରି ପ୍ରତି ଆବେଗ ଅଧିକ। ଅନେକ ଲକ୍ଷ ମେଧାବୀ ପିଲା ହାତଗଣତି ସରକାରୀ ଚାକିରି ଜୀବନକୁ ବାଜି ଲଗାଇ ଦେଉଛନ୍ତି। ସାଧାରଣରେ ଧାରଣା ଯେ ସରକାରୀ ଚାକିରି ମିଳିଗଲେ ଯାହା କିଛି ସମ୍ଭବ। ନିୟମିତ ଦରମା। ଅନେକ ପଦବୀରେ ଉପୁରି ଲାଭ। ଯାବତୀୟ ଦୁର୍ନୀତି କରିବି ବର୍ତ୍ତିଯାଇହେବ। ନିଜ ପରିବାରର ବାକି ସଦସ୍ୟସଦସ୍ୟାଙ୍କୁ ବି କେଉଁଠି କେମିତି ଥଇଥାନ କରିହେବ। ତଥାପି ଏବେ ଚାକିରିଆମାନେ ଅବସର ନେବା ପାଇଁ ବ୍ୟାକୁଳ ବୋଲି ପ୍ରତୀୟମାନ ହୁଏ। ଏବେ ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଅନେକ ଲୋକଙ୍କ ଚାପ। ଅଯଥା ରାଜନୈତିକ ହସ୍ତକ୍ଷେପ। ନିଯୁକ୍ତି ଅଭାବରୁ ଅତିରିକ୍ତ କାମର ବୋଝ ଇତ୍ୟାଦି। ସରକାରୀ ଚାକିରିଆମାନେ ଏଇସବୁ ଧନ୍ଦାରୁ ଶୀଘ୍ର ମୁକ୍ତି ଚାହୁଁଥାନ୍ତି ବୋଲି ଅନ୍ୟମାନଙ୍କ ଭଳି ଧାରଣାଟି ମୋର ବି ରହିଥିଲା। କିନ୍ତୁ କିଛି ଅବସର ପରବର୍ତ୍ତୀ ଜୀବନ ବିତାଉଥିବା ଚାକିରିଆଙ୍କୁ ଭେଟହେବା ପରେ ଧାରଣା ବଦଳିଗଲା। ଅନେକ ଚାକିରିଆ ଅବସର ପରେ ନିଜ ପାରିବାରିକ ଜୀବନ ଭିତରେ ଶାନ୍ତିରେ ଅଛନ୍ତି। ସେମାନଙ୍କୁ ଅଧିକ ଆଶା ନାହିଁ। ଯାହା ଜୀବନବ୍ୟାପୀ ରୋଜଗାର କରିଛନ୍ତି ସେତିକିରେ ବାକିଜୀବନ ଜିଇଁ ହେବ ବୋଲି ଧରିନେଇଛନ୍ତି। ତେବେ ଅଧିକାଂଶ ଚାକିରିଆ ଅବସର ପରେ ବିଷାଦରେ ଅଛନ୍ତି। ଏହାର ପ୍ରମୁଖ କାରଣ ହେଲା ବସିବସି ଦିନ ବିତାଇବା ଭାରି କଷ୍ଟ ହୋଇପଡୁଛି ସେମାନଙ୍କ ପାଇଁ। ଚାକିରି ସମୟରେ ଅଫିସରେ ବିଳମ୍ବରେ ପହଞ୍ଚିବା ପାଇଁ ନାନା ବାହାନା ଦେଖାଉଥିବା କର୍ମଚାରୀ ଏବେ ଘରେ ରହିଲେ ମନ ମାନୁନି। କେମିତି ବିତିବ ଦିନ ଚିନ୍ତାକରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।



ପାରିବାରିକ ତାଡ଼ନା ଆହୁରି ସେମାନଙ୍କ ଜୀବନକୁ ବହୁ ଦହଗଞ୍ଜ କରିଦେଉଛି। କେତେକ ବିଭିନ୍ନ ଘରୋଇ ତଥା ସରକାରୀ କର୍ମରେ ଅସ୍ଥାୟୀଭାବେ ନିୟୋଜିତହୋଇ ରୋଜଗାର କରୁଛନ୍ତି। ବସିଖାଇବା ଅପେକ୍ଷା ଖଟିଖାଇବାକୁ ଶ୍ରେୟ ବୋଲି ବିଚାରି ନୂଆକର୍ମରେ ଯୋଗଦାନ କରୁଛନ୍ତି ଏମାନେ। ପାରିବାରିକ ଦାୟରେ ଘରର ଅଶାନ୍ତିରୁ ମୁକ୍ତି ଲାଗି ବାହାରେ ଏମିତି କାମକରି ଦିନ ବିତେଇବାକୁ ଆଉ କିଛି ଉଚିତ ବୋଲି ଧରିନେଇଛନ୍ତି। ଆଉ ଥୋକେ ଅର୍ଥ ଆଶାରେ ଶରୀର କଷ୍ଟ ସତ୍ତ୍ୱେ ଥଇଥାନ ହୋଇ ଅଧିକ ରୋଜଗାର ପାଇଁ ହମହମ ହେଉଛନ୍ତି। ଏମିତି କିଛି ଅବସର କର୍ମଚାରୀଙ୍କ ମତହେଲା– ଅବସର ନେବାକୁ ସିନା ଖୁସି ଲାଗୁଥିଲା। କିନ୍ତୁ ଅବସର ପରେ ଜୀବନ ବିଷମୟ ଲାଗିଲା। ଅଫିସ୍ ଟାଇମରେ ଘରୁ ବାହାରିଯିବା, ଅଫିସରେ କାମକରି ବହୁ ଲୋକଙ୍କ ସହ ଭେଟହୋଇ ଦିନ ବିତେଇବାରେ ଜୀବନର ଗୋଟେ ସ୍ୱାଦ ଥିଲା। ଅବସର ପରେ ଅଫିସ ଯିବା ବନ୍ଦ। ଲୋକଙ୍କ ସହ ଭେଟିବା ସମ୍ଭବ ହେଉନାହିଁ। ସାମାଜିକ ସମ୍ପର୍କ କମ୍ ରହୁଥିବାରୁ ଏକାକୀ ଦିନ ଦିନ ଧରି ଘରେ ଟିଭି ପାଖରେ ବସିରହିବା କାଳେ ଭାରି ଯନ୍ତ୍ରଣାଦାୟକ ହେଉଛି। ନିକଟରେ ବ୍ୟାଙ୍କ ଚାକିରିରୁ ଅବସର ନେଇଥିବା ମିଶ୍ର ସାର୍ ସକାଳୁଆ ବୁଲା କ୍ରମରେ କହିଲେ–ଜାତୀୟକରଣ ବ୍ୟାଙ୍କରୁ ଅବସର ନେଉଥିବା କର୍ମଚାରୀଙ୍କୁ ନେଇ ଏକ ବିଦାୟୀ ସଭା ହୁଏ। ସେଥିରେ କାଉନସିଲର ଆସି ମହତ୍ତ୍ୱପୂର୍ଣ୍ଣ କଥାମାନ କୁହନ୍ତି। ସେହି କାଉନସିଲର ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲେ – 'ଏବେ ଆପଣମାନେ କେମିତି ସମୟ ବିତେଇବେ ?' ଉପସ୍ଥିତ କର୍ମଚାରୀମାନେ ଭିନ୍ନ ଭିନ୍ନ କଥା ରଖିଲେ। ସେଥିରେ କିଛି ଆଶାର ଝଲକ ଥିଲା ବେଶି ନିରାଶାର କଳାବାଦଲ ଥିଲା। ସମାନ ପ୍ରଶ୍ନ ମିଶ୍ର ସାର୍‌ଙ୍କୁ ପଚାରିବାରେ ସେ କହିଲେ –'ଏବେ ବାସ୍ତବରେ ମୁଁ ମୋ ପରି ବଞ୍ଚିବାକୁ ଚାହିଁବି' । ଏଇ ଉତ୍ତରରେ କାଉନସିଲର କାଳେ ହର୍ଷ ଗଦଗଦ ହୋଇଗଲେ। ସମସ୍ତଙ୍କୁ ମିଶ୍ରସାର୍‌ଙ୍କ ଉଦାହରଣ ଦେଲେ।

କିନ୍ତୁ ଏବେ ଅବସର ପରର ଜୀବନ ବୋଝ କାହିଁକି ? ମୁକ୍ତିରେ ବି ଖେଦ ବିସ୍ମୟ କରୁଛି ନିଶ୍ଚିତ। ଆମେ ଜାଣୁ ମୁକ୍ତିରେ ଆନନ୍ଦ ଥାଏ। ପଞ୍ଜୁରି ଭିତର ପକ୍ଷୀ କିମ୍ବା ଖୁଣ୍ଟରେ ବନ୍ଧା ପଶୁକୁ ମୁକ୍ତ କରିବା କ୍ଷଣି ମହା ଆନନ୍ଦରେ ଆଗେଇଚାଲେ। ତେଣୁ ଅବସର ପରେ ସ୍ୱଚ୍ଛନ୍ଦରେ ବିନା ଚାପରେ ବଞ୍ଚିବାର ସୁଯୋଗ ଥାଏ। ନିଜକୁ ନିଜ ପରି ଜିଇଁବାର ଅବସର ଦିଏ। ବିଭିନ୍ନ ସ୍ଥାନ ବୁଲିବା ଏବଂ ଜୀବନର ଭିନ୍ନ ସ୍ୱପ୍ନ ସବୁକୁ ପୂରଣକରିବା ଲାଗି ପର୍ଯ୍ୟାପ୍ତ ସମୟ ମିଳେ। ଏସବୁ ଯଦି କରୁନାହାନ୍ତି ତେବେ ଦୀର୍ଘଜୀବନର ଅନୁଭୂତିକୁ ନେଇ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ, ଦେଖିବେ ସମୟ ନିଅଣ୍ଟ ପଡ଼ିବ ଏବଂ ଅବସର ପରବର୍ତ୍ତୀ ଜୀବନ କର୍ମମୟ ଜୀବନଠାରୁ ଆହୁରି ଅଧିକ ରୁଚିପୂର୍ଣ୍ଣବୋଧ ହେବ। ଶାନ୍ତିରେ ବଞ୍ଚିବାକୁ ଜୀବନ ଅପାର ସୁଯୋଗ ଦେବ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୦୯୦୬୭୧

## ଏଇ ଭାରତରେ

ଜାତିସଂଘ ତଥ୍ୟ ଅନୁଯାୟୀ, ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାବେ ଚାଇନାକୁ ଟପିଗଲାଣି। ଏହାର ଲୋକସଂଖ୍ୟା ୧୪୨ କୋଟିରୁ ଅଧିକ ବୋଲି କୁହାଯାଇଛି। ଏମାନଙ୍କ ମଧ୍ୟରୁ ଅନେକ କୋଟି ଲୋକ କ୍ଷୁଧାର ଶିକାର ହେଉଛନ୍ତି। ଦିନକୁ ଦୁଇଓଳି ଠିକ୍ ଭାବେ ଖାଇବାକୁ ପାଉନାହାନ୍ତି। ଅନେକେ ମଧ୍ୟ ରାସ୍ତାକଡ଼ରେ ପଡ଼ି ରହୁଛନ୍ତି। ଏଭଳି ସ୍ଥିତିକୁ ନିକଟରୁ ଦେଖିଥିବା ବେଙ୍ଗାଲୁରୁ ସହରର ବିଶ୍ୱାଲ ପଟେଲ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇଆସିଛନ୍ତି। ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାଇ ସେ ଲୋକଙ୍କୁ ଖାଦ୍ୟ ଏବଂ ପୋଷାକ ଦେଉଛନ୍ତି। ୨୭ ବର୍ଷୀୟ ବିଶ୍ୱାଲ ପେସାରେ ଜଣେ ଇଞ୍ଜିନିୟର। ସେ ଚାକିରି ସହ ଏହି କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ୧୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଟିମ୍ ଗଠନ କରିଛନ୍ତି। ବିଶ୍ୱାଲ ଓ ତାଙ୍କ ଟିମ୍ ପ୍ରତିଦିନ ବାଇକ୍‌ରେ ଖାଦ୍ୟପଦାର୍ଥ ନେଇ ଲୋକଙ୍କୁ ଦେଉଛନ୍ତି। କେବଳ ଏତିକି ନୁହେଁ, ଏହି ଟିମ୍ ମଧ୍ୟ ରକ୍ତଦାନ ଶିବିର ଆୟୋଜନ କରୁଛି। ଅବହେଳିତ ଅବସ୍ଥାରେ ଥିବା ସ୍କୁଲଗୁଡ଼ିକର ମରାମତି କରୁଛନ୍ତି। ବର୍ଷାଦିନେ ପଲିଥିନ ଏବଂ ଶୀତଦିନେ ଲୋକଙ୍କୁ କମ୍ବଳ ଯୋଗାଇ ଦେଇଥାନ୍ତି। ବିଶ୍ୱାଲ କୁହନ୍ତି, ଅସହାୟ ଲୋକଙ୍କ ସେବାରେ ଶ୍ରମ ଓ ସମୟ ଦେଲେ ସେମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୨ ଜୁଲାଇ ୧୯୭୬

- ମିଶର ସରକାରଙ୍କ ବିରୋଧରେ ପ୍ରଚାର ଅଭିଯାନ ଚଳାଇଥିବା ଅଭିଯୋଗରେ ମିଶରରେ ଥିବା ଲିବ୍ୟାର ରାଷ୍ଟ୍ରଦୂତ ବହିଷ୍କୃତ।
- କୌଣସି ପ୍ରକାରର ଆଣବିକ ଅଣୁଅସ୍ତ୍ରର ବ୍ୟବହାର କରାଗଲେ, ତାହା ବନ୍ଦ କରିବା ପାଇଁ ଫ୍ରାନ୍ସ ଓ ରୁଷ୍ ମଧ୍ୟରେ ଏକ ରାଜିନାମା ହୋଇଛି।

## ଚିରନ୍ତନୀ

ହେ ପୁରୁଷ, ଭୁବନର ଗୌରବ, ପାଳକ,
ସୁନ୍ଦର, ସୁଭଗ ମମ ନୟନର ଜ୍ୟୋତି,
ତୋହରି ନିର୍ଦ୍ଦେଶେ ମୁଁ ଯେ ଚଳେଁ ମଥା ପୋତି
ତୋର ବିନୁ ଅନ୍ଧୁଣୀ ମୁଁ, ଜୀବନ–ଚାଳକ !
–(ପ୍ରକୃତ–ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ ଉପରେ ଦୃଷ୍ଟିପଡୁ

ମହାଶୟ,

ଭୁବନେଶ୍ୱରରେ ବର୍ତ୍ତମାନ ଡାଇରିଆ ଏବଂ ଜଣ୍ଡିସ୍ ଭଳି ମାରାତ୍ମକ ରୋଗ ବ୍ୟାପିଲାଣି। ବର୍ଷାଦିନ ଆରମ୍ଭ ହୋଇଯାଇଛି। ଦୂଷିତପାଣି ଯୋଗୁ ମଧ୍ୟ ରୋଗ ସମ୍ଭାବନା ବେଶି। ସନ୍ଧ୍ୟାବେଳେ ରାସ୍ତାକଡ଼ରେ ଯେଉଁ ଜଳଖିଆ ଦୋକାନସବୁ ବସୁଛି, ସେଠାରେ ପରଷାଯାଉଥିବା ଖାଦ୍ୟ ଉପରେ ଭଲଭାବେ ନଜର ପକାଇଲେ ଦେଖାଯିବ ଯେ ଅତ୍ୟନ୍ତ ଦୂଷିତ ପରିବେଶରେ ଏସବୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଆଲୁଚପ୍, ବରା ହେଉ କିମ୍ବା ଗୁପ୍‌ଚୁପ୍, ଦହିବରା ; ସେସବୁ ପାଇଁ ଯେଉଁ ପାଣି ବ୍ୟବହାର ହେଉଛି ତାହା ଅତ୍ୟନ୍ତ ଦୂଷିତ। ଦେଖାଯାଉଛି, ଯେଉଁଠି ଖାଦ୍ୟ ପ୍ରସ୍ତୁତ ହେଉଛି ତାହା ତଳେ ଡ୍ରେନ୍ ପାଣି। ପ୍ଲେଟ୍ ଧୋଇବା ସ୍ଥାନରେ ମାଛି ଭଣ ଭଣ ହୋଇ ଉଡୁଛନ୍ତି । ଖାଦ୍ୟ ତିଆରି କରୁଥିବା ସ୍ଥାନକୁ ବ୍ଲିଚିଂ ପାଉଡର କିମ୍ବା ଫିନାଇଲ ପକାଇ ସଫାକରିବା ଉଚିତ୍। ଖାଦ୍ୟର ମାନ ଉପରେ ମଧ୍ୟ ଧ୍ୟାନ ଦିଆଯାଉ। ଏତଦ୍‌ବ୍ୟତୀତ ଦୂଷିତ ପାଣିର ବ୍ୟବହାର ଉପରେ କଟକଣା ଜାରିକଲେ, ମହାମାରୀ ବ୍ୟାପିବ ନାହିଁ। ବିଏମ୍‌ସି କର୍ତ୍ତୃପକ୍ଷ ଏସବୁ ଉପରେ ଦୃଷ୍ଟିପକାନ୍ତୁ।

–ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅଧିନ ଏକ ଗ୍ରାମରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବାଳତ୍କାର ଘଟଣାରେ ପୋଲିସ ଅଭିଯୁକ୍ତ ମୁରଲୀ ବେହେରାଙ୍କୁ ଗିରଫ କରି ମଙ୍ଗଳବାର ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ମାମଲା ନଂ.୨୩୮/୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ରବିବାର ବିଳମ୍ବିତ ରାତିରେ ନାବାଳିକାଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ମୁରଲୀ ନାବାଳିକା ଶୋଇଥିବା କୋଠରୀ ଭିତରକୁ କୌଶଳକ୍ରମେ ପଶି ତାଙ୍କୁ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ସୋଫିଆ ମିଶ୍ର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବ୍ରହ୍ମପୁର ବଡ ଡାକ୍ତରଖାନାରେ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### ବାଇକ ଚୋରି ଗ୍ୟାଙ୍ଗର ୪ ଗିରଫ, ୧୯ ବାଇକ୍ ଜବତ

ଖଲ୍ଲିକୋଟ,୧।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ପୋଲିସ ବାଇକ ଚୋରି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ସମେତ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଖଲ୍ଲିକୋଟ ଥାନା ଅଞ୍ଚଳରେ ଗତ ୩ ମାସ ମଧ୍ୟରେ ବାଇକଚୋରି ହେଉଥିଲା। ଜୁନ ୧୯ ରେ ସୁରେଶ ଚନ୍ଦ୍ର ରାଉଳଙ୍କ ବାଇକ ଚୋରି ହୋଇଥିଲା। ଏତାଲା ପ୍ରକାରେ ଥାନା କେଶ୍ ନଂ. ୫୧୩/୨୦୨୫ ମାମଲାରେ ଖଲ୍ଲିକୋଟ ଥାନା ଏସଆଇ କେଶବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୯ଟି ବାଇକ ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମ ପୁର ଥାନା ଅନ୍ତର୍ଗତ ବାହାଡାପଲ୍ଲୀ ଗ୍ରାମର ଦିଲ୍ଲୀପ ପଲାଇ (୨୭)ଙ୍କୁ ଗିରଫ କରିଥିଲେ। ପରେ ସହଯୋଗି ଆଉ ୩ଜଣ ଗିରଫ ହୋଇଥିଲେ। ଏହି ବାଇକ ଚୋରି ଗ୍ୟାଙ୍ଗ ଖଲ୍ଲିକୋଟ, ବେଗୁନିଆପଡା, କବିସୂର୍ଯ୍ୟନଗର, ଆସିକା, ଶେରଗଡ଼ ଏ ସବୁ ଅଞ୍ଚଳରୁ ଚୋରି କରି କମ ଦାମରେ ବିକ୍ରି କରନ୍ତି। ଏହି ଚୋରି ଗ୍ୟାଙ୍ଗରେ ଆହୁରି କିଛି ସଦସ୍ୟ ଅଛନ୍ତି, ତଦନ୍ତ ଚାଲୁ ରହିଛି। ଆହୁରି କିଛି ବାଇକ ଉଦ୍ଧାର ହେବ ବୋଲି ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ଖଲ୍ଲିକୋଟ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ସନ୍ତାନ ପକ୍ଷରୁ ଭାରତର ପ୍ରଥମ ଫର୍ଟିଲିଟି କମ୍ପାନିଅନ ଆପ୍‌ର ଶୁଭାରମ୍ଭ

ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ସନ୍ତାନ ଫର୍ଟିଲିଟି ଗୋପାଳପୁରସ୍ଥିତ ହୋଟେଲ ପ୍ରମୋଦଠାରେ କଣ୍ଟିନୁଇଙ୍ଗ ମେଡିକାଲ ଏଜୁକେଶନ (ସିଏମ୍‌ଇ) ଇଭେଣ୍ଟରେ ସନ୍ତାନ ଆପ୍‌ର ଶୁଭାରମ୍ଭ କରିଛି। ଏସମ୍ପର୍କରେ ସନ୍ତାନ ଗ୍ରୁପର ଉଦ୍ଭାବନ ବିଭାଗର ପ୍ରତିଷ୍ଠାତା ଡା. ସତିଶ ପ୍ରସାଦ ରଥ କହିଛନ୍ତି ଯେ, ସନ୍ତାନ ଆପ ବିଜ୍ଞାନ, ସମାନୁଭୂତି ଓ ଡିଜିଟାଲ ଇଂଟେଲିଜେନ୍ସକୁ ଏକୀକୃତ କରିବାର ଆମର ଲକ୍ଷ୍ୟ ରହିଛି। ଭାରତର ପ୍ରଥମ ଏଣ୍ଡ୍-ଟୁ-ଏଣ୍ଡ ଫର୍ଟିଲିଟି କେୟାର କମ୍ପାନିଅନ ଭାବେ ଏହା ଭବିଷ୍ୟତ-ପ୍ରସ୍ତୁତ, ରୋଗୀ-ପ୍ରଥମ ସ୍ୱାସ୍ଥ୍ୟସେବା ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ଏହି ଇଭେଂଟରେ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡିକ ଯେପରିକି, କ୍ରାୟୋପ୍ରିଜର୍ଭେଶନ ଟେକ୍ନିକ୍ କ୍ଷେତ୍ରରେ ଏକ ଲାଇଭ୍ ୱାର୍କସପ, ଡକ୍ଟର ରଥଙ୍କ ଦ୍ୱାରା 'ଏଆଇ ଇନ ରିପ୍ରଡକ୍ଟିଭ ମେଡିସିନ' ପ୍ରସଙ୍ଗ ଉପରେ ଏକ ବକ୍ତୃତା ଏବଂ ସନ୍ତାନ ଫର୍ଟିଲିଟିର କ୍ଲିନିକାଲ ଡାଇରେକ୍ଟର, ଡକ୍ଟର ଦୀପିକା କେ .ଏନ.ପାଢୀଙ୍କ ଦ୍ୱାରା 'ଆଇୟୁଆଇ ଅର୍ ଆଇଭିଏଫ - ଚୁଜିଙ୍ଗ ଦ ରାଇଟ ପାଥ୍ ଟୁ ପ୍ୟାରେଣ୍ଟ ହୁଡ' ଶୀର୍ଷକ ଏକ ପ୍ୟାନେଲ ଆଲୋଚନା ପରିଚାଳିତ ହୋଇଥିଲା। ଏହି ଇଭେଣ୍ଟରେ ରିପ୍ରଡକ୍ଟିଭ ମେଡିସିନ ଓ ସ୍ୱାସ୍ଥ୍ୟସେବା ଉଦ୍ଭାବନ କ୍ଷେତ୍ରରେ ପ୍ରତିଷ୍ଠିତ ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

### ଏସ୍‌ବିଆଇ ପକ୍ଷରୁ ମେଧାବୀ ଛାତ୍ରୀଙ୍କୁ ସାଇକେଲ ବଣ୍ଟନ

ବ୍ରହ୍ମପୁର,୧।୭(ସ୍ମୃତି ରଞ୍ଜନ ମହାଲିକ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ବ୍ରହ୍ମପୁର ଶାଖାର ୭୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟରେ ମାଗଣା ସାଇକେଲ ବଣ୍ଟନ କରାଯାଇଛି। ଶାଖା ପକ୍ଷରୁ ପ୍ରଥମେ ବୃକ୍ଷ ରୋପଣ କରାଯାଇଥିଲା। ପରେ ସ୍କୁଲର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ ଭଲ ପାଠ ପଢୁଥିବା ମେଧାବୀ ଓ ଗରିବ ଶ୍ରେଣୀର ୨୦ ଜଣ ଛାତ୍ରୀଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଏଥିରେ ଏସବିଆଇର ଜେନେରାଲ ମ୍ୟାନେଜର ଆଲୋକ କୁମାର ସିହ୍ନା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଭୁପେନ କୁମାର ମହନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏମ ଗୀତାରାଣୀଙ୍କ ସମେତ ଶିକ୍ଷୟତ୍ରୀ ସୁଶ୍ରି ପଣ୍ଡା, ଶିକ୍ଷକ ବାଳକୃଷ୍ଣ ଗୌଡ ଓ କ୍ଷେତ୍ରବାସୀ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳିତ, ଆଦିବାସୀଙ୍କୁ ଆକ୍ରମଣ ବିରୋଧରେ ଗଣଧାରଣା

ବ୍ରହ୍ମପୁର,୧।୭(ସ୍ମୃତି ରଞ୍ଜନ ମହାଲିକ)

ଧରାକୋଟରେ ତଥାକଥିତ ଗୋରକ୍ଷକଙ୍କ ଦ୍ୱାରା ଦଳିତଙ୍କ ଉପରେ ଅତ୍ୟାଚାର ବିରୋଧରେ ଦଳିତ ମହାସଭା ଓ ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ମଙ୍ଗଳବାର ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଧରାକୋଟ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପିଡିତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ, ଗୋ ସୁରକ୍ଷା ନାମରେ ଚାଲିଥିବା ଆତଙ୍କରାଜ ଓ ବେଆଇନ ଅର୍ଥ ଆଦାୟ ବନ୍ଦ, ଜାତିଗତ ହିଂସା ଓ ସାମାଜିକ




ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ବାସନ୍ଦ ଘଟଣାରେ ସମ୍ବେଦନଶୀଳ ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ରାଜ୍ୟରେ ଭୂମିହୀନ ଦଳିତଙ୍କୁ ଚିହ୍ନଟ କରି ସରକାରଙ୍କ ପକ୍ଷରୁ ବାସଯୋଗ୍ୟ ଓ ଚାଷଯୋଗ୍ୟ ଜମି ବଣ୍ଟନ ପାଇଁ ଦାବି ହୋଇଛି। ଦଳିତ ମହାସଭାର ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ ମୂଳନିବାସୀ ସମତା ପରିଷଦର ଅଭିରାମ ମଲ୍ଲିକ, ସିପିଆଇ (ଏମଏଲ) ନିଉ ଡେମୋକ୍ରେସିର ମୁଖପାତ୍ର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଆବାହକ ସଂଗ୍ରାମ ମଲ୍ଲିକ, ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠର ବେହେରା, ସିପିଆଇ ଜିଲା ସଂପାଦକ ପ୍ରକାଶ ପାତ୍ର, ଅଲ ଓଡ଼ିଶା ଏସସି ଫେଡେରେସନ ସଭାପତି ଧନଞ୍ଜୟ ଦୀପ, ଦଳିତ ନେତା ବିଜୟ ସେଠୀ, ଆମ୍ବେଦକର ଫାଉଣ୍ଡେସନର ପ୍ରଦ୍ୟୁମ୍ନ ନାୟକ, ଅନୁଗୋଳର ଦଳିତ ନେତା ଚିତ୍ତରଞ୍ଜନ ଗୌତମ, ଦଳିତ ମହିଳା ନେତ୍ରୀ ବନିତା ସାମଲ, ଧର୍ମେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଏନ ନାରାୟଣ ରେଡ୍ଡୀ, ରାଜେନ୍ଦ୍ର କୁମାର ବେହେରା, ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ଲେଖିକା ଡ ବିଧୂପ୍ରଭା ରଥ, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ ନନ୍ଦେଶୁ ସେନାପତି, ଆପ ଜିଲା ସମ୍ପାଦକ ଆଦିତ୍ୟ ରଥ , କୃଷକ ନେତା ବୃନ୍ଦାବନ ଖଟେଇ ଓ ଦଳିତ ନେତା ରାଜୁ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଫ୍ରେଣ୍ଡସ୍ ହେଲ୍‌ପିଙ୍ଗ୍ କ୍ଲବ ପାଳିଲା ଡାକ୍ତର ଦିବସ

ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଫ୍ରେଣ୍ଡସ ହେଲ୍‌ପିଙ୍ଗ କ୍ଲବ ନିଜ କାର୍ଯ୍ୟାଳୟରେ ସୋମବାର ଡାକ୍ତର ଦିବସ ପାଳିଛି। କ୍ଲବ ସଭାପତି ଏମ.ବିଦ୍ୟାସଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ଅଧକ୍ଷ କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି ଓ ସମ୍ପାଦକ ସତ୍ୟକାମ ପାତ୍ର ପରିଚାଳନା କରିଥିଲେ। କ୍ଲବର ପୂର୍ବତନ ସଭାପତି ଏସ.ଦୁର୍ଗା ପ୍ରସାଦ, ଏ.ରଘୁନାଥମ, ଡା. ଟି.ପ୍ରକାଶ ରାଓ ସଂଯୋଜନା କରିଥିଲେ। କ୍ଲବ ପରାମର୍ଶଦାତା ଡା.ରାଓ ଦିବସର ଉଦ୍ଦେଶ୍ୟ କହିବା ସହିତ ଡାକ୍ତର ହେଲେ ମଣିଷରୂପୀ ଭଗବାନ। ତେଣୁ ସେମାନେ ନିଃସ୍ୱାର୍ଥପର ସେବା ଯୋଗାଇବା ଦରକାର ବୋଲି କହିଥିଲେ। ଅନେକ ଡାକ୍ତରଙ୍କ ଉପସ୍ଥିତିରେ ନିଶୁଳ୍କ ଚିକିତ୍ସା ଶିବିର ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ କ୍ଲବ ସଦସ୍ୟ।

ମାତୃ ଓ ଶିଶୁମଙ୍ଗଳ କେନ୍ଦ୍ରର ମୁଖ୍ୟ ଡା.ଇ.ଜୟନ୍ତୀ ରାଓ ଓ ମୃତ୍ୟୁ ପରେ ଶରୀର ଦାନ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଏମକେସିଜି ଆନାଟମି ବିଭାଗ ମୁଖ୍ୟ ଡା.ଜାମି ସାଗର ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଚକ୍ଷୁଦାନ କାର୍ଯ୍ୟକ୍ରମରେ ବଡ ଡାକ୍ତର ଖାନାର ଚକ୍ଷୁବିଭାଗର ସହଯୋଗ ପାଇଁ ଚକ୍ଷୁବିଭାଗର ମୁଖ୍ୟ ସବିତା ଦେବୀ, ଡ.ମନିଶ, ଡ.ବିବେକ, ଡ.ସାକ୍ଷୀ, ଡ.ରବୀନ୍ଦ୍ର, ସ୍ମୃତି ଦେବଙ୍ଗନ, ପି.ସ୍ୱାତୀ କିରଣ, ଡ.ବିବେକାନନ୍ଦ ସାହୁ, ଡ.ମନିଶ ଓରାମ, ଡ.ସୌମ୍ୟଶ୍ରୀ ପ୍ରିୟ ଦର୍ଶିନୀ ଓ ରୁବି ହସ୍ପିଟାଲର ଡ.ଶ୍ୱେତା, ଡ.ପ୍ରବୀଣ କୁମାର ସୁବୁଦ୍ଧିଙ୍କୁ ସମ୍ମାନିତ କରାଯାଇଛି। କ୍ଲବର ବହୁ ସଦସ୍ୟ ସହଯୋଗ କରିଥିଲେ।

### ବିଏମ୍‌ସି ପକ୍ଷରୁ ଅସହାୟ ପରିବାରକୁ ଉଦ୍ଧାର

ବ୍ରହ୍ମପୁର,୧।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସୋମବାର ରାତ୍ରିରେ ଏକ ଅସହାୟ ପରିବାରକୁ ଉଦ୍ଧାର କରାଯାଇଛି। ସହରର ଫାଷ୍ଟ ଗେଟ ସ୍ଥିତ ଟିପିଏସଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଗୋଟିଏ ପରିବାର ୫ ସଦସ୍ୟ ସୋମବାର ରାତିରେ ରାସ୍ତା ଉପରେ ବସି ରହିଥିଲେ। ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ସୋସିଆଲ ମିଡିଆ ମାଧ୍ୟମରେ ଅନୁରୋଧ କରାଯାଇଥିଲା। ଏହାପରେ ବିଏମସି ପକ୍ଷରୁ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଅସହାୟ ପରିବାରଙ୍କୁ ଆନନ୍ଦ ସରଣୀ ସ୍ଥିତ ସହରାଚଂଳ ବାସହୀନ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇ ସୁରକ୍ଷିତ ଭାବେ ରଖାଯାଇଛି।

## ଟାଟା ଷ୍ଟିଲ୍‌ର ଅଭିନବ ଅଭିଯାନ: ଫେରୋକ୍ରୋମ ସ୍ଲାଗ ଚିପ୍‌ରେ ରାସ୍ତା ନିର୍ମାଣ


ଟାଟା ଷ୍ଟିଲ ଫେରୋ ଆଲୟଜ ପକ୍ଷରୁ ନିର୍ମିତ ରାସ୍ତା।

ବ୍ରହ୍ମପୁର,୧।୭(ଅଶୋକ କୁମାର ସାହୁ)

ଟାଟା ଷ୍ଟିଲର ଗୋପାଳପୁରରେ ଥିବା ଫେରୋ ଆଲୟଜ କାରଖାନା (ଏଫଏପି) ପକ୍ଷରୁ ଫେରୋକ୍ରୋମ ସ୍ଲାଗ ଚିପ୍ ବ୍ୟବହାର କରାଯାଇ ଦେଢ଼ କି.ମି. ରାସ୍ତା ନିର୍ମାଣ କରାଯାଇଛି। ଏହି ଅଭିନବ ଅଭିଯାନ କଠିନ ବର୍ଜ୍ୟବସ୍ତୁର ସ୍ଥାୟୀ ପରିଚାଳନାକୁ ସୁନିଶ୍ଚିତ ସହ ପରିବେଶ ପ୍ରଦୂଷଣ ହ୍ରାସ କରିବ। ୬ ରୁ ୨୦ ମିମି ପ୍ରାୟ ୩୫ ଶହ ଟନ ସ୍ଲାଗ ଏଥିରେ ବ୍ୟବହାର କରାଯାଇଛି। ଗୋପାଳପୁର ଓ ଆଠଗଡ ଏଫଏପି କାରଖାନାରେ ସ୍ଲାଗ ବେଡ ଓ ସ୍ଲାଗ ପ୍ୟାନ ଡ୍ରେସିଂ ପ୍ରକ୍ରିୟା ପାଇଁ ନଦୀ ବାଲି ବଦଳରେ ଫେରୋକ୍ରମ ସ୍ଲାଗ ଫାଇନ୍ସର ଆଂଶିକ ବ୍ୟବହାର କରାଯାଇଛି। ଏଫଏଏମଡିର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, ଫେରୋକ୍ରୋମ ସ୍ଲାଗର ପୁନଃ ବ୍ୟବହାର ଯୋଗୁ ବାଲି ଆବଶ୍ୟକତା ପାଇଁ ନଦୀ ଉପରେ ପଡୁଥିବା ଚାପକୁ କମ କରିବ। ଏଥିଯୋଗୁ ଜମି କ୍ଷୟ ଓ ସବୁଜିମା ନଷ୍ଟରୁ ବି ଆମକୁ ରକ୍ଷା ମିଳିବ। ଫେରୋ ଆଲୟଜ ଉତ୍ପାଦନ ବେଳେ ନଦୀ ବାଲିକୁ ସୋଡିୟମ ସିଲିକେଟ ଭଳି ବନ୍ଧକ ଉପାଦାନରେ ମିଶାଇ କାଷ୍ଟ ଆଇରନ ପାଇଁ ଏକ ଆଧାର ଏବଂ ତରଳ ଧାତବ ଓ ସ୍ଲାଗ ପରିଚାଳନା ବେଳେ କାଷ୍ଟିଂ ପରିଚାଳନା ସମୟରେ ଏକ ପାର୍ଟିଂ ଏଜେଣ୍ଟ ଭାବେ ବ୍ୟବହାର କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ମିଳିତ ଭାବେ ପ୍ରତି ମାସ ପ୍ରାୟ ୧ ହଜାର ମେଟ୍ରିକ ଟନ ନଦୀ ବାଲି ଆବଶ୍ୟକ ହେଉଥିଲା। ଏହା ସମ୍ବଳ ସଂରକ୍ଷଣ, ପରିବେଶ ପ୍ରତି ଉତ୍ତରଦାୟିତ୍ୱ ଓ ପରିଚାଳନା ଦକ୍ଷତା ପ୍ରତି ଟାଟା ଷ୍ଟିଲର ନିରନ୍ତର ପ୍ରତିବଦ୍ଧତା ବୋଲି କୁହାଯାଇଛି।

### ଗଞ୍ଜାମ ଜିଲା ଫୁଟବଲ ଲିଗ: ନଟରାଜ ବିଜୟୀ

ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଫୁଟବଲ ଲିଗ୍‌ର ଦ୍ୱିତୀୟ ଦିନ ନଟରାଜ ଫୁଟବଲ କ୍ଲବ ସହ ୟୁନାଇଟେଡ଼ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ନଟରାଜ ୩-୨ରେ ୟୁନାଇଟେଡକୁ ପରାସ୍ତ କରିଛି। ପରେ ଷୋଡକା ଟାଇଗର କ୍ଲବ ସହ ବାରର୍କ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ବାରର୍କ ୨୧ ଗୋଲ ଦେଇ ଷୋଡାକକୁ ପରାସ୍ତ କରିଥିଲା। ଅତିଥି ଭାବେ ବିଜୟୀ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ଡି. ଆପରାଓ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ ପାତ୍ର, ଜି. ଏମ ବାବୁ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଶ୍ରୀ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ମହାନଗର ବିଜେଡି ପକ୍ଷରୁ ବନ ମହୋତ୍ସବ

ବ୍ରହ୍ମପୁର,୧।୭(ସ୍ମୃତି ରଞ୍ଜନ ମହାଲିକ)

ମହାନଗର ବିଜେଡି ପକ୍ଷରୁ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣାଙ୍କ ତତ୍ତ୍ୱାବଧାନରେ ଗାନ୍ଧୀନଗର ୧୦ ଲେନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଧାଚୁଡା, କୃଷ୍ଣଚୁଡା, ନିମ୍ବ ଓ ବଉଳର ପ୍ରାୟ ୫୦ ବୃକ୍ଷ ରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବିକ୍ରମ କୁମାର ପଣ୍ଡା ଓ ବିଏମସି ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ସୋନାଲୀ ଗନ୍ତାୟତ, ଗୀତା ରାଣୀ ପଣ୍ଡା, ଦୁର୍ଗା ଲାୟକ, ରଞ୍ଜିତା ବେହେରା, ଟି. ତ୍ରିପତି ପାତ୍ର ଏବ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ କର୍ମଚାରୀ ପ୍ରମୋଦ କୁମାର ଜେନା ଗ୍ରୁପ 'ଡି'ର ଅବସର ଗ୍ରହଣ କରିଛନ୍ତି। ବିଶ୍ୱ ବିଦ୍ୟାଳୟ କୁଳ ସଚିବ ପାର୍ବତୀ ମଞ୍ଜରୀ ମହାଲିକ, ଅଧ୍ୟାପକ ଯତୀନ ବିଷୋୟୀ, ଅଧ୍ୟାପିକା ପ୍ରଣତି ରଥ ଏବଂ ପ୍ରଜ୍ଞା ପ୍ରିୟଦର୍ଶନୀ ସାହୁ, ମୁଖ୍ୟ କିରାଣୀ ଏମ. ଅହମ୍ମଦ, କୋଷାଧ୍ୟକ୍ଷ ଲିଙ୍ଗରାଜ ବେହେରା, ତାରିଣୀ ବେହେରା, ଅକ୍ଷୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

# ଟାମଣା ଘାଟି ଲୁଟେରା ଗ୍ୟାଙ୍ଗ୍‌ର ଆଉ ଜଣେ ଗିରଫ

## ୪ ବନ୍ଧୁକ ଜବତ, ଜେଜେବିରେ ହାଜର ହେଲେ ନାବାଳକ

ବ୍ରହ୍ମପୁର,୧।୭(ସୁବାସ ଚନ୍ଦ୍ର ପାଢ଼ୀ):

ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣା ଘାଟି ଲୁଟେରା ଗ୍ୟାଙ୍ଗର ଫେରାର୍ ଥିବା ଆଉ ୨ଜଣ ମଙ୍ଗଳବାର ଧରାପଡ଼ିଛନ୍ତି। ସେଥିମଧ୍ୟରେ ଜଣେ ନାବାଳକ ଅଛନ୍ତି। ଅଭିଯୁକ୍ତ ଜୁଗୁଡି ଗ୍ରାମର ବୁଦ୍ଧୁ ଦାସ(୩୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ହାଜର କରାଯାଇଛି। ଏମାନଙ୍କ ନିକଟରୁ ୪ଟି ବନ୍ଧୁକ, ୪ଟି ଗୁଳି ଓ ୨ଟି ଖଣ୍ଡା ଜବତ ହୋଇଛି। ପୂର୍ବରୁ ଏହି ଗ୍ୟାଙ୍ଗର ୪ ଜଣ ପାଣ୍ଡା ଗୌଡ଼, ଚେରୁ ଗୌଡ଼, ନୀଳମାଧବ ଗୌଡ଼ ଓ ନୀତିକେଶ ବିଷୋୟୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଏବେ ଜାମିନରେ ଅଛନ୍ତି। ପେଷାଦାର ଅପରାଧୀ ଗୋଷ୍ଠୀ ଟାମଣା ଘାଟିରେ ଆଡ୍ଡା ଜମାଇ ଲୋକଙ୍କୁ ବନ୍ଧୁକ



ଦେଖାଇ ଭୟଭୀତ କରି ଦାଦାବଟି ମାଗୁଥିଲେ।

ଟାମଣା ଘାଟି ନିକଟ ମହୁରୀଗଡ଼ରେ ବ୍ରହ୍ମପୁର ଶରଧାବାଲି ନଗରରେ ରହୁଥିବା ରମେଶ ଚନ୍ଦ୍ର ଦାସଙ୍କ ଏକ ଫାର୍ମ ହାଉସ ରହିଛି। ସେଠାରେ ସେ ଧାନ, ଆମ୍ବ ଓ ଲେମ୍ବୁ ଚାଷ କରନ୍ତି। ଏକ ଦମ୍ପତି ଫାର୍ମ ହାଉସରେ କାମରେ ନିୟୋଜିତ ଥିଲେ। ଜୁନ୍ ୧୦ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତମାନେ ଫାର୍ମ ହାଉସରେ ପଶି ଦମ୍ପତିଙ୍କୁ ବନ୍ଧୁକ ଓ ଖଣ୍ଡା ଦେଖାଇ ତୁମ ମାଲିକଙ୍କୁ କହିବ ୬ ଲକ୍ଷ ଟଙ୍କା ବଟି ଦେବ ନଚେତ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଚାଲି ଯାଇଥିଲେ। ଏ ନେଇ ଦମ୍ପତି ମାଲିକ ରମେଶଙ୍କୁ ଜଣାଇଥିଲେ। ଏ ନେଇ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗତ ୨୫ ତାରିଖରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଲୁଟେରା ଗ୍ୟାଙ୍ଗ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହିଥିବା ତଦନ୍ତ ବେଳେ ଜଣାପଡିଛି ବୋଲି ବ୍ରହ୍ମପୁରରେ ଏସ୍‌ପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣିଲେ, ସେମାନଙ୍କୁ କିଏ ଏହା ଯୋଗାଣ କରିଛନ୍ତି ସେ ନେଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନେ ଟାମଣା ଅଞ୍ଚଳର ଦୁର୍ଦ୍ଦାନ୍ତ କୁନା ବେହେରା ଗ୍ୟାଙ୍ଗର ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

## ଇଂରାଜୀରେ ଅନୁବାଦ କରି ନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ

ବ୍ରହ୍ମପୁର,୧।୭ (ସ୍ମୃତି ରଞ୍ଜନ ମହାଲିକ)

କବି ଡ ଫନି ମହାନ୍ତିଙ୍କ ଅନ୍ୟତମ କାବ୍ୟଖଣ୍ଡ 'ଅହଲ୍ୟା'ର ଶ୍ରେଷ୍ଠ ଇଂରାଜୀ ଅନୁବାଦ ନିମନ୍ତେ ଅଧ୍ୟାପିକା ଡ. ସୋନାଲୀ ସାହୁ ନ୍ୟାଶନାଲ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ତାଙ୍କୁ ଭାରତ ବିଭୂଷଣ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ଡ. ସାହୁ ୩ ମାସ ପୂର୍ବରୁ ତାଙ୍କର ଅନୁବାଦଟିକୁ ରେକର୍ଡ ନିମନ୍ତେ ଆବେଦନ କରିଥିଲେ। ଯାହାକି ସଫଳ ହୋଇଛି। ତାଙ୍କର ଏହି ଅନୁବାଦଟି ବ୍ଲାକ ଇଗଲ ପବ୍ଲିସିଂ ହାଉସ ପକ୍ଷରୁ ପ୍ରକାଶିତ ମଧ୍ୟ ହୋଇଛି। ସେ ଜ୍ଞାନ ବିକାଶ ମହାବିଦ୍ୟାଳୟରେ ଯୁକ୍ତ ୨ ଇଂରାଜୀ ବିଭାଗରେ ଅଧ୍ୟାପିକା


ସୋନାଲୀ ସାହୁ

ରହିଥିବା ବେଳେ ଓଡିଆ ଭାଷା ସାହିତ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଓ ଗାରିମା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛନ୍ତି। ଆଗାମୀ ଦିନରେ ସେ ଉଚ୍ଚକୋଟୀର ପୁସ୍ତକ ରଚନା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

TEACHERS REQUIRED for SUNSHINE PLAY SCHOOL (Cuttack)
Qualification: Any Graduate
Contact No.:
9437106767
7854085452

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22-75-2024/1344 Dated, the 23rd June, 2025
Advertisement
Applications are invited from Indian Nationals for engagement of 01 (one) (UR) Engineer In-Charge (Tug) (Class-II) on Direct Recruitment basis in Paradip Port Authority.
For further details, visit our website : www.paradipport.gov.in/Career.aspx.
Sr. Asst. Secretary,
Paradip Port Authority
PPA/PR/22/2025-2026, Dt.24/06/2025

RITE
Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.: RITE/HR/Advt./2025-26/01
RECRUITMENT OF STAFF & FACULTIES
RITE Bhubaneswar is a premier Institute offering B.Tech., MBA and MCA programs.
RITE Bhubaneswar invites applications from eligible & experienced candidateds for following positions in corresponding departments:
01. Professor/Associate Professor/Assistant Professor/Lab Assistant in following disciplines.
MBA/MCA/B.Tech (CSE/CIVIL/ME/EE/Comp. Engg., Physics/Chemistry/Mathematics/English)
Eligibility: "M.Tech/MSc/MA/PhD in respective Subject"
02. IT Administrator
Eligibility: "M.Tech/MSc/MA/PhD in respective Subject"
03. Non-Teaching Staff Positions : Driver (Truck, Tractor, Car) Plumber, Painter
Eligibility: "Candidates must have at least 10th pass and a minimum of 5 years of relevant experience."
SALARY: AS PER AICTE NORMS/INDUSTRY STANDARDS.
For further details visit College Campus
or send your resume to : career@riteindia.edu.in
The interested candidates need to email the duly filled application, CV, Photograph, Copy of Pan, Copy of Adhar Card & Testimonial within 7 days of Publication of this Advertisement.
The authority reserves the right to reject any or all applications without assigning any reason.
-SD-
PRINCIPAL
RITE BHUBANESWAR
IDCO Plot-1, IDCO Industrial Estate Barunei, Khordha-752057, India,
Phone : 8895199998 Email - riteodisha@gmail.com, web : riteindia.edu.in

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाईट देखने हेतु स्कैन करें Scan to visit Website
ସିଆର୍‌ପି ପିଓ/ଏମ୍‌ଟି-XV ଏବଂ ସିଆର୍‌ପି ଏସ୍‌ପିଏଲ୍-XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ଏବଂ ସ୍ପେଶାଲିଷ୍ଟ ଅଫିସର୍ସଙ୍କ ନିଯୁକ୍ତି (୨୦୨୬-୨୭ର ଖାଲିପଦବୀ) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଫିସିଆଲ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ସର୍ବସାଧାରଣ କ୍ଷେତ୍ରର ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନୀ ପଦବୀ ତଥା ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ ଚୟନ ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆରପି) ଲାଗି ଅନ୍‌ଲାଇନ୍ ପରୀକ୍ଷା ସମ୍ଭାବ୍ୟ ଭାବେ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ଅଗଷ୍ଟ ୨୦୨୫ | — |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ ୨୦୨୫ | ଅଗଷ୍ଟ ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର ୨୦୨୫ | ସେପ୍ଟେମ୍ବର ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୫ | ନଭେମ୍ବର ୨୦୨୫ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ନଭେମ୍ବର ୨୦୨୫ | ନଭେମ୍ବର ୨୦୨୫ |
| ବ୍ୟକ୍ତିତ୍ୱ ପରୀକ୍ଷା | ନଭେମ୍ବର/ ଡିସେମ୍ବର ୨୦୨୫ | — |
| ସାକ୍ଷାତ୍‌କାର ସଞ୍ଚାଳନ | ଡିସେମ୍ବର ୨୦୨୫/ ଜାନୁଆରୀ ୨୦୨୬ | ଡିସେମ୍ବର ୨୦୨୫/ ଜାନୁଆରୀ ୨୦୨୬ |
| ପରୀକ୍ଷାମୂଳକ ଆବଣ୍ଟନ | ଜାନୁଆରୀ/ ଫେବୃଆରୀ ୨୦୨୬ | ଜାନୁଆରୀ/ ଫେବୃଆରୀ ୨୦୨୬ |

ବିବରଣୀ ତଥା ଅଦ୍ୟତନ ସୂଚନା ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ନିର୍ଦ୍ଧାରିତ ତାରିଖରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ପ୍ରତ୍ୟେକ ସବିଶେଷ ଅଧିସୂଚନାରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ନିହାତି ଆବଶ୍ୟକ ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୫
ନିର୍ଦ୍ଦେଶକ

## ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଆସିକା ବସଷ୍ଟାଣ୍ଡସ୍ଥିତ ବିଭିନ୍ନ ହୋଟେଲ, ଗ୍ୟାରେଜ ଓ ରେଷ୍ଟୋରାଣ୍ଟରେ ଶ୍ରମ ବିଭାଗ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୪ଜଣ ଆଖପାଖ ଅଞ୍ଚଳ ଓ ଜଣେ ବିହାରର ବୋଲି ଜଣାପଡିଛି। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ବ୍ରହ୍ମପୁର ଶିଶୁ କଲ୍ୟାଣ ସମିତି ନିକଟରେ ହାଜର କରାଯିବ। ଆସିକା ଶ୍ରମ ଅଧିକାରୀ ହୃଷିକେଶ ରାଓଙ୍କ ନେତୃତ୍ୱରେ ଧୀରେନ ନାୟକ, ବର୍ଷାରାଣୀ ନାୟକ ଓ ଆସିକା ପୋଲିସ ଚଢାଉରେ ସାମିଲ ଥିଲେ।

## ସଂକ୍ଷେପରେ

### କ୍ଷେତ୍ରମୋହନ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୭(ଦିଲୀପ ସାମଲ): ନରେନ୍ଦ୍ରପୁରସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଡ. ହୃଷିକେଶ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଉକ୍ତ ଅନୁଷ୍ଠାନରେ ୩ ଦଶନ୍ଧି ଧରି ଅଧ୍ୟାପକ ଭାବେ କାର୍ଯ୍ୟ କରି ଆସିଛନ୍ତି। ଜଣେ ନୀତିନିଷ୍ଠ ଆଦର୍ଶ ଶିକ୍ଷାବିତ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ତାଙ୍କର ସୁଖ୍ୟାତି ରହିଛି। ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

### ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜି.ଉଦୟଗିରି,୧୭ (ଶିଶିର ପଟ୍ଟନାୟକ/ବିଜୟ କୁମାର ସେଠୀ): ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ଠାରେ ସୋମବାର ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ସୁଧାଂଶୁ ରାଜ୍ୟର ବିଶିଷ୍ଟ ଗଣିତ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ଛାତ୍ର। ମହାବିଦ୍ୟାଳୟ ସମସ୍ତ କର୍ମଚାରୀ ତାଙ୍କର ଆଗାମୀ ଚଳାପଥ କୁସୁମିତ ହେବା ପାଇଁ ଶୁଭକାମନା କରିଥିଲେ। ଏହାସହ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହା ସହିତ ଅନ୍ୟ କଲେଜକୁ ବଦଳି ହୋଇଥିବା ଅଧ୍ୟାପିକା ମାମିନା ଦାଶ, ସବିତା ଗୁରୁ ଓ ଅଧ୍ୟାପକ ଗୁପବନ୍ଧୁ ଭୋଇଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

### ଚିନିକଲ ମରାମତି ବେଳେ ଠିକା ଶ୍ରମିକ ମୃତ

ଆସିକା,୧୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ସମବାୟ ଚିନିକଲର ମରାମତି କାର୍ଯ୍ୟରେ ନିୟୋଜିତ ଜଣେ ଠିକା ଶ୍ରମିକଙ୍କ ମଙ୍ଗଳବାର ମଧ୍ୟାହ୍ନରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଅଞ୍ଚଳର ସଲମାନ ଖାନ। ମରାମତି କାର୍ଯ୍ୟରେ ନିୟୋଜିତ ଏକ ସଂସ୍ଥାର ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସଲମାନ ପ୍ରାୟ ୪୦ ଫୁଟ ଉଚ୍ଚରୁ ତଳକୁ ପଡିଯାଇଥିଲେ । ତାଙ୍କୁ ତୁରନ୍ତ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ଆସିକା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହ ବ୍ୟବଛେଦ କରାଇଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ତାଲା ଭାଙ୍ଗି ଦୋକାନରୁ ଚୋରି

ବୁଗୁଡା,୧୭(କାଳିଚରଣ ଦାଶ)

ବୁଗୁଡାର କଦମ୍ୱମଠ ରାଧାକୃଷ୍ଣ ମନ୍ଦିର ନିକଟରେ ଥିବା ପ୍ରଭାତ ସାହୁଙ୍କ ଦୋକାନରୁ ତାଲା ଭାଙ୍ଗି ଚୋରି ହୋଇଛି। ସୋମବାର ରାତିରେ ପ୍ରଭାତ ଦୋକାନ ବନ୍ଦ କରି ନିଜ ଗାଁ ବି.କରଡ଼ାବାଡ଼ିକୁ ଚାଲି ଯାଇଥିଲେ। ସେ ମଙ୍ଗଳବାର ସକାଳେ ଆସି ଦେଖିବା ବେଳକୁ ଦୋକାନ ତାଲା ଭଙ୍ଗାଯାଇଥିଲା। ତାଙ୍କ ଦୋକାନରୁ ପେଟ୍ରୋଲ, ସିଗାରେଟ୍, ବିସ୍କୁଟ୍ ପ୍ୟାକେଟ ସହ ଡ୍ରରେ ଥିବା ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିଲେ। ଏ ନେଇ ସେ ଥାନାକୁ ଜଣାଇବା ପରେ ପୋଲିସ ସେଠାରେ ପହଞ୍ଚି ଘଟଣାର ଅନୁସନ୍ଧାନ କରି ଫେରିଛି।

### କିଶାନ ସେଲ ରାଜ୍ୟ ସଭାପତିଙ୍କ ଆସିକା ଗସ୍ତ

ଆସିକା,୧୭(ସୁରେନ୍ଦ୍ର ନାଥ ସାହୁ)

ପ୍ରଦେଶ କଂଗ୍ରେସ କିଶାନ ସେଲର ରାଜ୍ୟ ସଭାପତି ଅଭୟ ସାହୁ ମଙ୍ଗଳବାର ଆସିକା ଗସ୍ତରେ ଆସିଥିଲେ । ତାଙ୍କ ସହ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, କୃଷକ ନେତା ଅରୁଣ ଜେନା ସାମିଲ ଥିଲେ । ମଧ୍ୟାହ୍ନରେ ଆସିକା ଖମ୍ବେଶ୍ୱରୀ ପାଟଣାସ୍ଥିତ ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) କମିଟି କାର୍ଯ୍ୟାଳୟରେ କିଶାନ ସେଲର ଜିଲା ସଭାପତି ଦେବକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ବିଭିନ୍ନ ସ୍ଥାନରୁ ଆସିଥିବା ଚାଷୀଙ୍କ ସହ ନେତୃବୃନ୍ଦ ଆଲୋଚନା କରିଥିଲେ। । ଗଞ୍ଜାମ ଜିଲ୍ଲା ଏକ କୃଷି ପ୍ରାଧାନ୍ୟ ଜିଲା। ଆସିକା ଜିଲାର ଏକ କେନ୍ଦ୍ର ସ୍ଥଳୀ। ଏହା ସତ୍ତ୍ୱେ ରାଜ୍ୟରେ ବହୁ ବର୍ଷ ଧରି ଶାସନରେ ଥିବା ପୂର୍ବ ସରକାର ଓ ବର୍ତ୍ତମାନର ଭାଜପା ସରକାର ଚାଷୀଙ୍କ ବାସ୍ତବ ପରିସ୍ଥିତି ଅନୁଧ୍ୟାନ କରି ସେମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଉ ନ ଥିବା ନେତୃବୃନ୍ଦ ଅଭିଯୋଗ କରିଥିଲେ। ଚାଷୀମାନଙ୍କ ମିଳିତ ସହଯୋଗରେ କଂଗ୍ରେସ ଦଳ ରାଜ୍ୟରେ ପୁଣି ସୁଦୃଢ ହେବ ବୋଲି ସେମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶୁ ପରିଡା, ଅଜିତ ମୁନି, ଅଭିନାଶ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବିଭିନ୍ନ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ସଫଳ

ଦାରିଙ୍ଗବାଡ଼ି,୧୭ (ଅରୁଣ ସାହୁ)



ବିଭିନ୍ନ ସଂଗଠନ ପକ୍ଷରୁ ମଙ୍ଗଳବାର ଭାରତବନ୍ଦ ଡାକରା ଦିଆଯାଇଥିବା ବେଳେ ଦାରିଙ୍ଗବାଡ଼ି ବ୍ଲକ ପ୍ରଭାବିତ ହୋଇଛି। ବ୍ଲକର ଦୁର୍ଗମ କାଟିଙ୍ଗିଆ ପଞ୍ଚାୟତ ସମେତ ବ୍ରାହ୍ମଣୀଗାଁ, ଦାରିଙ୍ଗବାଡ଼ି ଏବଂ ସିମନବାଡ଼ିରେ ଦୋକାନବଜାର ବନ୍ଦ ରହିବା ସହ କିଛି ସ୍ଥାନରେ ଗାଡ଼ି ମୋଟର ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତେବେ ବ୍ରହ୍ମପୁରରୁ ଦାରିଙ୍ଗବାଡ଼ି ବେଳେ ବସ୍ ଚଳାଚଳ କରିଥିଲା। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀ ମାନେ ଟାୟାର ଜାଳି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ବ୍ରାହ୍ମଣୀଗାଁରେ ସଭା ଓ ଶୋଭାଯାତ୍ରା ମାଧ୍ୟମରେ ବିକ୍ଷୋଭ କରାଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଦଳିତ, ଆଦିବାସୀ, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ଉପରେ ଅତ୍ୟାଚାର ବିରୁଦ୍ଧ ଦାବି ସହ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଭୀମରାଓ ଆମ୍ବେଦକରଙ୍କ ସମ୍ପର୍କରେ ଅପମାନ ଜନିତ ମନ୍ତବ୍ୟ ବିରୋଧ, ଇଭିଏମ୍ ବଦଳରେ ବ୍ୟାଲଟ ପେପରରେ ନିର୍ବାଚନ କରାଯିବା ଦାବି ସପକ୍ଷରେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଓବିସିଙ୍କ ଜାତିଆଧାର ଜନଗଣନା ନ କରାଯିବା ପ୍ରତିବାଦ ଆଦି ବିରୋଧ କରାଯାଇ ଭାରତ ମୁକ୍ତିମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ଓ ମୁସଲିମ ମୋର୍ଚ୍ଚା ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ବ୍ରାହ୍ମଣୀଗାଁ ଏବଂ ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଶାନ୍ତି ବଜାୟ ରଖିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

ରାଇକିଆରେ ଭାରତ ବନ୍ଦ ଡାକରା ର ପ୍ରଭାବ, ଦୋକାନ ବଜାର ବନ୍ଦ

**ରାଇକିଆ,(ପ୍ରଦୀପ ବେହେରା):** ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ୬ ଦଫା ଦାବି ନେଇ ମଙ୍ଗଳବାର ଦିଆଯାଇଥିବା ବନ୍ଦ ଡାକରାର ପ୍ରଭାବ ରାଇକିଆ ବ୍ଲକରେ ଦେଖିବାକୁ ମିଳିଛି। ସହରର ସମସ୍ତ ଦୋକାନ ବଜାର, ବସ୍, ଅଟୋ ଚଳାଚଳ ବନ୍ଦ ରହିଥିବା ବେଳେ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା। ଏଥିରେ ରାଇକିଆ ବ୍ଲକ୍ ଶାଖା କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ମାନେ ସାମିଲ ହୋଇଥିଲେ। ଶେଷରେ ଡ.ବି ଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଦେଇ ବନ୍ଦ ଡାକରା ସମାପନ ହୋଇଥିଲା।

**ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ):** ଜି.ଉଦୟଗିରି ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ ହୋଇଛି। ଏହି ବନ୍ଦ ଡାକରାରେ ହନକ ଦିଗାଲ, ଫିରୋଜ ଦିଗାଲ, ରଜତ ନାୟକ, ଜାକି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ ସାମାଜିକ ସଂଗଠନ ଗୁଡ଼ିକ ତଥା ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ମିଳିତ ଭାରତ ବନ୍ଦ ଡାକରାରେ ସହଯୋଗ କରିଥିବା ବେଳେ ଜି.ଉଦୟଗିରି କଂଗ୍ରେସ ଦଳ ସମର୍ଥନ କରିଥିବା ସୂଚନା ମିଳିଛି। ଏଥିରେ ସହରର ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ କିଛି ସମୟ ପାଇଁ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ପୂର୍ବଦିନ ଡାକବାଜି ମାଧ୍ୟମରେ ଏହି ବନ୍ଦ ବିଷୟରେ ଲୋକଙ୍କୁ ସୂଚନା ଦିଆଯାଇଥିଲା। ସ୍ଥାନୀୟ ଆଇଆଇସି ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏସଆଇ ରୂପକ ଦଳେଇ, ମହିଳା ଏସଆଇ ରଞ୍ଜିତା ବେହେରା, ବୁଲୁ ବେହେରାଙ୍କ ସମେତ ଆଇଆରବି ଯବାନ ମୁତୟନ ଥିଲେ।

# ମେଡିକାଲରେ କାଫେ ଉଦ୍‌ଘାଟିତ

ଭଞ୍ଜନଗର,୧୭(ବାବୁଲା ପ୍ରଧାନ)

ଜାତୀୟ ଡକ୍ଟର୍ସ ଦିବସ ମଙ୍ଗଳବାର ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ପାଳିତ ହୋଇଛି। ଏହି ଅବସରରେ ମେଡ଼ିକାଲ ପରିସରରେ ମିଶନ ଶକ୍ତି ପକ୍ଷରୁ ଏକ କାଫେ ଉଦ୍‌ଘାଟିତ ହୋଇଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଞ୍ଜନଗର ରୋଟାରୀ କ୍ଲବ ମଧ୍ୟ ଡକ୍ଟର୍ସ ଦିବସରେ ବିଭିନ୍ନ ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ସକାଳୁ ସାଇ ମନ୍ଦିରରେ ସେବା କାର୍ଯ୍ୟ ଆରମ୍ଭ କରିଥିଲା। ପରେ ସ୍ଥାନୀୟ ବ୍ଲଡ଼ ବ୍ୟାଙ୍କ ପରିସରରେ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ହୋଇଥିଲା। ବିଧାୟକ ନାୟକ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥୀ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ମଳିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ ସଭାପତି ରଞ୍ଜିତ ବାରିକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଗୁପ୍ତେଶ୍ୱର ସୁବୁଦ୍ଧି ବିବରଣୀ ପ୍ରଦାନ କରିଥିଲେ। ବିଷ୍ଣୁ ପ୍ରଧାନ, ମାନସ ଜେନା, ଧବଳେଶ୍ୱର ମାଝୀ, ସନ୍ତୋଷ ତିଆଡିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗଞ୍ଜେଇ ଚୋରା ଚାଲାଣ, ୬ ଗିରଫ

ଫୁଲବାଣୀ,୧୭ (ରାକେଶ କୁମାର ରାଉତ)

ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ଏକ କାର, ସ୍କୁଟି ଏବଂ ବାଇକ୍ ଜବତ କରାଯାଇଛି।ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। କାର୍‌ଟି କଳିଙ୍ଗା ଘାଟିରେ ପହଞ୍ଚିଲା ବେଳେ ଅବକାରୀ ଅଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୧୭ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋଚ୍ଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତ କାଣାପାଟି ଗ୍ରାମର ଦୁଃଶାସନ ଦିଗାଲ ଓ ରାଜେନ୍ଦ୍ର ଦିଗାଲ, ବେଲପଦର ଅଞ୍ଚଳର ସୁଧୀର ବେହେରା। ସେହିପରି କଳିଙ୍ଗା ଛକରେ ଏକ୍ ସ୍କୁଟିରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବ୍ରହ୍ମପୁର ରମ୍ଭା ଅଞ୍ଚଳର ମୁକେଶ ବେହେରାଙ୍କୁ ଗିରଫ କରାଯାଇଛି। ଅନ୍ୟ ଏକ ଘଟଣାରେ ସାରଙ୍ଗଗଡ଼ ଥାନା ବଣ୍ଡଗୁଡା ଛକରେ ଏକ ବାଇକରୁ ୧୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବଣ୍ଡଗୁଡ଼ା ଅଞ୍ଚଳର ସୁଦୟ ଦିଗାଲ ଓ ରଞ୍ଜନ ଦିଗାଲଙ୍କୁ ଗିରଫ କରା ଯାଇଛି। ଏନେଇ ୬୭/୨୫, ୬୮/୨୫ ଓ ୬୨/୨୫ରେ ପୃଥକ ଭାବେ ମାମଲା ରୁଜୁ ହୋଇଛି।

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ସମୂହ ଛୁଟିରେ ଗଞ୍ଜାମ ଓଏଏସ୍ ସଂଘ

ଛତ୍ରପୁର,୧୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ମଙ୍ଗଳବାର ଗଞ୍ଜାମ ଜିଲା ଓଏଏସ୍ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଛି। ସଂଘ ସଭାପତି ତଥା ଏଡିଏମ ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ପ୍ରତିବାଦ ସଭା କରାଯାଇ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ରାଜ୍ୟ ଓଏଏସ ସଂଘ ପକ୍ଷରୁ ସମୂହ ଛୁଟି ନିଷ୍ପତି ସ୍ଥଗିତକୁ ଗଞ୍ଜାମ ଜିଲ୍ଲା ଓଏଏସ ସଂଘ ନ ମାନି କାର୍ଯ୍ୟବନ୍ଦ ଓ ସମୂହ ଛୁଟି ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି । ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଆଧାରରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ସମ୍ପୃକ୍ତ ଏବଂ ଏହାର ପଛରେ ଥିବା ସମସ୍ତଙ୍କୁ ଗିରଫ କରିବା, ଓଏଏସ ଅଧିକାରୀ ମାନଙ୍କୁ ସୁରକ୍ଷା ଦେବା ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରି ତାଙ୍କ ରିପୋର୍ଟକୁ ଆଧାର କରି ସରକାର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସଂଘ ପକ୍ଷରୁ ଦାବି ହୋଇଛି । ଏ ନେଇ ସର୍ବସମ୍ମତି ପତ୍ର ପ୍ରକାଶ ପାଇଛି। ଏ ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗଞ୍ଜାମ ଜିଲ୍ଲାପାଳ ଓ ରାଜ୍ୟ ଓଏଏସ ସଂଘ ସଭାପତିଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଉଛି। ସେହିପରି ଗଞ୍ଜାମ ଜିଲା ଓଆରଏସ ସଂଘ ମଧ୍ୟ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ପ୍ରତିବାଦ ସଭାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ଗଞ୍ଜାମ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଅତିରିକ୍ତ ଉପଜିଲାପାଳ ପାର୍ଥ ସାରଥୀ ହାଁସଦା, ଡେପୁଟି କଲେକ୍ଟର ( ଜରୁରୀ କାଳୀନ ) ଅଭିଷେକ ସାହୁ, ଛତ୍ରପୁର ତହସିଲଦାର ସମ୍ପିତ ସଂଗ୍ରାମଜିତ ସାହୁ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଗଞ୍ଜାମ ବ୍ଲକ ବିଡ଼ିଓ ଅଭିମନ୍ୟୁ ଯାନୀଙ୍କ ସହ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗ ଦେଇଥିଲେ।

# ନାବାଳିକାଙ୍କ ହାତଗୋଡ଼ ବାନ୍ଧି ବଳାତ୍କାର ଘଟଣା, ସମ୍ପର୍କୀୟ ଭାଇ ଗିରଫ

ଗୋପାଳପୁର,୧୭(ନବୀନ ରାଜ ଆଚାରୀ)



ଗଞ୍ଜାମ ଜିଲା ବ୍ରହ୍ମପୁର ସଦର ସବ୍‌ଡିଭିଜନାଲ ଅଧୀନରେ ଦିନକୁ ଦିନ ବଳାତ୍କାର ଓ ଗଣ ବଳାତ୍କାର ଘଟଣା ବଢ଼ି ଚାଲିଛି। ଏହା ପୋଲିସ ପାଇଁ ମୁଣ୍ଡବିନ୍ଧା ପାଲଟିଛି। କିଛି ଦିନ ବ୍ୟବଧାନ ପରେ ପୁଣି ଏକ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି। ଗୋଳନ୍ଥରା ଥାନା ଅଞ୍ଚଳର ଜନୈକା ଛାତ୍ରୀଙ୍କ ଗୋଡ଼ ହାତ ବାନ୍ଧି ପାଇଖାନାରେ ବଳାତ୍କାର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଭୁବନା ପ୍ରଧାନ (୨୨)।

ପ୍ରକାଶ ଯେ, ଗତ ୨୮ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳର ୭ମ ଶ୍ରେଣୀ ଛାତ୍ରୀ (୧୧) ଜଣକ ମାଉସୀ ଘର ବାରିପଟକୁ ପିଜୁଳି ଖାଇବାକୁ ଯାଇଥିଲେ। ସେହି ଗ୍ରାମର ତାଙ୍କର ଜଣେ ସମ୍ପର୍କୀୟ ଭାଇ ଭୁବନା ଛାତ୍ରୀଙ୍କୁ ଟାଣିଟାଣି ନେଇ ନିକଟରେ ଥିବା ଏକ ବିଦ୍ୟାଳୟ ପାଇଖାନାରେ ତାଙ୍କ ହାତ ଗୋଡ଼ ବାନ୍ଧି ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଛାତ୍ରୀଙ୍କୁ ଭୁବନା ଧମକଚମକ ଦେଇଥିଲେ। ତେବେ ଘଟଣା ନେଇ ଛାତ୍ରୀ ଜଣକ ମା'ଙ୍କୁ କହିଥିଲେ। ସୋମବାର ପୀଡ଼ିତାଙ୍କ ମାଆ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ ୨୮୦/୨୫ରେ ଏକ ବଳାତ୍କାର ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରି ବ୍ରହ୍ମପୁର ବଡ଼ ମେଡିକାଲରେ ସମ୍ପୃକ୍ତା ଛାତ୍ରୀଙ୍କ ଡାକ୍ତରୀ ମାଇନା କରିଥିଲା। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ଭୁବନାଙ୍କୁ ଗ୍ରାମରୁ ପୋଲିସ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା କରି ମଙ୍ଗଳବାର ସକାଳେ ଗିରଫ କରିଥିଲା। ଡାକ୍ତରୀ ମାଇନା କରି ସନ୍ଧ୍ୟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟ ପଟେ ବିଏନ୍‌ଏସ୍‌ଏସ୍ ୧୮୩ ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଛି।

# ରାଜସ୍ୱ ସହାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୧୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ ଦାଶ ଚାକିରିରୁ ଅବସର ନେଇଛନ୍ତି। ତାଙ୍କୁ ବିଦାୟ ଦେବାଲାଗି ଏହି ଅବସରରେ ବ୍ଲକ ବୈଠକ ଗୃହରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିଲା । ଅମେଶ ବେହେରାଙ୍କ ସଂଯୋଜନାରେ ହୋଇଥିବା ଏହି ସଭାରେ ଭାରପ୍ରାପ୍ତ ବିଡିଓ ସୁଶୀଲ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଗୋଷ୍ଠୀ ବିତ୍ତ ଅଧିକାରୀ ସୁରେଶ ବେହେରା, ବିଭାଗୀୟ ଅଧିକାରୀ ସଞ୍ଜୟ ପରିଛା, ବରିଷ୍ଠ ରାଜସ୍ୱ ଅଧିକାରୀ ନିରଞ୍ଜନ ପ୍ରଧାନ, ପ୍ରମିଳା ଶବର, କନିଷ୍ଠ ରାଜସ୍ୱ ଅଧିକାରୀ କାହ୍ନୁ ଚରଣ ପ୍ରଧାନ, ଏପିଓ ନନ୍ଦିନୀ ଦାସ, ଜିପିଓ ଦେବରାଜ ନାୟକ ପ୍ରମୁଖ ଉପସ୍ଥିତ ରହି ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ଚାକିରି ଜୀବନରେ କର୍ତ୍ତବ୍ୟ ନିଷ୍ଠା, ପରୋପକାରୀ ଗୁଣକୁ ଅତିଥିମାନେ ପ୍ରଶଂସା କରିଥିଲେ। ପିଇଓ କାଳୁ ଚରଣ ସ୍ୱାଇଁ, ରମେଶ ପୃଷ୍ଟି, ଇସାକ ପ୍ରଧାନ, ଅଶୋକ ସେଠୀ, ଅମୂଲ୍ୟ ରାଉଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବି କଲା ଛାତ୍ର କଂଗ୍ରେସ, କ୍ରାନ୍ତି ଯୁବ ଛାତ୍ର ସଂଘ

ଛତ୍ରପୁର,୧୭(ସନ୍ତୋଷ ପାଢ଼ୀ)

**ଆବାସିକ କଲେଜ ଛାତ୍ର ମୃତ୍ୟୁ ଘଟଣା**

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶୁଭମ ସ୍ୱାଇଁ (୧୭)ଙ୍କ ମୃତଦେହ ରେଳଧାରଣାରୁ ମିଳିବା ଘଟଣାକୁ ଛାତ୍ର କଂଗ୍ରେସ ଓ କ୍ରାନ୍ତି ଯୁବ ଛାତ୍ର ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏହି ଘଟଣା ସମଗ୍ର ଛାତ୍ର ସମାଜ ପାଇଁ ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ ବୋଲି କୁହାଯାଇଛି। ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦୁଇ ସଂଘ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଲେଜରେ ପୂର୍ବରୁ ମଧ୍ୟ ଅଘଟଣ ଘଟିଛି। ତେଣୁ ଉକ୍ତ କଲେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ୨ ସଂଘ ପକ୍ଷରୁ ଦାବି ହୋଇଛି। ଶୁଭମଙ୍କ ମୃତ୍ୟୁ ପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବରୁ ତାଙ୍କ ମାମୁ ସନ୍ଦୀପ କୁମାର ସ୍ୱାଇଁ ଓଡିଶା ମାନବ ଅଧିକାର କମିଶନ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତ ବୁଧବାର କଲେଜରୁ ଛାତ୍ର ଶୁଭମ ନିଖୋଜ ହୋଇଥିଲେ ଏବଂ ସେହି ରାତିରେ କଲେଜ ନିକଟ ରେଳଧାରଣାରୁ ମୃତଦେହ ମିଳିଥିଲା। ଏହି ମାମଲାରେ ଛତ୍ରପୁର ଥାନା ଓ ବ୍ରହ୍ମପୁର ଜିଆରପି ଥାନା ମାମଲା ରୁଜୁ କରିବା ସହ ତଦନ୍ତ କରୁଛି। ଡିଏନ୍‌ଏ ପରୀକ୍ଷା ଓ ବ୍ୟବଛେଦ ରିପୋର୍ଟ ଘଟଣାର ରହସ୍ୟ ଉନ୍ମୋଚିତ କରିବ।

# ୪ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ମୋହନା,୧୭(ମନ୍ମଥ ମିଶ୍ର)

ମୋହନା ବ୍ଲକରେ ୪ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଡିଓ ରାଜୀବ ଦାସ ଓ ଏଚଡିଏଫସି ମ୍ୟାନେଜର ଉପସ୍ଥିତ ଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ନାରିଙ୍ଗି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦଳାଇ, ପାଣିଗଣ୍ଡା ବିଦ୍ୟାଳୟର ମାର୍କ ଦଳବେହେରା, କେଚାପଙ୍କା ବିଦ୍ୟାଳୟର ଦିଲୀପ ପାଢ଼ୀ ଓ ମୁରଲୀ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷକ ସିଦ୍ଧାର୍ଥ ପାତ୍ର, ସୁଧୀର ମହାପାତ୍ର ପରିଚାଳନା କରିଥିଲେ।

# ଦଣ୍ଡାସିକୁଳର ସାଙ୍ଗଠନିକ ଉତ୍ସବ

ରମ୍ଭା,୧୭(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ସୁବଳୟା ଗ୍ରାମ ପଞ୍ଚାୟତ ସ୍ଥିତ ଡ଼ିଏନଟି କଲୋନୀଠାରେ ଦଣ୍ଡାସିକୁଳର ଜିଲାସ୍ତରୀୟ ସାଙ୍ଗଠନିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ସାନ୍ତନୁ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ଗଞ୍ଜାମ ବ୍ଲକ୍ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ, ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ସନ୍ତୋଷ ମହାପାତ୍ର, ଦଣ୍ଡାସି କୁଳ ଜିଲା ସଭାପତି ତାରିଣୀ ନାୟକ, ଉପସଭାପତି ରଙ୍କନିଧି ନାୟକ, ସାନଖେମୁଣ୍ଡି ସଭାପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡିଏନଟି କଲୋନୀ ସଭାପତି ଗଙ୍ଗାଧର ନାୟକ ତଥା ଅନ୍ୟାନ୍ୟ କମିଟିର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ପୋଲ ମରାମତି ପାଇଁ ଜାତୀୟ ରାଜପଥରେ ଗାଡ଼ି ଜାମ୍



ଦାରିଙ୍ଗବାଡି, ୧୭ (ଅରୁଣ ସାହୁ)

୫୯ନଂ ଜାତୀୟ ରାଜପଥ ପିପଲପଙ୍କା ଗ୍ରାମ ନିକଟ ଏକ ଅଣ ଓସାରିଆ ପୋଲକୁ ମରାମତି ପାଇଁ ଅଘୋଷିତ ରାସ୍ତା ଅବରୋଧ କରାଯାଇଛି। ଗାଡ଼ି ମଟରା ଅଟକି ରହିବା ଯୋଗୁ ବ୍ରହ୍ମପୁର, ରାଇପୁର, ଦାରିଙ୍ଗବାଡ଼ି, ସୋରଡ଼ା, ଭଞ୍ଜନଗର ଯାଉଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହାକୁ ନେଇ ଯାତ୍ରୀ ଅସନ୍ତୋଷ ହେବା ସହ ଠିକାଦାର କାହିଁକି ଏହି ମରାମତି କାର୍ଯ୍ୟ ରାତିରେ ନକରି ଦିନରେ ରାସ୍ତା ବନ୍ଦ କରି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଜାତୀୟ ରାଜପଥକୁ ଅବରୋଧ କରାଯାଇ ମରାମତି କରାଯିବ ବୋଲି ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ମଧ୍ୟ ଦେଖାଦେଇଛି। ରାସ୍ତା ଅବରୋଧ ଯୋଗୁ ଯାତ୍ରୀମାନେ ଉକ୍ତ ଜଙ୍ଗଲ ମଧ୍ୟରେ ଅଟକି ରହିଥିଲେ। ଗୋଟିଏ ପଟେ ଏବେ ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷା ଚାଲିଥିବା ବେଳେ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥାନକୁ ଯାଇପାରୁ ନାହାନ୍ତି। ପ୍ରକାଶ ଯେ, ଗୋପାଳପୁରଠାରୁ ରାଇପୁରକୁ ସଂଯୋଗ କରୁଥିବା ଏହି ରାଜପଥର ଦାରିଙ୍ଗବାଡ଼ି ବ୍ଲକ୍ ପଞ୍ଚୁପଲିଠାରୁ ଗଞ୍ଜାମ ଜିଲା ସୋରଡ଼ା ବ୍ଲକ୍ ପିପଲପଙ୍କା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨୭ କି.ମି ରାସ୍ତା ଅଣ ଓସାରିଆ ସହ ସେଥି ମଧ୍ୟରେ ପ୍ରାୟ ୧୫ କିମି ରାସ୍ତା ଅଙ୍କାବଙ୍କା ଘାଟି ରାସ୍ତା ରହିଛି। ଅନେକ ସମୟରେ ଉକ୍ତ ଘାଟି ରାସ୍ତାରେ ଦୁର୍ଘଟଣା ଘଟୁଥିବା ନଜିର ରହିଥିବା ବେଳେ ସେହି ରାସ୍ତା ଦେଇ ଭାରିଯାନ ଯାତାୟାତ ସମ୍ଭବ ହେଉନାହିଁ। କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ନିର୍ମାଣ ବିଭାଗ ପକ୍ଷରୁ ୭ ଶହ ୧୮ କୋଟି ଟଙ୍କା ଅନୁଦାନ ରହିଛି। ତାହା ସମ୍ପ୍ରସାରଣ କାର୍ଯ୍ୟ କରାଗଲେ ହିଁ ସେହି ରାଜପଥ ବିପଦ ମୁକ୍ତ ହୋଇପାରିବ ବୋଲି କୁହାଯାଉଛି।

# ଘାଟିରେ ଟ୍ରେଲର ଦୁର୍ଘଟଣା

ଖଜୁରିପଡ଼ା,୧୬ (ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗାଡ଼ିଆପଡ଼ା ଘାଟି ଏସ୍ ବୁଲାଣିରେ ମଙ୍ଗଳବାର ଏକ ଟ୍ରେଲର (ଓଡ଼ି ୦୪ଏସ୍ ୭୩୬୮) ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। କଲିକତାରୁ ସାମଗ୍ରୀ ଧରି ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଚାଳକ ସୁରକ୍ଷିତ ଥିବାବେଳେ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିବା ପୋଲିସ ସୂଚନା ଦେଇଛି।

# ୯ ଦାବି ନେଇ ଧାରଣା ଦେଲେ ୫ ସଙ୍ଗଠନ

ପାରଳାଖେମୁଣ୍ଡି,୧୭(ଗିରିଧାରୀ ପରିଛା)

ଭାରତର ଗଣତନ୍ତ୍ର ଏବଂ ଜନ ସାଧାରଣଙ୍କ ସାମ୍ବିଧାନିକ ମୌଳିକ ଅଧିକାରର ସୁରକ୍ଷା ନିମନ୍ତେ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା, ରାଷ୍ଟ୍ରୀୟ କିଷାନ ମୋର୍ଚ୍ଚା ଓଡ଼ିଶା ଦଳିତ ମହାସଭା, ଭାରତ ଆଦିବାସୀ ମଞ୍ଚ ଆଦି ବିଭିନ୍ନ ସଙ୍ଗଠନର ମିଳିତ ତତ୍ତ୍ୱାବଧାନରେ ଭାରତବନ୍ଦ ଡାକରା ଦେଇଥିଲେ। କର୍ମକର୍ତ୍ତାମାନେ ମଙ୍ଗଳବାର ୯ ଦାବି ନେଇ ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଇଭିଏମକୁ ହଟାଇ ବାଲଟ ପେପର ମାଧ୍ୟମରେ ସବୁ ନିର୍ବାଚନ କରିବା, ଓବିସିଙ୍କ ଜାତିଭିତ୍ତିକ ଜନଗଣନା ସହିତ ସମସ୍ତ ବର୍ଗର ଜାତିଭିତ୍ତିକ ଜନ ଗଣନା କରି ଅନୁପାତରେ ସବୁ କ୍ଷେତ୍ରରେ ପ୍ରତିନିଧିତ୍ୱ ପ୍ରଦାନ କରିବା, ମୂଳନିବାସୀ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଉପରେ ଦେଶବ୍ୟାପୀ ହେଉଥିବା ଉତ୍ପୀଡ଼ନ, ଭେଦଭାବ ବନ୍ଦ କରିବା, ବିକାଶ ନାମରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଓ ଜମିରୁ ବେଦଖଲ କରିବା କାର୍ଯ୍ୟରୁ ନିବୃତ୍ତ ରହିବା, ଧରାକୋଟ ନିର୍ଯ୍ୟାତିତ ୨ ଦଳିତଙ୍କୁ ୨ ଏକର ଲେଖାଏ ସରକାରୀ ଜମି ଓ ସର୍ବନିମ୍ନ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା, ଗୋ ରକ୍ଷା ଆଇନକୁ କଡାକଡି ଲାଗୁ କରିବା ସହ ଅନ୍ୟାନ୍ୟ ଦାବି ରହିଛି। ସଙ୍ଗଠନଗୁଡିକ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତ ଆଦିବାସୀ ମଞ୍ଚ ଆବାହକ କେଦାର ଶବରଙ୍କ ନେତୃତ୍ୱରେ ଧାରଣା ଦେଇଥିଲେ। ପରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ପ୍ରମୋଦ ନିଶାନ, ଆଚାର୍ଯ୍ୟ ଆମୋଦ କୁମାର ବର୍ଦ୍ଧନ, ମନୁଏଲ ଛିଞ୍ଚାନି, ଲିଭିଙ୍ଗଷ୍ଟୋନ ଗମାଙ୍ଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

## ପଳାତକଙ୍କ ଘରେ ଲାଗିଲା ନୋଟିସ୍

କୁରୁଡା,(କାଳିଚରଣ ଦାଶ) ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କୋର୍ଟ ଆଦେଶ କ୍ରମେ ଫେରାର ଅଭିଯୁକ୍ତମାନଙ୍କ ଘର ବାହାରେ ନୋଟିସ୍ ମରାଯାଇଛି। ଅଭିଯୁକ୍ତଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ସେମାନେ କୋର୍ଟରେ ହାଜର ହୋଇନାହାନ୍ତି। ତେଣୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ପୋଷ୍ଟର ଲଟକା ପ୍ରକ୍ରିୟା ଜାରି କରାଯାଇଛି। କୁରୁଡା ପୋଲିସ ପକ୍ଷରୁ ଆଇଆଇସି ସୀତାଂଶୁ ଶେଖର ମାଝୀଙ୍କ ତତ୍ତ୍ୱାବଧାନରେ କୁରୁଡା ଥାନା ଅଞ୍ଚଳର ୧୪ ଜଣ ପଳାତକଙ୍କ ଘର ବାହାରେ ନୋଟିସ୍ ଲଗାଯାଇଛି।



## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ଶିଶୁ ଗୁରୁତର

ଦିଗପହଣ୍ଡି,୧୭(ଅଶେଷ ନାଥ ମିଶ୍ର) ପୋଡ଼ାମାରୀ ଗ୍ରାମ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏକ ତେଲ ଟ୍ୟାଙ୍କର ଧକ୍କାରେ ଜଣେ ୩ ବର୍ଷର ଶିଶୁ ଗୁରୁତର ହୋଇଛନ୍ତି। ସେ ହେଲେ ଲିୟନ ଗମାଙ୍ଗ। ତାଙ୍କ ଘର ଗଜପତି ଜିଲା ମୋହନା ଥାନା ଛଣବଣ୍ଡା ଗ୍ରାମରେ। ମଙ୍ଗଳବାର ପୂର୍ବାହ୍ନରେ ଶିଶୁଟି ମା' ବାପାଙ୍କ ସହ ପୋଡ଼ାମାରୀ ଗ୍ରାମକୁ ଆସିଥିଲେ। ଅପରାହ୍ନରେ କାମସାରି ସପରିବାର ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ତେଲ ବୋଝେଇ ଟ୍ୟାଙ୍କର (ଓଡି ୦୧ ଏ ଏମ୍ ୯୩୩୧) ଗଜପତି ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଲିୟନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୋଡାମାରୀ ଫାଣ୍ଡି ପୋଲିସ ଏବଂ ସାନକେମୁଣ୍ଡି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ଶିଶୁକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକ ଟ୍ୟାଙ୍କରଟି ଜବତ କରି ପାଟପୁର ଥାନାକୁ ପଠାଇଛନ୍ତି।

### ୨ ପରିବାର ମଧ୍ୟରେ ସଂଘର୍ଷ ଘଟଣା, ଜେଲ୍ ଗଲେ ୩ ଅଭିଯୁକ୍ତ

ଦିଗପହଣ୍ଡି,୧୭(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ଏନ୍ଏସି ୨ ନଂ. ୱାର୍ଡ ଅନ୍ତର୍ଗତ ସାହାଣୀ ସାହିର ୨ ପରିବାର ମଧ୍ୟରେ ଗତ ଶନିବାର ସନ୍ଧ୍ୟାରେ ପାରିବାରିକ ବିବାଦକୁ କେନ୍ଦ୍ର କରି ଆକ୍ରମଣ ଓ ପ୍ରତି ଆକ୍ରମଣ ଘଟଣା ଘଟିଥିଲା। ସଂଘର୍ଷରେ ଉଭୟ ପରିବାରର ୫ ଜଣ ଗୁରୁତର ଆହତ ହୋଇଥିଲେ। ଉଭୟ ପକ୍ଷର ଏତଲା ଭିତ୍ତିରେ ଦିଗପହଣ୍ଡି ପୋଲିସ ନଂ. ୨୩୪/୨୫ ଏବଂ ୨୩୫/୨୫ ପ୍ରକାରେ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଉଥିଲା। ମଙ୍ଗଳବାର ଉଭୟ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ପ୍ରଭାକର ଦାସ ଓରଫ ବୁନ୍ଧୁ ପ୍ରତିପକ୍ଷ ପରିବାରର ଦିଲ୍ଲୀପ ଦାସ ଓ କୃଷ୍ଣ ଦାସଙ୍କୁ ତଦନ୍ତକାରୀ ଅଧିକାରୀ ଏସଆଇ ଜ୍ୟୋତି ରଞ୍ଜନ ବେହେରା ଗିରଫ କରି ଦିଗପହଣ୍ଡି କୋର୍ଟ ଚାଲାଣ କରିଥିଲେ। ସେଠାରେ ଉଭୟ ପକ୍ଷର ୩ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଛି।

### ରୋଗର ପ୍ରାଥମିକ ଉପଚାର ସମ୍ପର୍କିତ ତାଲିମ ଶିବିର

ମୋହନା/ଆର.ଉଦୟଗିରି, ୧୭(ମନ୍ମଥ ମିଶ୍ର/ ମନୋଜ କୁମାର ପାଢ଼ୀ)– ଭାରତୀୟ ରେଡକ୍ରସ ଓଡିଶା ରାଜ୍ୟ ଶାଖା ପକ୍ଷରୁ ଗଜପତି ଜିଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନକ୍ରମେ ଜିଲା ଜୁନିୟର ରେଡକ୍ରସର ପ୍ରୟାସରେ ମୋହନା ବ୍ଲକର ଯୋଡାଆମ୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଓ ରାଇପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କେତେକ ରୋଗର ପ୍ରାଥମିକ ଉପଚାର ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା ଜୁନିୟର ରେଡକ୍ରସ ଅଧିକାରୀ ସଂଜୀବ ଦାସ, ଜିଲା ସମ୍ବଳ ସାଧନକର୍ମୀ ପ୍ରହ୍ଲାଦ ଶିଅଳ, ମୁକ୍ତିକାନ୍ତ ମଲ୍ଲିକ ଯୋଗଦେଇ ପିଲାମାନଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ବିଭିନ୍ନ ପ୍ରକାର କୌଶଳ ନେଇ ତାଲିମ ଦେଇଥିଲେ। ପ୍ରାଥମିକ ଚିକିତ୍ସାର ସହାୟତା, କେତୋଟି ସାଧାରଣ ଅସୁସ୍ଥତା ଓ ସରଳ ପ୍ରାଥମିକ ଉପଚାର, ଶ୍ୱାସରୋଗ, କ୍ଷତ, ରକ୍ତସ୍ରାବ ଓ ଡ୍ରେସିଂ ପଟି, ଅସ୍ଥିଭଗ୍ନ, ପୋଡା ଘା'ର ପ୍ରାଥମିକ ଉପଚାର, ପଶୁ ଓ କୀଟ ଦଂଶନର ଉପଚାର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

### ଛୁଆଟିଏ, ଗଛଟିଏ କାର୍ଯ୍ୟକ୍ରମ

ଶେରଗଡ଼,୧୭ (ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ବ୍ଲକରେ ଛୁଆଟିଏ, ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁ ବିକାଶ ଯୋଜନା ଅଧିକାରିଣୀ ମମତାଞ୍ଜଳି ପଣ୍ଡା ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ଜରୁରୀ। ପ୍ରତ୍ୟେକ ବ୍ୟକ୍ତି ଗଛକୁ ଛୁଆ ଭଳି ଲାଳନ ପାଳନ କରିବାକୁ ପରାମର୍ଶ ଦେଇଥିଲେ।

# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାର ପ୍ରତିବାଦ

ଫୁଲବାଣୀ, ୧୭ (ରାକେଶ କୁମାର ରାଉତ)

ଭୁବନେଶ୍ୱର ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ କନ୍ଧମାଳ ଜିଲା ଓଏଏସ୍ ସଂଘ ପ୍ରତିବାଦ କରିଛି। ଜିଲା ଓଏଏସ୍ ସଂଘ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ଉପ ସଭାପତି ଶମ୍ଭୁନାଥ ନନ୍ଦି, ସମ୍ପାଦକ ଭିକାରି ସାହୁ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ଉପସ୍ଥିତ ରହି ଘଟଣାକୁ ନିନ୍ଦା କରିଥିଲେ। ଯେ ପର୍ଯ୍ୟନ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇଛି ସେ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଲମଛାଡ଼ ପରିଚାଳନ କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାପରେ ସମସ୍ତେ ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।



ଫୁଲବାଣୀଠାରେ ଜିଲାପାଳଙ୍କୁ ଦାବିପତ୍ର ଦେବାପାଇଁ ଆସିଥିବା କର୍ମଚାରୀ ମାନେ।

**ଦାରିଙ୍ଗବାଡ଼ି,(ଅରୁଣ ସାହୁ):** ବିଏମ୍‌ସି ଉପ କମିଶନରଙ୍କୁ ମାଡ଼ ଘଟଣାରେ ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ଅଚଳ ହୋଇଛି। ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ କିରାଣୀ, ଯନ୍ତ୍ରୀ, ବିପିଏମ୍, ଯୋଗାଣ ବିଭାଗର କର୍ମଚାରୀ, ଉନ୍ନୟନ ବିଭାଗ କର୍ମଚାରୀ ଓ ସମସ୍ତେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି କଲମ୍ବାଡ଼ ପିନ୍ଧି ପ୍ରତିବାଦ କରିଛନ୍ତି। ଏହି ଆନ୍ଦୋଳନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥଙ୍କ ସମେତ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେଶ ପଣ୍ଡା, ଓଡ଼ିଶା ଜୀବିକା ମିଶନର ବିପିଏମ ପିଣ୍ଟୁ ନାୟକ, ଯୋଗାଣ ନିରୀକ୍ଷକ ନିହାର ବେହେରା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଖେତାଶ ପ୍ରିୟଦର୍ଶୀ ସାହୁ, ମମତା ବେହେରାଙ୍କ ସମେତ ୨୫ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି।

**ତୁମୁଡିବନ୍ଧ: (ଦିପକ କୁମାର ପରାସେଠ):** ତୁମୁଡିବନ୍ଧ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମଙ୍ଗଳବାର ବିଏମ୍‌ସି କମିଶନରଙ୍କୁ ମାଡ଼ ଘଟଣାରେ କଳାବ୍ୟାଜ୍ ପିନ୍ଧି ବ୍ଲକ୍ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ବ୍ଲକ୍ କର୍ମଚାରୀ ଯଥା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କେଦାରନାଥ ଚୌଧୁରୀ, କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର, ରାମ ପ୍ରସାଦ ଦାସ, ସୁନୀଲ ପ୍ରଧାନ, ବରିଷ୍ଠ କିରାଣୀ ଅରୁଣ ସ୍ୱାଇଁ, ବିବେକାନନ୍ଦ କହଁର, ବିଏସ୍ଏସ୍ଓ ସୌମ୍ୟରଞ୍ଜନ ସାହୁ, ବିଏଲ୍ଆଇ ବାଦଲ ପ୍ରଧାନ, ବିପିଆଇ ଆଶୀର୍ବାଦ ଦିଗାଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଗା ମାଧବ ପଣ୍ଡା ଓ ଅନ୍ୟ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କୁ ବ୍ୟାଟେରିଚାଳିତ ଟ୍ରାଇସାଇକେଲ ପ୍ରଦାନ




ଭିନ୍ନକ୍ଷମଙ୍କୁ ବ୍ୟାଟେରି ଚାଳିତ ଟ୍ରାଇସାଇକେଲ ବଣ୍ଟନ କରୁଛନ୍ତି ବିଧାୟକ।

ଜଗନ୍ନାଥ ପ୍ରସାଦ,୧୭ (ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ବ୍ଲକ ପରିସରରେ ମଙ୍ଗଳବାର ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ମାର୍କେଟିଙ୍ଗ ଡିଭିଜନ ଭୁବନେଶ୍ୱର ଆନୁକୂଲ୍ୟରେ ୨୦ ଜଣ ଭିନ୍ନକ୍ଷମଙ୍କୁ ମାଗଣା ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ ନାୟକ, ମୁଖ୍ୟ ବକ୍ତା ମହେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଡେପୁଟି ଜେନେରାଲ ମ୍ୟାନେଜର (ଆଇଓସିଏଲ) ପି.କେ ପଣ୍ଡା, ଆର୍ଟିଫିସିଆଲ ମେନିଫେକ୍ଚର କର୍ପୋରେସନ ଲିମିଟେଡ ସିନିୟର ମ୍ୟାନେଜର ଏ.ଭି ଅଶୋକ କୁମାର, ବ୍ଲକ ସହକାରୀ ଯନ୍ତ୍ରୀ ଅଙ୍ଗୁଠାବନ ପଟ୍ଟନାୟକ ମଞ୍ଚାସିନ ଥିଲେ। ଅତିଥିମାନେ ବ୍ୟାଟେରିଚାଳିତ ସାଇକେଲର ବ୍ୟବହାର ଓ ହେଲମେଟ ବ୍ୟବହାର ପାଇଁ ବୁଝାଇଥିଲେ। ଜଗନ୍ନାଥ ପ୍ରସାଦ ବ୍ଲକର ୧୫ ଓ ବେଲଗୁଣ୍ଠା ବ୍ଲକର ୫ ଜଣ ସମେତ ମୋଟ ୨୦ ଜଣ ଭିନ୍ନକ୍ଷମମାନଙ୍କ ପାଖକୁ ଯାଇ ନାମ ଠିକଣା ପଚାରି ବୁଝିବା ସହ ବିଧାୟକ ସମସ୍ତଙ୍କୁ ଉତ୍ସାହିତ କରି ଟ୍ରାଇ ସାଇକେଲ ବଣ୍ଟନ କରିଥିଲେ। ବ୍ଲକ ଜିପିଡିଓ ମାଥୁରାମ ନାୟକ, ସାମାଜିକ ସୁରକ୍ଷା ଅଧିକାରିଣୀ ମିତାଲି ପ୍ରିୟଦର୍ଶିନୀ, ବ୍ଲକ ସାମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୬ରେ ମାଓବାଦୀ ମୂଳପୋଛ ଆମ ଲକ୍ଷ୍ୟ: ଏସ୍‌ପି

ଫୁଲବାଣୀ,୧୭ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ସୋମବାର ପୋଲିସ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସେମାନଙ୍କ ମୃତଦେହ ଫୁଲବାଣୀ ଆସି ପହଞ୍ଚିଛି। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଏବଂ କନ୍ଧମାଳ ଏସ୍‌ପି ହରିଶ.ବିଶ୍ୱି ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମିଳନୀରେ ୨୦୨୬ ସୁଦ୍ଧା ଜିଲାରେ ମାଓବାଦୀ ମୂଳପୋଛ କରିବା ଆମର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି। ଏଥିସହ ଜିଲାରେ କେକେବିଏନ୍ ଏବଂ ବିଜିଏନ୍ ଦୁଇଟି ଡିଭିଜନ କାମ କରୁଛି।




ଏଥିରେ ୬୦ରୁ ୭୦ ଜଣ ମାଓବାଦୀ ଅଛନ୍ତି। ସେମାନେ ବୌଦ୍ଧ, ରାୟଗଡ଼ା, ଗଜପତି, ଛତିଶଗଡ଼କୁ ଯା'ଆସକରୁଛନ୍ତି। ଆମେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରୁଛୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ବାଲିଗୁଡ଼ା ଥାନା ଅଞ୍ଚଳ ଇନ୍ଦ୍ରଗୁଡା ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେସନ ବେଳେ ୨ ମାଓବାଦୀ ମଙ୍କୁ ଏବଂ ଚନ୍ଦନଙ୍କ ମୃତ୍ୟୁ ହୋଇଥିଲା। ମଙ୍କୁ ଏରିଆ କମିଟି ସଦସ୍ୟ ଓ ଚନ୍ଦନ ପାର୍ଟି ସଦସ୍ୟ ଭାବେ କାମ କରୁଥିଲେ। ପୂର୍ବରୁ କେକେବିଏନ ଟପ ନେତା ଦାସୁରୁ ପୋଲିସ ଗୁଳିରେ ନିହତ ହେବା ପରେ ଆଉ ଜଣେ ଟପ୍ କ୍ୟାଡର ସମାୟା ମାଡକାମ ଆତ୍ମ ସମର୍ପଣ କରିଥିଲେ। ତେଣୁ ଏବେ ସଂଗଠନ ଦୁର୍ବଳ ହେଉଥିବା ଅନୁମାନ କରାଯାଉଛି।

# ପୁଣି ଜିଲା କଂଗ୍ରେସ ସଭାପତି ହେଲେ ଚନ୍ଦ୍ରଶେଖର

ଫୁଲବାଣୀ,୧୭ (ରାକେଶ କୁମାର ରାଉତ)

ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟର ବିଭିନ୍ନ ଜିଲା କଂଗ୍ରେସ କମିଟିର ନୂତନ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଚନ୍ଦ୍ର ଶେଖର ପରିଡାଙ୍କୁ କନ୍ଧମାଳ ଜିଲା କଂଗ୍ରେସ ସଭାପତି ଭାବେ ପୁନଃ ଅବସ୍ଥାପିତ କରାଯାଇଛି। ଚନ୍ଦ୍ର ଶେଖର ୨୦୨୪ ଫେବୃଆରୀରେ କନ୍ଧମାଳ ଜିଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିଛି ମାସ ତଳେ କଂଗ୍ରେସର ସମସ୍ତ କମିଟି ଭଙ୍ଗ କରି ଦିଆଯିବା ପରେ ସେ ଭାରପ୍ରାପ୍ତ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ପୁଣିଥରେ ଜିଲା ସଭାପତି ଦାୟିତ୍ୱ ମିଳିଥିବାରୁ ସେ ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ ଓ ପିସିସି ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହିତ ଜିଲାରେ ଦଳର ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ନୂତନ ସଭାପତିଙ୍କୁ ପୂର୍ବତନ ଏମପି ରାଧାକାନ୍ତ ଦିଗାଲ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ବରିଷ୍ଠ ନେତା ରଜତ ମହାନ୍ତି, ଯୁବନେତା ନନ୍ଦ କିଶୋର ଦାଶ, ବସନ୍ତ ପାଢ଼ୀ,ଶିବଶଙ୍କର ସାମନ୍ତରାୟଙ୍କ ସମେତ ନେତାକର୍ମୀ ଅଭିନନ୍ଦନ ଜଣାଇଛନ୍ତି।


### ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିଓଏନ୍-ଆରଓୟୁ-ଟିଏଟିଆଇ-କେଏନ୍‌ଆରଏନ୍-ଏଏଲ୍‌ଟି୨ ତାରିଖ: ୩୦।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ସିଓଏନ/ଏରକ୍ୟୁ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ମଣ୍ଡଳରେ ହାଟିଆ (ଏଚ୍‌ଟିଇ) – ଓର୍ଗା (ଓଆରଜିଏ) ସେକ୍ସନରେ କନରୋଆଁ–ଟାଟି–ପରବୋଟୋନିଆ ମଧ୍ୟରେ ଦୋହରୀକରଣ ସଂକ୍ରାନ୍ତରେ କନରୋଆଁ (କେଏନ୍‌ଆରଏନ), ଟାଟି (ଟିଏଟିଆଇ) ଏବଂ ପରବୋଟୋନିଆ (ପିବିବି) ଷ୍ଟେଶନଠାରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମେତ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଏସ୍ ଆଣ୍ଡ ଟି କାର୍ଯ୍ୟ ଏବଂ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ଡିଜାଇନ, ଯୋଗାଣ, ସ୍ଥାପନ, ନିର୍ବାହ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ । **ଟେଣ୍ଡରର ବିଜ୍ଞାପିତ ମୂଲ୍ୟ:** ₹୭,୨୪,୪୯,୦୬୦.୯୪ । **ଅମାନତ ରାଶି:** ₹୫,୧୨,୩୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ । **ଟେଣ୍ଡରର ପ୍ରକାର:** ଖୋଲା । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୨୩।୦୭।୨୦୨୫, ୧୫.୦୦ ଘଟିକା । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ସବିଶେଷ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ । (PR-336)


# ଯୁବତୀଙ୍କ ସହ ପ୍ରତାରଣା କରି ଯୁବକ ଗିରଫ

ବେଲଗୁଣ୍ଠା,୧୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଯୁବତୀଙ୍କୁ ପ୍ରତାରଣା ମାମଲାରେ ମଙ୍ଗଳବାର ଗାଙ୍ଗପୁର ପୋଲିସ୍ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଆମ୍ବବାଲି ଗ୍ରାମର ସମୀର ଗୌଡ଼। ସମୀର ୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ଜଣେ ଯୁବତୀ(୨୬)ଙ୍କୁ ଭଲ ପାଉଥିଲେ। ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖି ଆସିଥିଲେ। ଯୁବତୀ ଜଣଙ୍କ ଗର୍ଭବତୀ ହେବା ଜାଣିବା ପରେ ସମୀର ତାଙ୍କୁ ବିବାହ କରିବାକୁ ମନା କରି ଗର୍ଭନଷ୍ଟ କରିବାକୁ କହିଥିଲେ।


**GOVERNMENT OF ODISHA** No. O-335

**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**

At/P.O.: Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in

No. Tender Online Nayagarh Divn.-02/2025-26 Date:23.06.2025

**e-Procurement NOTICE**

1. Name of the Work : Composite Building Work
2. Total No. of Projects : 01 (One) No. of Project
3. Class of Contractor :
   a) Estimated cost above Rs.20.00 lakhs & upto Rs.3.00 Crore : **B Class** (of Odisha PWD) or relevant class of other licensing authorities
   b) Estimated cost upto Rs.40.00 lakh : **C Class** (of Odisha PWD) or relevant class of other licensing authorities
   c) Estimated cost upto Rs.20.00 lakh : **D Class** (of Odisha PWD) or relevant class of other licensing authorities
4. Estimated Cost put to tender : Rs.63.88 lakh
5. Time for Completion : 08 (Eight) Calendar Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagarh | No.: Tender Online - Divn. NAYAGARH - 02/2025-26 | 08.07.2025 at 11.00 A.M. | 21.07.2025 upto 5.30 P.M. | 22.07.2025 at 11.00 A.M. | Will be intimated later on |

Further details can be seen from the website **www.tendersorissa.gov.in**.

OIPR-25106/11/0029/2526 Sd./- Executive Engineer, Rural Works Division., Nayagarh



**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/PJ/O/SU/2500000994

**Rate contract for supply of various sizes of GI Wire.**

The time period is hereby extended for Submission of Tender Participation Fee and Authorization Letter through e-mail till **08th July 2025**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.

Sd/- **Head-Contracts and Procurement**



**ASKA SCIENCE COLLEGE, ASKA**

(Accredited B++ by NAAC)

College Square, Nuagam, Aska, Ganjam, Odisha - 761111

Website: www.askasciencecollege.com

**TENDER CALL NOTICE**

Aska Science College, Aska, Ganjam, Odisha through open tender call Notice No. 002/2025/ASC invites expression of interest from registered reputed manufacturing companies/firms or their authorized dealers/agents distributors to supply and install Desktop Computer System as per the tender paper uploaded in the college website **www.askasciencecollege.com**.

**Sd./- Principal**



**झारखण्ड अर्बन इंफ्रास्ट्रक्चर डेवलपमेंट कंपनी लिमिटेड,(जुडको लि0)**
(झारखण्ड सरकार का उपक्रम)
जुडको भवन, कचहरी चौक, राँची–834001,
फोन न0–0651–2225878

**CIN: U45200JH2013SGC001752, E-Mail Id- juidcolimited@gmail.com**

**NIT No - JUIDCO/ NIT/DPR-PMC/SWM/HC/25/657** **Dated:01.07.2025**
**Tender ID – 2025_UDD_102016_1**
**PR No - 354878**

**CORRIGENDUM – 01**

All bidders are hereby informed that corrigendum 01 is released for tender of NIT Ref No: - JUIDCO/ NIT/DPR-PMC/SWM/HC/25/657 and Tender ID - 2025_UDD_102016_1 for "Request for Proposal (RFP) for selection of Consultant for providing Consultancy services for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj". The bidders are advised to take in to account the same before submission of their bids against the tender. NOTE: Corrigendum-01 and all other information can be referred from the e-tender site of Govt. of Jharkhand i.e. (http://jharkhandtenders.gov.in)

**Sd/-Project Director (Technical)**
**JUIDCO Ltd.**

**PR 356280 (Urban Development and Housing)25-26*D**



**DISTRICT PROJECT OFFICE**

**SAMAGRA SHIKSHA, SUNDARGARH, ODISHA**

In front of B.S. High School, At/P.O./Dist.- Sundargarh, Pin- 770001

Email- dpcsndgssa.opepa@nic.in, Phone No.06622-273718

No.1958/GE/Date 01.07.2025

**EXPRESSION OF INTEREST (EoI) IS INVITED FOR PROCUREMENT AND SUPPLY OF SCHOOL UNIFORM FOR ELEMENTARY SCHOOLS FOR CLASS I TO VIII FROM MSE (MANUFACTURING UNITS) / WSHG UNITS OF SUNDARGARH DISTRICT**

Interested MSE Manufacturing units / WSHGs units having willingness and aptitude for providing school uniforms to schools are invited to submit their proposals before the concerned block Education Officer in the prescribed format within 15 (Fifteen) days of this advertisement i.e., on or before 15.07.2025 from the MSE Manufacturing units / WSHGs units for supply of uniform for elementary schools for Class I to VIII. The detailed terms and conditions for supply of uniform can be downloaded from the district official website http://www.sundargarh.odisha.gov.in.

By the order of Collector & DM, Sundargarh
**Sd./- DEO-cum-DPC, SS Sundargarh**



**झारखण्ड सरकार, कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, धनबाद।**
**मोबाईल नं० : 8789242462 Email : rdsd.dhanbad@rediffmail.com**

पत्रांकः–523 धनबाद / दिनांक–01.07.2025

अति अल्पकालीन निविदा आमंत्रण सूचना

ई– निविदा सूचना संख्या – 13/2025-26/RDSD/EE/Dhanbad/2nd Call

1. कार्य की विस्तृत विवरणीः–

| क्र0 सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | धनबाद जिला के निरसा प्रखण्ड अन्तर्गत माडमा पचायत में 01 यूनिट कियोस्क निर्माण। | 9.84600 | परिमाण विपत्र की राशि 2% | 1250.00 | 2 महीना |
| | धनबाद जिला के टुण्डी प्रखण्ड अन्तर्गत मनियाडीह पचायत में 01 यूनिट कियोस्क निर्माण। | | | | |
| | धनबाद जिला के टुण्डी प्रखण्ड अन्तर्गत के ाका पचायत में 01 यूनिट कियोस्क निर्माण। | | | | |
| | धनबाद जिला के गोविन्दपुर प्रखण्ड अन्तर्गत गोविन्दपुर पचायत में 01 यूनिट कियोस्क निर्माण। | | | | |

2. वेबसाइट में निविदा प्रकाशन की तिथि –08.07.2025
3. ई–निविदा प्राप्ति की तिथि एवं समय–दिनांक 08.07.2025 से दिनांक 15.07.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 17.07.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, धनबाद

**PR.NO.356238 Rural Development(25-26):D**



**GOVERNMENT OF ODISHA**

**ST & SC DEVELOPMENT DEPARTMENT**

**INTEGRATED TRIBAL DEVELOPMENT AGENCY, CHAMPUA, DIST.: KEONJHAR**

**"e" Procurement Notice**

**Bid Identification No. ITDACH.- 02/2025-26**

**No. 1203** **Dt.01.07.2025**

**e-mail: itda.champua@gmail.com**

1. No. of the work : 01 No. of Construction work
2. Estimated Cost : Rs.143.89 lakh
3. Period of Completion : 06 (Six Calendar Months)
4. Date and time of availability of bid document in the portal : From 10.00 Hr. 10.07.2025 to 17.30 Hr of 24.07.2025
5. Last date/time for receipt of bids in the portal : 17.30 Hr of 24.07.2025
6. Date of opening of Bid from Portal : 11.00 Hr of 25.07.2025
7. Name and address of the Officer Inviting Bid : Project Administrator, I.T.D.A., Champua

Further details can be seen from the e-procurement portal **"http://tendersorissa.gov.in"**.

**Sd./- Project Administrator**
**I.T.D.A., Champua**


See Career Appointment on every Wednesday & Saturday


### ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: **୧. ସିକେପି-ସେଣ୍ଟ୍ରାଲ-୨୫-୨୬-୧୭** । ଏସ୍‌ଏସ୍‌ଇ/ୱାର୍କସ୍/ପୂର୍ବ/ଚକ୍ରଧରପୁରଙ୍କ ଅଧୀନରେ ତା୩୦।୦୬।୨୦୨୭ରେ ସମାପ୍ତ ହେଉଥିବା ଅବଧି ପାଇଁ ଷ୍ଟେଶନ ବିଲଡିଂ, ପ୍ଲାଟଫର୍ମ ଓ ସର୍କୁଲେଟିଂ ଏରିଆର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୦୩,୫୦,୦୦୦/– । **ଇଏମ୍‌ଡି:** ₹୨,୦୧,୮୦୦/– । **୨. ସିକେପି-ସେଣ୍ଟ୍ରାଲ-୨୫-୨୬-୧୮** । ଏସ୍‌ଏସ୍‌ଇ/ୱାର୍କସ୍/ପଶ୍ଚିମ/ଚକ୍ରଧରପୁରଙ୍କ ଅଧୀନରେ ତା୩୦।୦୬।୨୦୨୭ରେ ସମାପ୍ତ ହେଉଥିବା ଅବଧି ପାଇଁ ସର୍ଭିସ୍ ବିଲ୍ଡିଂ, ଆବାସିକ ବିଲ୍ଡିଂ ଏବଂ ଷ୍ଟେଶନ ବାହାରେ ଥିବା ଅନ୍ୟାନ୍ୟ ଢାଞ୍ଚା (ଷ୍ଟେଶନ ବିକ୍ରମପୁର–ସୋନୁଆଠାରୁ ଲାଇନ୍ ସେକ୍ସନ)ର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୦୩,୫୦,୦୦୦/– । **ଇଏମ୍‌ଡି:** ₹୨,୦୧,୮୦୦/– । **୩. ସିକେପି-ସେଣ୍ଟ୍ରାଲ-୨୫-୨୬-୧୯** । ଏସ୍‌ଏସ୍‌ଇ/ୱାର୍କସ୍/ପୂର୍ବ/ଚକ୍ରଧରପୁରଙ୍କ ଅଧୀନରେ ତା୩୦।୦୬।୨୦୨୭ରେ ସମାପ୍ତ ହେଉଥିବା ଅବଧି ପାଇଁ ଡିଆରଏମ୍‌ଙ୍କ କାର୍ଯ୍ୟାଳୟ ଏବଂ ସର୍ଭିସ୍ ବିଲ୍ଡିଂ ପାଇଁ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨,୩୦,୦୦,୦୦୦/– । **ଇଏମ୍‌ଡି:** ₹୨,୬୫,୦୦୦/– । **୪. ସିକେପି-ସେଣ୍ଟ୍ରାଲ-୨୫-୨୬-୨୦** । ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଚକ୍ରଧରପୁରଙ୍କ ଅଧୀନରେ ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଉତ୍ତର ଏବଂ ଦକ୍ଷିଣ ସେଟଲମେଣ୍ଟଠାରେ ଆବାସିକ ବିଲଡିଂଗୁଡ଼ିକର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୯୫,୫୦,୦୦୦/– । **ଇଏମ୍‌ଡି:** ₹୨,୪୭,୮୦୦/– । **୫. ସିକେପି-ସେଣ୍ଟ୍ରାଲ-୨୫-୨୬-୨୧** । ଏସ୍‌ଏସ୍‌ଇ (ୱାର୍କସ୍)/ପଶ୍ଚିମ/ଚକ୍ରଧରପୁରଙ୍କ ଅଧୀନରେ ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଉତ୍ତର ଏବଂ ଦକ୍ଷିଣ ସେଟଲମେଣ୍ଟଠାରେ ସର୍ଭିସ୍ ବିଲ୍ଡିଂ, ଆବାସିକ ବିଲ୍ଡିଂ ଏବଂ ଅନ୍ୟାନ୍ୟ ଢାଞ୍ଚାଗୁଡ଼ିକର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୦,୦୦୦/– । **ଇଏମ୍‌ଡି:** ₹୨,୪୨,୦୦୦/– । **୬. ସିକେପି-ସେଣ୍ଟ୍ରାଲ-୨୫-୨୬-୨୨**। ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଚକ୍ରଧରପୁରଙ୍କ ଅଧୀନରେ ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଜଳ ଯୋଗାଣ କାର୍ଯ୍ୟ ନିମନ୍ତେ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୯୭,୭୫,୦୦୦/– । **ଇଏମ୍‌ଡି:** ₹୧,୯୫,୫୦୦/– । **୭. ସିକେପି-ସେଣ୍ଟ୍ରାଲ-୨୫-୨୬-୨୩** । ଏଡିଇଏନ୍/ପଶ୍ଚିମ/ଚକ୍ରଧରପୁରଙ୍କ ଅଧୀନରେ ତା୦୧।୦୭।୨୦୨୫ରୁ ୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ଅବଧି ପାଇଁ ସର୍ଭିସ ଆବାସିକ ବିଲଡିଂ ଏବଂ ଅନ୍ୟାନ୍ୟ ସିଭିଲ ଇଞ୍ଜିନିୟରିଂ ପରିସମ୍ପତ୍ତିର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୦,୦୦୦/– । **ଇଏମ୍‌ଡି:** ₹୨,୪୨,୦୦୦/– । **୮. ସିକେପି-ସେଣ୍ଟ୍ରାଲ-୨୫-୨୬-୨୪** । ଏଡିଇଏନ୍/ବିଏନ୍‌ଡିଏମ୍‌ଙ୍କ ଅଧୀନରେ ସେକ୍ସନ ବଣ୍ଡାମୁଣ୍ଡା "ଏ" କ୍ୟାବିନ୍ ଏକ୍ସ–ବରସୁଆଁ ମଧ୍ୟରେ ତା୦୧।୦୭।୨୦୨୫ରୁ ୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ଅବଧି ପାଇଁ ଅନ୍ୟାନ୍ୟ ସିଭିଲ ଇଞ୍ଜିନିୟରିଂ ପରିସମ୍ପତ୍ତିର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୮୯,୭୫,୦୦୦/– । **ଇଏମ୍‌ଡି:** ₹୨,୪୪,୯୦୦/– । **୯. ସିକେପି-ସେଣ୍ଟ୍ରାଲ-୨୫-୨୬-୨୫** । ଏଡିଇଏନ୍/ବଣ୍ଡାମୁଣ୍ଡାଙ୍କ ଅଧୀନରେ ସେକ୍ସନ ବିମଳଗଡ଼ (ଏକ୍ସ)–କିରିବୁରୁ ମଧ୍ୟରେ ତା୦୧।୦୭।୨୦୨୫ରୁ ୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ଅବଧି ପାଇଁ ଅନ୍ୟାନ୍ୟ ସିଭିଲ ଇଞ୍ଜିନିୟରିଂ ପରିସମ୍ପତ୍ତିର ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୧୫,୦୦,୦୦୦/– । **ଇଏମ୍‌ଡି:** ₹୨,୦୭,୫୦୦/– । **୧୦. ସିକେପି-ୱେଷ୍ଟ-୨୫-୨୬-୦୭** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା – ବାମରା ମଧ୍ୟରେ ୱେ ସାଇଡ୍ ଷ୍ଟେଶନରେ ଝାରସୁଗୁଡ଼ା ଷ୍ଟେଶନ ଏବଂ ଏଫ୍‌ବିଡବ୍ଲ୍ୟୁପି ଏବଂ ସର୍ଭିସ୍/ଆବାସିକ ବିଲଡିଂ ଇତ୍ୟାଦି ସମେତ ସର୍ଭିସ୍ ବିଲ୍ଡିଂଗୁଡ଼ିକ ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୬୧,୦୦,୦୦୦/– । **ଇଏମ୍‌ଡି:** ₹୨,୩୦,୫୦୦/– । **୧୧. ସିକେପି-ୱେଷ୍ଟ-୨୫-୨୬-୦୮** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା ସେଟଲମେଣ୍ଟ ଅଧୀନରେ ଆବାସିକ ବିଲ୍ଡିଂ ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୬୧,୦୦,୦୦୦/– । **ଇଏମ୍‌ଡି:** ₹୨,୩୦,୫୦୦/– । **୧୨. ସିକେପି-ୱେଷ୍ଟ-୨୫-୨୬-୦୯** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍)/ଝାରସୁଗୁଡ଼ାଙ୍କ ଅଧୀନରେ ଟାଙ୍ଗରମୁଣ୍ଡା–ପାନପୋଷ ଷ୍ଟେଶନ ମଧ୍ୟରେ ୱେ ସାଇଡ୍ ଷ୍ଟେଶନଗୁଡ଼ିକରେ ସର୍ଭିସ/ଆବାସିକ ବିଲଡିଂ ଇତ୍ୟାଦି ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦/– । **ଇଏମ୍‌ଡି:** ₹୨,୧୯,୦୦୦/– । **୧୩. ସିକେପି-ୱେଷ୍ଟ-୨୫-୨୬-୧୦** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍)/II–ବିଏନ୍‌ଡିଏମ୍‌ଙ୍କ ଅଧୀନରେ ଡିଜେଲ୍ ଏବଂ ଇଲେକ୍ଟ୍ରିକାଲ ଲୋକୋ ଶେଡ୍ ସି ଆଣ୍ଡ ଡବ୍ଲ୍ୟୁ କାର୍ଯ୍ୟାଳୟ, ଗୁରୁଣ ଲାଇନ୍ ଅଧୀନରେ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦/– । **ଇଏମ୍‌ଡି:** ₹୨,୧୯,୦୦୦/– । **୧୪. ସିକେପି-ୱେଷ୍ଟ-୨୫-୨୬-୧୧** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍–I)/ବିଏନ୍‌ଡିଏମ୍‌ଙ୍କ ଅଧୀନରେ ସେକ୍ଟର ବି, ସି ଏବଂ ଡି ଠାରେ ଆବାସିକ ବିଲ୍ଡିଂ ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୪୯,୫୦,୦୦୦/– । **ଇଏମ୍‌ଡି:** ₹୨,୨୪,୮୦୦/– । **୧୫. ସିକେପି-ୱେଷ୍ଟ-୨୫-୨୬-୧୨** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ରାଉରକେଲାଙ୍କ ଅଧୀନରେ ରାଉରକେଲା ସେଟଲମେଣ୍ଟଠାରେ ଜଳ ଯୋଗାଣ କାର୍ଯ୍ୟ ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୪୯,୫୦,୦୦୦/– । **ଇଏମ୍‌ଡି:** ₹୨,୨୪,୮୦୦/– । **୧୬. ସିକେପି-ୱେଷ୍ଟ-୨୫-୨୬-୧୩** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/II/ବିଏନ୍‌ଡିଏମ୍‌ଙ୍କ ବଣ୍ଡାମୁଣ୍ଡା–ନୂଆଗାଁ ମଧ୍ୟରେ ୱେ ସାଇଡ୍ ଷ୍ଟେଶନରେ ଜଳ ଯୋଗାଣ ଇତ୍ୟାଦି ସମେତ ସର୍ଭିସ/ଆବାସିକ ବିଲ୍ଡିଂ ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦/– । **ଇଏମ୍‌ଡି:** ₹୨,୧୯,୦୦୦/– । **୧୭. ସିକେପି-ୱେଷ୍ଟ-୨୫-୨୬-୧୪** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ଆରଓୟୁଙ୍କ ଅଧୀନରେ ରାଉରକେଲା–ପାନପୋଷ ଏବଂ ରାଉରକେଲା ବୀରମିତ୍ରପୁର ଷ୍ଟେଶନ ମଧ୍ୟରେ ୱେ ସାଇଡ ଷ୍ଟେଶନରେ ରାଉରକେଲା ଷ୍ଟେଶନ ଏବଂ ସର୍ଭିସ/ଆବାସିକ ବିଲ୍ଡିଂ ଇତ୍ୟାଦି ସମେତ ସର୍ଭିସ ବିଲ୍ଡିଂଗୁଡ଼ିକ ଲାଗି ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦/– । **ଇଏମ୍‌ଡି:** ₹୨,୧୯,୦୦୦/– । **୧୮. ସିକେପି-ୱେଷ୍ଟ-୨୫-୨୬-୧୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ଆରଓୟୁଙ୍କ ଅଧୀନରେ ରାଉରକେଲା ସେଟଲମେଣ୍ଟରେ ଆବାସିକ ବିଲ୍ଡିଂଗୁଡ଼ିକ ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୭୨,୦୦,୦୦୦/– । **ଇଏମ୍‌ଡି:** ₹୨,୩୬,୦୦୦/– । **୧୯. ସିକେପି-ୱେଷ୍ଟ-୨୫-୨୬-୧୬** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍–I)/ବିଏନ୍‌ଡିଏମ୍‌ଙ୍କ ଅଧୀନରେ ସେକ୍ଟର ଏ, ଇ ଏବଂ ଲୋକୋ କଲୋନୀ ଅଧୀନରେ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨,୦୧,୦୦,୦୦୦/– । **ଇଏମ୍‌ଡି:** ₹୨,୫୦,୫୦୦/– । **୨୦. ସିକେପି-ଇଷ୍ଟ-୨୫-୨୬-୦୧** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ/ୱାର୍କସ୍/ସିନିଙ୍କ ଅଧୀନରେ ଜେଡ୍‌ଟିସି/ସିନି ଏବଂ ୱାର୍କଶପ୍/ସିନି ପାଇଁ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୩୦,୦୦,୦୦୦/– । **ଇଏମ୍‌ଡି:** ₹୨,୧୫,୦୦୦/– । **୨୧. ସିକେପି-ଇଷ୍ଟ-୨୫-୨୬-୦୨** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ/ୱାର୍କସ୍/ସିନିଙ୍କ ଅଧୀନରେ ଜେଡ୍‌ଟିସି ଏବଂ ୱାର୍କଶପ/ସିନିକୁ ଛାଡ଼ି ସର୍ଭିସ୍ ଓ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨,୨୦,୦୦,୦୦୦/– । **ଇଏମ୍‌ଡି:** ₹୨,୬୦,୦୦୦/– । **୨୨. ସିକେପି-ଇଷ୍ଟ-୨୫-୨୬-୦୩** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ଇଲେକ୍ଟ୍ରିକ୍ ଲୋକୋ ଶେଡ୍ ଟାଟା ଏବଂ ଷ୍ଟେଶନ କମ୍ପ୍ଲେକ୍ସକୁ ଛାଡ଼ି ସମସ୍ତ ସର୍ଭିସ୍ ବିଲ୍ଡିଂ ପାଇଁ ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨,୨୦,୦୦,୦୦୦/– । **ଇଏମ୍‌ଡି:** ₹୨,୬୦,୦୦୦/– । **୨୩. ସିକେପି-ଇଷ୍ଟ-୨୫-୨୬-୦୪** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ପଶ୍ଚିମ/ଟାଟାଙ୍କ ଅଧୀନରେ ଆବାସିକ ବିଲ୍ଡିଂ ପାଇଁ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨,୪୦,୦୦,୦୦୦/– । **ଇଏମ୍‌ଡି:** ₹୨,୭୦,୦୦୦/– । **୨୪. ସିକେପି-ଇଷ୍ଟ-୨୫-୨୬-୦୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ଟାଟାନଗର ସମେତ ଟାଟାନଗର–ଆସାନବୋନି ସେକ୍ସନ ନିମନ୍ତେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୨୦,୦୦,୦୦୦/– । **ଇଏମ୍‌ଡି:** ₹୨,୧୦,୦୦୦/– । **୨୫. ସିକେପି-ଇଷ୍ଟ-୨୫-୨୬-୦୬** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ଟାଟାନଗରକୁ ଛାଡ଼ି ଟାଟାନଗର – ବାଦାମପାହାଡ଼ ଏବଂ ଅଁଳାଯୋଡ଼ି – ଗୋରୁମହିଷାଣି ସେକ୍ସନ ନିମନ୍ତେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୨୦,୦୦,୦୦୦/– । **ଇଏମ୍‌ଡି:** ₹୨,୧୦,୦୦୦/– । **୨୬. ସିକେପି-ଇଷ୍ଟ-୨୫-୨୬-୦୭** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ(ୱାର୍କସ୍)/ପଶ୍ଚିମ/ଟାଟାଙ୍କ ଅଧୀନରେ ଟାଟା ଷ୍ଟେଶନ ଲାଗି ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ ଏବଂ ଏସ୍‌ଏସ୍‌ଇ/ୱାର୍କସ୍/ଲ୍ୟାଣ୍ଡ/ଟାଟାଙ୍କ ଅଧୀନରେ ଜମିର ସୁରକ୍ଷା ଏବଂ ତତ୍‌ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ନିମନ୍ତେ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨,୫୦,୦୦,୦୦୦/– । **ଇଏମ୍‌ଡି:** ₹୨,୭୫,୦୦୦/– । **୨୭. ସିକେପି-ଇଷ୍ଟ-୨୫-୨୬-୦୮** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏଡିଇଏନ୍/I/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗରଠାରେ ଜଳ ଯୋଗାଣ କାର୍ଯ୍ୟ ଲାଗି ଜୋନାଲ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୫୦,୦୦,୦୦୦/– । **ଇଏମ୍‌ଡି:** ₹୨,୨୫,୦୦୦/– । **୨୮. ସିକେପି-ସାଉଥ-୨୫-୨୬-୦୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏଡିଇଏନ୍/ସିବିଏସ୍‌ଙ୍କ ଅଧୀନରେ ଏକ୍ସ ରାଜଖରସୁଆଁରୁ ଏକ୍ସ ଡାଙ୍ଗୋଆପୋଷି ମଧ୍ୟରେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ସିଭିଲ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୬୨,୦୦,୦୦୦/– । **ଇଏମ୍‌ଡି:** ₹୨,୩୧,୦୦୦/– । **୨୯. ସିକେପି-ସାଉଥ-୨୫-୨୬-୦୬** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏଡିଇଏନ୍/ଡିପିଏସ୍‌ଙ୍କ ଅଧୀନରେ ଡାଙ୍ଗୋଆପୋଷିରେ ସର୍ଭିସ୍ ଓ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ସିଭିଲ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୮୦,୦୦,୦୦୦/– । **ଇଏମ୍‌ଡି:** ₹୨,୪୦,୦୦୦/– । **୩୦. ସିକେପି-ସାଉଥ-୨୫-୨୬-୦୭** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏଡିଇଏନ୍/ଡିପିଏସ୍‌ଙ୍କ ଅଧୀନରେ ପଦାପାହାଡ଼–ଜରୋଲି ମଧ୍ୟରେ ସର୍ଭିସ୍ ଓ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ସିଭିଲ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୨୬,୦୦,୦୦୦/– । **ଇଏମ୍‌ଡି:** ₹୨,୧୩,୦୦୦/– । **୩୧. ସିକେପି-ସାଉଥ-୨୫-୨୬-୦୮** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଏଡିଇଏନ୍/ଡିପିଏସ୍‌ଙ୍କ ଅଧୀନରେ ଏକ୍ସ ପଦାପାହାଡ଼–ବଲାଣିଖାଦାନରୁ ବଡ଼ ଜାମଦା–ଗୁଆ ମଧ୍ୟରେ ସର୍ଭିସ୍ ଓ ଆବାସିକ ବିଲ୍ଡିଂଗୁଡ଼ିକ ଲାଗି ସିଭିଲ ଜୋନାଲ କାର୍ଯ୍ୟ/ଯୋଗାଣ କାର୍ଯ୍ୟ ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୧,୪୪,୦୦,୦୦୦/– । **ଇଏମ୍‌ଡି:** ₹୨,୨୨,୦୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ୨୧।୦୭।୨୦୨୫ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେମାନେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ– ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-335)

# ହିମାଚଳରେ ବାଦଲଫଟା ବର୍ଷା, ବନ୍ୟା: ୪ ମୃତ

**ମଣ୍ଡି, ୧।୭**

ହିମାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବାଦଲଫଟା ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ୪ ଜଣଙ୍କର ମୃତ୍ୟୁ ଘଟିଛି। ମଣ୍ଡି ଜିଲାର ଗୋହର, କର୍‌ସୋଗ ଏବଂ ଧର୍ମପୁର ଅଞ୍ଚଳରେ ବାଦଲଫଟା ବର୍ଷା ଯୋଗୁ ୪ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୧୬ ଜଣ ନିଖୋଜ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ୧୧୭ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବାଦଲଫଟା ବର୍ଷା ଯୋଗୁ ୧୮ ଘର ନଷ୍ଟ ହୋଇଥିବା ଜିଲା ପ୍ରଶାସନ କହିଛି। ସେହିପରି ଲଗାଣ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ମଣ୍ଡି-ମନାଲି ରାଜପଥରେ ୩୦୦ ଜଣ ଫସି ରହିଛନ୍ତି। ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆର୍‌ଏଫ୍‌), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ(ଏସ୍‌ଡିଆର୍‌ଏଫ୍‌), ପୋଲିସ, ହୋମଗାର୍ଡଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ରାଜ୍ୟର ମଣ୍ଡି ଏବଂ ସୋଲାନ ଜିଲାର ଅନେକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁନ୍ନ ହୋଇଛି, ଯାହା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି।

# ଟ୍ରମ୍ପ-ମସ୍କ ବିବାଦ ଜୋର୍‌ଦାର

**ୱାଶିଂଟନ, ୧।୭**

- ସବ୍‌ସିଡି ନ ମିଳିଲେ ଦୋକାନ ବନ୍ଦ କରି ଘରକୁ ଯିବେ ମସ୍କ: ଟ୍ରମ୍ପ
- ନୂଆ ଦଳ ଗଢ଼ିବାକୁ ଚେତାବନୀ ଦେଲେ ଟେସ୍‌ଲା ମୁଖ୍ୟ


ଡୋନାଲ୍ଡ ଟ୍ରମ୍ପ


ଏଲନ୍ ମସ୍କ

'ବିଗ୍ ବିଉଟିଫୁଲ୍ ବିଲ୍'କୁ ନେଇ ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦ ଜୋର୍‌ଦାର ହୋଇଛି। ଇତିହାସରେ କୌଣସି ବ୍ୟକ୍ତି ତୁଳନାରେ ମସ୍କ ଯଥେଷ୍ଟ ଅଧିକ ସବ୍‌ସିଡି ପାଉଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ସବ୍‌ସିଡି ବନ୍ଦ ହୋଇଗଲେ ମସ୍କ ଦୋକାନ ବନ୍ଦ କରି ଦକ୍ଷିଣ ଆଫ୍ରିକାରେ ଥିବା ନିଜ ଘରକୁ ଫେରିବାକୁ ବାଧ୍ୟ ହେବେ ବୋଲି ଟ୍ରମ୍ପ କହିଛନ୍ତି। ଟେସ୍‌ଲା ସିଇଓଙ୍କ ନେତୃତ୍ୱରେ ଗଠିତ ଖର୍ଚ୍ଚକାଟ ବିଭାଗ ଡିଓଜିଇ ମସ୍କଙ୍କ ସଂସ୍ଥାକୁ ମିଳୁଥିବା ସରକାରୀ ସବ୍‌ସିଡି ଏବଂ ଠିକାଗୁଡ଼ିକର ଅନୁଧ୍ୟାନ କରିବାକୁ ରାଷ୍ଟ୍ରପତି ପ୍ରସ୍ତାବ ଦେଇଛନ୍ତି। ଅନ୍ୟପକ୍ଷରେ ସାହସ ଥିଲେ ସବ୍‌ସିଡି ବନ୍ଦ କରିବାକୁ ମସ୍କ ଟ୍ରମ୍ପଙ୍କୁ ଆହ୍ୱାନ ଦେଇଛନ୍ତି। ବିଗ୍ ବିଉଟିଫୁଲ୍ ବିଲ୍ ଯଦି ଗୃହୀତ ହୁଏ, ତେବେ ସେ ନୂଆ ଦଳ ଗଠନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଆମେରିକା ସିନେଟ୍‌ର ବିଚାରାଧୀନ ଥିବା ବିଗ୍ ବିଉଟିଫୁଲ୍ ବିଲ୍‌କୁ ନେଇ ମସ୍କ ସୋମବାର କଡ଼ା ସମାଲୋଚନା କରିଥିଲେ। ବିଲ୍‌କୁ ସମର୍ଥନ ନ କରିବା ପାଇଁ ସେ ଆଇନ ପ୍ରଣେତାମାନଙ୍କୁ ସତର୍କ କରାଇଥିଲେ। ଯେଉଁ କଂଗ୍ରେସ ସଦସ୍ୟମାନେ ସରକାରଙ୍କ ଖର୍ଚ୍ଚ କାଟ୍ ପାଇଁ ଅଭିଯାନ ଚଳାଇଥିଲେ, ସେମାନେ ଏବେ ଇତିହାସରେ ସର୍ବବୃହତ୍ ଋଣ ବୃଦ୍ଧି ସପକ୍ଷରେ ଭୋଟ ଦେଇଛନ୍ତି। ଏଥିପାଇଁ ଲଜ୍ଜାରେ ସେମାନଙ୍କ ମୁଣ୍ଡ ନଇଁଯିବା ଉଚିତ। ଯଦି ଏହା ସେମାନଙ୍କର ଶେଷକଥା ହୁଏ, ତେବେ ଆସନ୍ତା ବର୍ଷ ପ୍ରାଇମେରିରେ ସେମାନେ ପରାଜିତ ହେବେ ବୋଲି ମସ୍କ ଏକ୍ସ'ରେ ଲେଖିଥିଲେ। ବିଲ୍ ସପକ୍ଷରେ ଭୋଟ ଦେବାକୁ ଯାଉଥିବା ରିପବ୍ଲିକାନ୍‌ମାନେ ଋଣର ଦାସତ୍ୱକୁ ସମର୍ଥନ କରୁଛନ୍ତି। ଯେଉଁମାନେ ବିଲ୍‌କୁ ସମର୍ଥନ କରିବେ, ସେମାନଙ୍କୁ ତାଙ୍କ ପ୍ରସ୍ତାବିତ ଦଳ ଟାର୍ଗେଟ କରିବ। ଯଦି ବିଲ୍ ଗୃହୀତ ହୁଏ, ତେବେ ପରଦିନ ମସ୍କ ଆମେରିକା ପାର୍ଟି ଗଠନ କରିବେ। ଆମ ଦେଶ ଡେମୋକ୍ରାଟ ଓ ରିପବ୍ଲିକାନ୍‌ର ବିକଳ୍ପ ଆବଶ୍ୟକ କରୁଛି, ଯାହା ଦ୍ୱାରା ଜନସାଧାରଣ ବାସ୍ତବରେ ସ୍ୱର ଉଠାଇପାରିବେ ବୋଲି ମସ୍କ ଲେଖିଥିଲେ।

ଟେସ୍‌ଲା ମୁଖ୍ୟଙ୍କ ଏଭଳି ମନ୍ତବ୍ୟକୁ ଟ୍ରମ୍ପ କଡ଼ା ସମାଲୋଚନା କରିଛନ୍ତି। ବହୁ ବିଲିୟନ ସରକାରୀ ସବ୍‌ସିଡି ବିନା ମସ୍କଙ୍କୁ ଦୋକାନ ବନ୍ଦ କରି ଦକ୍ଷିଣ ଆଫ୍ରିକା ଫେରିଯିବାକୁ ପଡ଼ିବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। ମସ୍କଙ୍କ ସ୍ପେସେକ୍ସ ଏବଂ ଟେସ୍‌ଲାକୁ ସରକାରୀ ସହାୟତା ହ୍ରାସ ପାଇଁ ଟ୍ରମ୍ପ ପ୍ରସ୍ତାବ ଦେଇ ପରୋକ୍ଷରେ ତାଙ୍କୁ ଧମକ ଦେଇଛନ୍ତି। ଅଧିକ ରକେଟ ଲଞ୍ଚ, ସାଟେଲାଇଟ୍ କିମ୍ବା ଇଲେକ୍ଟ୍ରିକ୍ କାର୍ ଉତ୍ପାଦନ ଆବଶ୍ୟକ ନାହିଁ। ଦେଶର ଭାଗ୍ୟକୁ ସୁରକ୍ଷିତ ରଖିବାକୁ ହେବ। ଡିଓଜିଓ ଏହାକୁ ଅନୁଧ୍ୟାନ କରୁ। ବିପୁଳ ଅର୍ଥ ବଞ୍ଚାଇବାକୁ ହେବ ବୋଲି ଟ୍ରମ୍ପ ନିଜ ସୋସିଆଲ ମିଡିଆରେ ଲେଖିଥିଲେ। ଏହାର ଜବାବରେ ସବୁ ସବ୍‌ସିଡି କାଟିବା ପାଇଁ ମସ୍କ ଆହ୍ୱାନ ଦେଇଛନ୍ତି।

# ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ କାର୍ଯ୍ୟରୁ ନିଲମ୍ବିତ

**ବ୍ୟାଙ୍କକ୍, ୧।୭**


ପାଏଟୋଙ୍ଗଟାର୍ନ ଶିନାୱାତ୍ରା

ଥାଇଲାଣ୍ଡର ସାମ୍ବିଧାନିକ ଅଦାଲତ ମଙ୍ଗଳବାର ଦେଶର ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟାର୍ନ ଶିନାୱାତ୍ରାଙ୍କୁ କର୍ତ୍ତବ୍ୟରୁ ନିଲମ୍ବନ କରିଛନ୍ତି। ଫଳରେ ଥାଇଲାଣ୍ଡ ସରକାରଙ୍କୁ ବଡ଼ ଝଟକା ଲାଗିଛି। କାମ୍ବୋଡିଆର ପ୍ରଭାବଶାଳୀ ପୂର୍ବତନ ନେତା ହୁନ୍ ସେନ୍‌ଙ୍କ ସହ ଏକ ସମ୍ବେଦନଶୀଳ ଟେଲିଫୋନ୍ ବାର୍ତ୍ତାଳାପକୁ ଲିକ୍ କରାଯାଇଥିବାରୁ ଶିନାୱାତ୍ରା ଅସାଧୁ ଉପାୟ ଅବଲମ୍ବନ କରିବା ସହ ନୈତିକ ମାନଦଣ୍ଡର ଉଲ୍ଲଂଘନ କରିଥିବା ନେଇ ୩୬ ଜଣ ସିନେଟର ତାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ଆଞ୍ଚଳିକ ବିବାଦକୁ ପ୍ରଶମିତ କରିବା ଏବଂ ସୀମାରେ ସେନା ମୁତୟନଜନିତ ଉତ୍ତେଜନା ହ୍ରାସ କରିବା ଉକ୍ତ ବାର୍ତ୍ତାଳାପର ଉଦ୍ଦେଶ୍ୟ ଥିଲା। ଜୁନ୍ ୧୫ ତାରିଖର ଏହି ଟେଲିଫୋନ୍ କଲ୍ ଲିକ୍ ଯୋଗୁ ଘରୋଇ ଉତ୍ତେଜନା ବଢ଼ିବା ସହ ଶିନାୱାତ୍ରାଙ୍କ ନେତୃତ୍ୱାଧୀନ ମେଣ୍ଟରୁ ଏକ ବଡ଼ ଦଳ ସମର୍ଥନ ପ୍ରତ୍ୟାହାର କରିବାରୁ ଏହାର ସଂଖ୍ୟାଗରିଷ୍ଠତା ହ୍ରାସ ପାଇଥିଲା। ଶିନାୱାତ୍ରା ଦେଶର ସାର୍ବଭୌମତ୍ୱକୁ ଦୁର୍ବଳ କରିଥିବା ଉକ୍ତ ଦଳ ଅଭିଯୋଗ କରିଥିବାବେଳେ ନୂଆ ସରକାର ଦାବିରେ ବିକ୍ଷୋଭକାରୀ ସଂଗଠନଗୁଡ଼ିକ ଆନ୍ଦୋଳନ ବଢ଼ାଇବାକୁ ଧମକ ଦେଇଥିଲେ।

ଶିନାୱାତ୍ରା କ୍ଷମତାରେ ରହିବାର ମାତ୍ର ୧୦ ମାସ ପରେ କ୍ଷମତା ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି। ସେନା ସମର୍ଥିତ ପ୍ରତିଷ୍ଠାନ ଏବଂ ବିଲିୟନେୟାର ଶିନାୱାତ୍ରାଙ୍କ ବଂଶ ମଧ୍ୟରେ ୨ ଦଶନ୍ଧି ହେଲା କ୍ଷମତା ଲଢ଼େଇ ଜାରି ରହିଛି। ୨ ଥର ସେନା ବିଦ୍ରୋହ ଏବଂ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଅନେକ ଦଳ ଓ ପ୍ରଧାନମନ୍ତ୍ରୀ କ୍ଷମତାଚ୍ୟୁତ ହୋଇଛନ୍ତି। ଶିନାୱାତ୍ରା କୋର୍ଟଙ୍କ ମଙ୍ଗଳବାରର ନିଷ୍ପତ୍ତିକୁ ଗ୍ରହଣ କରିବା ସହ ଟେଲିଫୋନ୍ ବାର୍ତ୍ତାଳାପ ପ୍ରଘଟ ପାଇଁ ହୁନ୍ ସେନ୍‌ଙ୍କୁ କ୍ଷମା ମାଗିଛନ୍ତି। ଏଥିସହ ସେ ଥାଇଲାଣ୍ଡ ସୈନ୍ୟବାହିନୀକୁ ସମାଲୋଚନା କରିଛନ୍ତି। ଦେଶ ପାଇଁ କାମ କରିବା ଏବଂ ସାର୍ବଭୌମତ୍ୱ ବଜାୟ ରଖିବା ସହମତ ଆମର ସମସ୍ତ ସୈନ୍ୟଙ୍କ ଜୀବନ ରକ୍ଷା କରିବା ବାର୍ତ୍ତାଳାପ ପ୍ରଘଟ ପଛରେ ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା ବୋଲି ଶିନାୱାତ୍ରା ଗଣମାଧ୍ୟମକୁ କହିଛନ୍ତି।

# ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରି ବିସ୍ଫୋରଣ ମୃତ୍ୟୁସଂଖ୍ୟା ୪୪

## ମୃତକଙ୍କ ପରିବାରକୁ ମିଳିବ ୧ କୋଟି

**ହାଇଦ୍ରାବାଦ, ୧।୭**

ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲାରେ ଥିବା ଔଷଧ କମ୍ପାନୀ ସିଗାଚୀ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍‌ର ଫ୍ୟାକ୍ଟ୍ରିରେ ସୋମବାର ବିସ୍ଫୋରଣ ଘଟିଥିଲା। ମଙ୍ଗଳବାର ଏହି ବିସ୍ଫୋରଣର ମୃତ୍ୟୁ ସଂଖ୍ୟା ୪୪କୁ ବୃଦ୍ଧି ପାଇଛି। ଘଟଣାସ୍ଥଳରେ ରେସ୍କ୍ୟୁ ଅପରେଶନ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏବେ ମଧ୍ୟ ଆହୁରି କିଛି ଶ୍ରମିକ ଫସି ରହିଥିବା ନେଇ ସ୍ଥାନୀୟ ଅଧିକାରୀମାନେ ଅନୁମାନ କରିଛନ୍ତି। ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାରକୁ ୧ କୋଟି ଏବଂ ଆହତମାନଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହାୟତା ପ୍ରଦାନ କରିବାକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ଜିଲା ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ନୌସେନାରେ ସାମିଲ ହେଲା ଆଇଏନ୍‌ଏସ୍ ତମାଲ

**ମସ୍କୋ, ୧।୭**



ରୁଷିଆ ଭାରତୀୟ ନୌସେନାକୁ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ତମାଲ ହସ୍ତାନ୍ତର କରିଛି। ଭାରତ ଓ ରୁଷିଆ ମିଳିତ ଭାବେ ବିକଶିତ କରିଥିବା ଏହି ଯୁଦ୍ଧଜାହାଜ ମଙ୍ଗଳବାର ରୁଷିଆର କଲିନିଗ୍ରାଡ୍‌ସ୍ଥିତ ୟାନ୍ତର ଶିପ୍‌ୟାର୍ଡରେ ନୌସେନାରେ ସାମିଲ ହୋଇଛି। ଭାଇସ୍ ଆଡମିରାଲ ସଞ୍ଜୟ ଜେ. ସିଂ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଭାରତ ଓ ରୁଷିଆ ସରକାରଙ୍କ ଉଚ୍ଚପଦସ୍ଥ ପ୍ରଶାସନିକ ଏବଂ ସାମରିକ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଭାରତୀୟ ନୌସେନାରେ ସାମିଲ ହେବାରେ ଆଇଏନ୍‌ଏସ୍ ତମାଲ ବିଦେଶରେ ନିର୍ମିତ ଶେଷ ବୃହତ୍ ଯୁଦ୍ଧଜାହାଜ। ପ୍ରୋଜେକ୍ଟ ୧୧୩୫.୬ (ତଲୱାର ଶ୍ରେଣୀ) ସିରିଜ୍‌ର ଏହା ଅଷ୍ଟମ ଜାହାଜ ହୋଇଥିବାବେଳେ ତୁଶିଲ୍ ଶ୍ରେଣୀର ଦ୍ୱିତୀୟ ଯୁଦ୍ଧଜାହାଜ। ପୂର୍ବରୁ ମିଳିଥିବା ଅନ୍ୟ ୭ଟି ଏହି ଶ୍ରେଣୀର ଯୁଦ୍ଧଜାହାଜ ନୌସେନାର ୱେଷ୍ଟର୍ନ ଫ୍ଲିଟ୍‌ରେ ରହିଛି। ଆଇଏନ୍‌ଏସ୍ ତମାଲରେ ୨୬ ପ୍ରତିଶତ ସ୍ୱଦେଶୀ ଉପାଦନ ରହିଛି। ସେଥିରେ ଦୀର୍ଘ ଦୂରଗାମୀ ବ୍ରହ୍ମୋସ୍ କ୍ରୁଜ୍ କ୍ଷେପଣାସ୍ତ୍ରକୁ ସାମିଲ କରାଯାଇଛି। ଏଥିରେ ଭୂଲମ୍ବ ଦିଗରେ ଆକାଶକୁ ଛଡ଼ାଯାଉଥିବା ମିଶାଇଲ୍, ଉନ୍ନତ ୧୦୦ ଏମ୍‌ଏମ୍ ବନ୍ଧୁକ, ଅତ୍ୟାଧୁନିକ ଇଓ/ଆଇଆର୍ ସିଷ୍ଟମ ସହ ୩୦ ଏମ୍‌ଏମ୍ ସିଆଇଡବ୍ଲୁଏସ୍, ଓଜନଦାର ଟର୍ପେଡୋ, ବୁଡ଼ାଜାହାଜବିଧ୍ୱଂସୀ ରକେଟ, ସର୍ଭିଲାନ୍ସ, ଅଗ୍ନି ନିୟନ୍ତ୍ରକ ରାଡାର ଓ ସିଷ୍ଟମ୍ ରହିଛି।

# ଗବେଷଣାରେ ଘରୋଇ ନିବେଶକୁ ପ୍ରୋତ୍ସାହନ

## ୧ ଲକ୍ଷ କୋଟିର ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ, ୧।୭**

ଗବେଷଣା କ୍ଷେତ୍ରରେ ଘରୋଇ ସେକ୍ଟରର ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ୧ ଲକ୍ଷ କୋଟି ଟଙ୍କାର କର୍ପସ ପାଣ୍ଠି ସହ ଗବେଷଣା, ବିକାଶ ଓ ନବୋନ୍ମେଷ (ଆର୍‌ଡିଆଇ) ଯୋଜନାକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି। ସନ୍‌ରାଇଜ୍ ସେକ୍ଟର ସମେତ ଆର୍ଥିକ ସୁରକ୍ଷା, ରଣନୈତିକ ଉଦ୍ଦେଶ୍ୟ ଏବଂ ଆତ୍ମନିର୍ଭର ପାଇଁ ପ୍ରାସଙ୍ଗିକ ଅନ୍ୟ ସେକ୍ଟରଗୁଡ଼ିକରେ ଗବେଷଣା ଓ ବିକାଶକୁ ବଢ଼ାଇବା ନିମନ୍ତେ ଘରୋଇ ସେକ୍ଟରଗୁଡ଼ିକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ଲକ୍ଷ୍ୟ। ଗବେଷଣା, ବିକାଶ ଓ ନବୋନ୍ମେଷରେ ନିବେଶ କରୁଥିବା ଘରୋଇ ସଂସ୍ଥାଗୁଡ଼ିକୁ ଏହି ଯୋଜନାରେ ସ୍ୱଳ୍ପ କିମ୍ବା ବିନା ସୁଧରେ ଦୀର୍ଘମିଆଦୀ ଋଣ ଯୋଗାଇଦିଆଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ (ଏଏନ୍‌ଆର୍‌ଏଫ୍‌)ର ଗଭର୍ନିଂ ବୋର୍ଡ ଆର୍‌ଡିଆଇ ଯୋଜନାକୁ ବ୍ୟାପକ ରଣନୈତିକ ଦିଶାନିର୍ଦ୍ଦେଶ ପ୍ରଦାନ କରିବ। ଯୋଜନାର ଗାଇଡ୍‌ଲାଇନ୍ସକୁ ଏଏନ୍‌ଆର୍‌ଏଫ୍‌ର କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିବା ସହ ସନ୍‌ରାଇଜ୍ ସେକ୍ଟରଗୁଡ଼ିକରେ ଦ୍ୱିତୀୟ ସ୍ତରର ପାଣ୍ଠି ପରିଚାଳକ ଏବଂ ପ୍ରକଳ୍ପର ପରିସର ଓ ପ୍ରକାର ସମ୍ପର୍କରେ ସୁପାରିସ କରିବ।

# ମନୋଜିତଙ୍କ ନାଁରେ ଅସଦାଚରଣ ଅଭିଯୋଗ ଆଣିଲେ ଆଉ ଜଣେ ଛାତ୍ରୀ

## କୋଲକାତା ଗଣବଳାତ୍କାର ମାମଲା

### ୩ ଅଭିଯୁକ୍ତଙ୍କୁ ବହିଷ୍କାରକଲା ସାଉଥ୍ କାଲ୍‌କାଟା ଲ' କଲେଜ


ମନୋଜିତ ମିଶ୍ର

**କୋଲକାତା, ୧।୭**

ସାଉଥ୍ କାଲକାଟା ଲ' କଲେଜରେ ହୋଇଥିବା ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ଟିଏମ୍‌ସି ଛାତ୍ର ନେତା ମନୋଜିତ ମିଶ୍ରଙ୍କ ନାଁରେ ଆଉ ଜଣେ ଛାତ୍ରୀ ମଙ୍ଗଳବାର ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଛାତ୍ରୀ ଜଣଙ୍କ କହିଛନ୍ତି, ୨ ବର୍ଷ ତଳେ ଏକ କଲେଜ ଟ୍ରିପ୍ ସମୟରେ ମନୋଜିତ ତାଙ୍କ ସହ ଅସଦାଚରଣ କରିଥିଲେ। ଏଥିରେ ପ୍ରତିବାଦ କରିବାରୁ ମନୋଜିତ ତାଙ୍କୁ ମାଡ଼ ମାରିଥିଲେ ଏବଂ ତାଙ୍କୁ ଏବଂ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମନୋଜିତଙ୍କର ରାଜନୈତିକ ପ୍ରଭାବ ରହିଥିଲା। ଟିଏମ୍‌ସିର ସ୍ଥାନୀୟ ବିଧାୟକ ଏବଂ କଲେଜ ବୋର୍ଡ ସଭାପତି ଅଶୋକ କୁମାର ଦେବଙ୍କ ସମର୍ଥନ ମନୋଜିତଙ୍କ ସହ ରହିଥିବାରୁ ସେ ସେତେବେଳେ ଭୟରେ ଅସଦାଚରଣ ନେଇ ଅଭିଯୋଗ କରି ନ ଥିଲେ ବୋଲି ପୀଡ଼ିତା କହିଛନ୍ତି। ଅନ୍ୟପକ୍ଷେ, ମନୋଜିତଙ୍କୁ ମିଶାଇ କଲୋକାତା ଗଣବଳାତ୍କାର ମାମଲାର ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ସାଉଥ୍ କାଲକାଟା ଲ' କଲେଜ ବହିଷ୍କାର କରିଛି। ମନୋଜିତ କଲେଜରେ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ ୪୫ ଦିନ ତଳେ ନିଯୁକ୍ତି ପାଇଥିଲେ। ସେହିପରି ପୀଡ଼ିତାଙ୍କ ସିନିୟର ଥିବା ମାମଲାର ଅନ୍ୟ ୨ ଅଭିଯୁକ୍ତ ଜୈବ ଅହମଦ ଏବଂ ପ୍ରମିତ ମୁଖାର୍ଜୀଙ୍କୁ ମଧ୍ୟ କଲେଜରୁ ବହିଷ୍କାର କରାଯାଇଛି।

# କର୍ଣ୍ଣାଟକର ହାସନ ଜିଲାରେ ୪୦ ଦିନରେ ୨୩ ହୃଦ୍‌ଘାତ ମୃତ୍ୟୁ

**ବେଙ୍ଗାଲୁରୁ, ୧।୭**

## କୋଭିଡ୍ ଟିକାର ସମ୍ପର୍କକୁ ନେଇ ତଦନ୍ତ ଜାରି

କର୍ଣ୍ଣାଟକର ହାସନ ଜିଲାରେ ୪୦ ଦିନରେ ହୃଦ୍‌ଘାତରେ ୨୩ ଜଣଙ୍କର ଅଚାନକ ମୃତ୍ୟୁ ଘଟିଲାଣି। ଯୁବବର୍ଗଙ୍କ ମଧ୍ୟରେ ହୃଦ୍‌ଘାତ ମୃତ୍ୟୁ ବଢ଼ିବାକୁ ନେଇ ରାଜ୍ୟବ୍ୟାପୀ ଚିନ୍ତାବ୍ୟକ୍ତ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜୟଦେବ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଭାସ୍କୁଲାର ସାଇନ୍ସର ନିର୍ଦ୍ଦେଶକ ଡ. ରବୀନ୍ଦ୍ରନାଥଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରିବ ବୋଲି ସିଦ୍ଧାରାମାୟା ଏକ୍ସ ଜରିଆରେ ଘୋଷଣା କରିଛନ୍ତି। ୧୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ ଲାଗି କମିଟିକୁ କୁହାଯାଇଛି। ରାଜ୍ୟରେ ଯୁବବର୍ଗଙ୍କ ମଧ୍ୟରେ ଅଚାନକ ମୃତ୍ୟୁ ସହ କୋଭିଡ୍ ଟିକା କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ କାରଣର ସମ୍ପର୍କ ରହିଛି କି ନାହିଁ ଅନୁଧ୍ୟାନ କରିବାକୁ ପୂର୍ବରୁ ଉକ୍ତ କମିଟିକୁ କୁହାଯାଇଥିଲା। ତରବରିଆ ଭାବେ କୋଭିଡ୍ ଟିକାକୁ ଅନୁମୋଦନ ଏବଂ ବଣ୍ଟନ ଏଭଳି ଅଚାନକ ମୃତ୍ୟୁର କାରଣ ହୋଇଥାଇପାରେ, ଯାହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସିଦ୍ଧାରାମାୟା ଲେଖିଛନ୍ତି। ଏହି ଘଟଣାରେ ସେ ଭାଜପାକୁ ସମାଲୋଚନା କରି କହିଛନ୍ତି, ଉକ୍ତ ଦଳ ନିଜ ନିଷ୍ପତ୍ତି ଉପରେ ବିଚାର ନ କରି ପ୍ରସଙ୍ଗକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରୁଛି।

ହାସନ ଜିଲାରେ ଗତ ୪୦ ଦିନରେ ୨୩ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବାବେଳେ ଜୁନ୍ ୩୦ରେ ୪ ଜଣ ପ୍ରାଣ ହରାଇଥିଲେ। ଏହାକୁ ନେଇ ହାସନରେ ଆତଙ୍କ ଖେଳିଯାଇଛି। ମୃତକଙ୍କ ମଧ୍ୟରେ ଜଣେ ୫୦ ବର୍ଷୀୟ ମହିଳା, ୫୮ ବର୍ଷୀୟ କଲେଜ ଅଧ୍ୟାପକ, ୫୭ ବର୍ଷୀୟ ଗ୍ରୁପ୍ ଡି କର୍ମଚାରୀ ଏବଂ ଜଣେ ୬୩ ବର୍ଷୀୟ ବ୍ୟକ୍ତି ରହିଛନ୍ତି। ମଙ୍ଗଳବାର ଜଣେ ୨୭ ବର୍ଷୀୟ କାଠମିସ୍ତ୍ରିଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ୨୩ ମୃତକଙ୍କ ମଧ୍ୟରୁ ୬ ଜଣଙ୍କ ବୟସ ୧୯ରୁ ୨୫ ବର୍ଷ ହୋଇଥିବାବେଳେ ୮ ଜଣ ୨୫ରୁ ୪୫ ବର୍ଷ ବୟସ ବର୍ଗର। ଅନ୍ୟମାନଙ୍କ ବୟସ ୪୫ରୁ ୬୦ ମଧ୍ୟରେ ହୋଇଥିବାବେଳେ ଅଳ୍ପ କେତେଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ରହିଛନ୍ତି। ଗତ ୨ ସପ୍ତାହ ମଧ୍ୟରେ ବେଙ୍ଗାଲୁରୁର ଜୟଦେବ ହସ୍ପିଟାଲରେ ହୃଦ୍‌ଘାତ ମାମଲା ୮ ପ୍ରତିଶତ ବଢ଼ିଛି। ସେମାନେ ହାସନ ଓ ଆଖପାଖ ଜିଲାର। ଏହାକୁ ନେଇ ଚିନ୍ତା ବଢ଼ୁଥିବାବେଳେ ଅନେକ ଲୋକ ସତର୍କତା ସ୍ୱରୂପ ଚେକ୍‌ଅପ୍ କରାଉଛନ୍ତି। ଗତ ୨ ବର୍ଷରେ ହାସନ ଜିଲାରେ ୫୦୭ ହୃଦ୍‌ଘାତ ମାମଲା ରେକର୍ଡ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୯୦ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଯୁବବର୍ଗଙ୍କ ମଧ୍ୟରେ ହୃଦ୍‌ଘାତ ମୃତ୍ୟୁ ହଠାତ୍ ବଢ଼ିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

## ଫୁର୍‌ସତ

# ୨୪ ଘଣ୍ଟାରେ ୧୧,୭୦୭ ଥର ପୁଲ୍‌ଅପ୍

## ବିଶ୍ୱ ରେକର୍ଡ କଲେ ଦକ୍ଷିଣ କୋରିଆ ସେନା ଅଧିକାରୀ



**ସିଓଲ୍:** ଦକ୍ଷିଣ କୋରିଆର ସାମରିକ ଅଧିକାରୀ 'ଓ ୟୋହାନ୍' ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ପୁଲ୍‌ଅପ୍ କରିବାର ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ଗତ ୨୮ରୁ ୨୯ ତାରିଖ ମଧ୍ୟରେ ଦକ୍ଷିଣ କୋରିଆର ଇଞ୍ଚିୟୋନ୍‌ଠାରେ ଏହି କୃତିତ୍ୱ ହାସଲ କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ୟୋହାନ୍ ମୋଟ ୧୧,୭୦୭ ଥର ପୁଲ୍‌ଅପ୍ କରିଥିଲେ। ଏହାସହ ଗୋଟିଏ ଦିନ ମଧ୍ୟରେ ସର୍ବାଧିକ ପୁଲ୍‌ଅପ୍ କରିବାର ବିଶ୍ୱ ରେକର୍ଡ କରି ସେ ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ କରାଇଛନ୍ତି।

ଜିଡବ୍ଲ୍ୟୁଆର୍ ପକ୍ଷରୁ ଏନେଇ ଏକ ବିବୃତି ଜାରିକରି କୁହାଯାଇଛି, ୟୋହାନ ଅନେକ ବର୍ଷ ଧରି କଠିନ ପରିଶ୍ରମ କରିବା ପରେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ପୁଲ୍‌ଅପ୍‌ର ଚ୍ୟାଲେଞ୍ଜିଂ ଲକ୍ଷ୍ୟ ହାସଲ କରିଛନ୍ତି। ଏହି ସଫଳତାକୁ ୟୋହାନ ନିଜ ସାମରିକ ୟୁନିଟ୍ ପାଇଁ ଉତ୍ସର୍ଗ କରିଛନ୍ତି। ସାମରିକ ୟୁନିଟ୍‌ଠାରୁ ସେ ଶୃଙ୍ଖଳା, ଶକ୍ତି ଏବଂ ଆତ୍ମବିଶ୍ୱାସ ଶିଖିଥିବା କହିଛନ୍ତି। ତେବେ ଜିଡବ୍ଲ୍ୟୁଆର୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୟୋହାନ ୨୪ ଘଣ୍ଟା ମଧ୍ୟରେ ଆହୁରି ଅଧିକ ପୁଲ୍‌ଅପ୍ କରିପାରିଥାନ୍ତେ, କିନ୍ତୁ ସେ ଜାଣିଶୁଣି ୧୧,୭୦୭ତମ ପୁଲ୍‌ଅପ୍‌ରେ ଅଟକିଯିବାକୁ ନିଷ୍ପତ୍ତି ନେଇଥିଲେ। ନିଜ ସ୍ୱତନ୍ତ୍ର ବାହିନୀ ୟୁନିଟ୍ '୭୦୭ତମ ସ୍ପେଶାଲ ମିଶନ୍ ଗ୍ରୁପ୍'କୁ ଏହି ସଫଳତା ଉତ୍ସର୍ଗ କରିବା ନିମନ୍ତେ ୟୋହାନ ଏପରି କରିଛନ୍ତି ବୋଲି ଜିଡବ୍ଲ୍ୟୁଆର୍ କହିଛି।

ତେବେ ୟୋହାନ ପ୍ରଥମ ଥର ପାଇଁ ଏହି ରେକର୍ଡ ସ୍ଥାପନ କରି ନ ଥିଲେ। ପୂର୍ବରୁ ମଧ୍ୟ ସେ ୨୪ ଘଣ୍ଟା ମଧ୍ୟରେ ୮,୭୦୭ ଥର ପୁଲ୍‌ଅପ୍ କରି ବିଶ୍ୱ ରେକର୍ଡ କରିଥିଲେ। ତେବେ ମାତ୍ର ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଉକ୍ତ ରେକର୍ଡ ଭାଙ୍ଗିଯାଇଥିଲା। ଏହାପରେ ବିଭିନ୍ନ ପାରିବାରିକ କାରଣ ଯୋଗୁ ସେ ଅନେକ ବର୍ଷ ପର୍ଯ୍ୟନ୍ତ ଉକ୍ତ ରେକର୍ଡ ଭାଙ୍ଗିବା ପାଇଁ ଚେଷ୍ଟା କରି ନ ଥିଲେ। ୟୋହାନ କହିଛନ୍ତି, ଦ୍ୱିତୀୟ ଥର ପାଇଁ ସର୍ବାଧିକ ପୁଲ୍‌ଅପ୍ କରି ବିଶ୍ୱ ରେକର୍ଡ ସ୍ଥାପନ କରିବା ତାଙ୍କ ପାଇଁ ଆଦୌ ସହଜ ନ ଥିଲା। ଏଥିପାଇଁ ତାଙ୍କୁ ଅତ୍ୟନ୍ତ କଷ୍ଟସାଧ୍ୟ ପ୍ରସ୍ତୁତି କରିବାକୁ ପଡ଼ିଥିଲା। ଅନେକ ଦିନର କଠିନ ପରିଶ୍ରମ ପରେ ତାଙ୍କୁ ଶେଷରେ ସଫଳତା ମିଳିଥିଲା। ଅନ୍ୟ ଦେଶର ସୈନିକଙ୍କ ତୁଳନାରେ କୋରିଆ ସୈନିକମାନେ ମଧ୍ୟ ସମାନ ଭାବେ ଶକ୍ତିଶାଳୀ ବୋଲି ନିଜର ଏହି ବିଶ୍ୱ ରେକର୍ଡ ଜରିଆରେ ସେ ପ୍ରମାଣିତ କରିଥିବା ୟୋହାନ କହିଛନ୍ତି। ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଏହି ସଫଳତା ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି।

# ଗ୍ୟାଙ୍ଗଷ୍ଟର ଭୂମିକାରେ ରାଜକୁମାର



**'ମାଲିକ' ଟ୍ରେଲର ଆଉଟ୍**

**ମୁମ୍ବାଇ:** ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଫିଲ୍ମ 'ମାଲିକ'ର ଟ୍ରେଲର ମଙ୍ଗଳବାର ରିଲିଜ୍ ହୋଇଛି। ଗତ କିଛି ଫିଲ୍ମରେ ଲଭର୍ ବଏ ଏବଂ ମିଡିଲକ୍ଲାସ୍ ମ୍ୟାନ୍ ଭାବେ ବିଭିନ୍ନ ଚରିତ୍ରରେ ରାଜକୁମାର ନଜରକୁ ଆସିଥିବା ବେଳେ ଏହି ଫିଲ୍ମର ଟ୍ରେଲରରେ ତାଙ୍କୁ ନୂଆ ଅନ୍ଦାଜରେ ଦେଖିବାକୁ ମିଳିଛି। 'ମାଲିକ' ଫିଲ୍ମ ସହ ରାଜକୁମାର ପ୍ରଥମ ଥର ପାଇଁ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ନଜରକୁ ଆସିବେ। ଫିଲ୍ମର ୨ ମିନିଟ୍ ୪୫ ସେକେଣ୍ଡର ଟ୍ରେଲରରେ ରାଜକୁମାରଙ୍କର ଭରପୂର ଆକ୍ସନ ଦୃଶ୍ୟ ରହିଛି। ରାଜକୁମାର ଏକ ସାଧାରଣ ପରିବାରରୁ ଆସି ପ୍ରଥମେ ଗ୍ୟାଙ୍ଗଷ୍ଟର ହେଉଛନ୍ତି ଏବଂ ପରେ ସେ ରାଜନୀତିରେ ପ୍ରବେଶକରି କିପରି ବିଧାୟକ ହେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଟ୍ରେଲରରେ ମୁଖ୍ୟ ଅଭିନେତ୍ରୀ ଭୂମିକାରେ ମଡେଲ ମାନୁଷୀ ଛିଲ୍ଲର ନଜରକୁ ଆସିଛନ୍ତି। ସେ ଫିଲ୍ମରେ ରାଜକୁମାରଙ୍କ ସ୍ତ୍ରୀଙ୍କ ଭୂମିକା ନିଭାଇବା ସହ ତାଙ୍କ ସଙ୍ଗେ ଦୃଢ଼ ଭାବେ ଛିଡ଼ାହୋଇ ରହୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ସୱାନନ୍ଦ କିର୍‌କିରେ ଓ ସୌରଭ ଶୁକ୍ଲାଙ୍କୁ ମଧ୍ୟ ଏହି ଟ୍ରେଲରରେ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି। ପୁଲକିତଙ୍କ ନିର୍ଦ୍ଦେଶିତ 'ମାଲିକ' ଫିଲ୍ମ ଆସନ୍ତା ୧୧ ତାରିଖରେ ରିଲିଜ୍ ହେବ।

# କମିଲା କମର୍ସିଆଲ ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୭(ଅଭୟ ଦାଶ):** କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ୍ (୧୯କେଜି) ର ଦର ପରିବର୍ତ୍ତନ ହେଉଥିବାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.)ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ଚଳିତ ବର୍ଷ ଜୁଲାଇ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର କମିଥିଲା ବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୫୮.୫୦ ଟଙ୍କା ହ୍ରାସ ପାଇଛି।



ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ମଙ୍ଗଳବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ ଦର ୨୪ ଟଙ୍କା କମି ୧୮୦୮ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ଏହି ଦର ୧୮୬୬.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ ଦର ପୂର୍ବ ପରି ୮୭୯ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ ଦର ୫୮.୫୦ ଟଙ୍କା ହ୍ରାସ ଘଟି ୧୬୬୫ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ ଦର ୮୫୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ ଦର ଯଥାକ୍ରମେ ୧୭୬୭.୫୦ ଟଙ୍କା, ୧୬୧୬ ଟଙ୍କା ଏବଂ ୧୮୨୨.୫୦ ଟଙ୍କାରେ କାରାବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡ଼ିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୭୯ ଟଙ୍କା, ୮୫୨.୫୦ ଟଙ୍କା ଏବଂ ୮୬୮.୫୦ ଟଙ୍କାରେ ବିକ୍ରି ହେଉଛି। ବିମାନ ଇନ୍ଧନର ଦର ମଧ୍ୟ ୭.୫% ବା ୬୨୭୧.୫୦ ଟଙ୍କା ବଢି ପ୍ରତି କିଲୋ ଲିଟର ପିଛା ବିମାନ ଇନ୍ଧନ ଦର ୮୯,୩୪୪.୦୫ ଟଙ୍କାରେ କାରବାର ହେଉଛି।

# ଜୁନ୍‌ରେ ୧,୮୪,୫୯୭ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୭:** ଚଳିତ ବର୍ଷ ଜୁନ୍ ମାସରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରେକର୍ଡ ପରିମାଣର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷର ୩ୟ ମାସରେ ମୋଟ ୧,୮୪,୫୯୭ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ତୃତୀୟ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ରେକର୍ଡ ପରିମାଣ ହୋଇଥିଲାବେଳେ ୨୦୨୫ ଜୁନ୍‌ରେ ୧,୮୪,୫୯୭ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷକରି ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ କରାଯାଇଥିବା ଟିକସ ପରିମାଣ ୧,୭୩,୮୧୩ କୋଟିଠାରୁ ଏହା ବାର୍ଷିକ ଭିତ୍ତିରେ ୬.୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ବାର୍ଷିକ ଭିତ୍ତିରେ ୬.୨ % ବୃଦ୍ଧି**




ସେହିଭଳି ଚଳିତ ଆର୍ଥିକ ବର୍ଷର ତୃତୀୟ ମାସରେ ମୋଟ ୧,୮୪,୫୯୭ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୪,୫୫୮ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୩,୨୬୮ କୋଟି ଆଦାୟ ହୋଇଛି। ଏପରିକି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦକୁ ମୋଟ ୯୩,୨୮୦ ଟଙ୍କା ଏବଂ ସେସ୍ ବାବଦରେ ୧୧,୪୯୧ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ତୃତୀୟ ମାସରେ (୨୦୨୫ ଜୁନ୍) ଓଡ଼ିଶାରୁ ୫୦୭୯ କୋଟି ଟଙ୍କାର ରାଜସ୍ୱ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ରାଜ୍ୟରୁ ମୋଟ ୪୯୮୭ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଗତ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟରୁ ଚଳିତ ଆର୍ଥିକ ବର୍ଷର ଏହିସମୟ ମଧ୍ୟରେ ପ୍ରାୟ ୨% ଅଧିକ ଟିକସ ରାଜସ୍ୱ ଆକାରରେ ଜିଏସ୍‌ଟି ଆଦାୟ କରାଯାଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୧।୭:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୧(୯୦.୮୩) ପଏଣ୍ଟ ବୃଦ୍ଧି ଘଟି ୮୩,୬୯୭ (୮୩,୬୯୭.୨୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫ (୨୪.୭୫) ପଏଣ୍ଟ ବଢ଼ି ୨୫,୫୪୨ (୨୫,୫୪୧.୮୦) ଅଙ୍କରେ କାରବାର ଶେଷ ହୋଇଥିଲା।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


## OFFICE OF THE NIMAPARA NOTIFIED AREA COUNCIL

At/PO/PS:- Nimapara, Dist:Puri, Odisha, Pin:752106
e-Mail: nimapadanac@gmail.com
Web:www.nimaparanac.in, Phone No.: (06758-454167)
No.2132/Date:26.06.2025

### e-Procurement Notice

**No.C-600:** Bid documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Tender Reference No. : NP-NAC-01/2025-26
2. Tender I.D. No. : 2025_ORULB_114915_1 to 9
3. Name of the Work : Civil construction works as mentioned in website
4. No. of Work : 09 Nos.
5. Estimated Cost : Rs.5,05,680.00 to Rs.82,97,364.00
6. Period of Completion : 30 days to 120 days
7. Date & Time of Bidding : Dt.01.07.2025 to Dt.13.07.2025 upto 5.00 P.M.
8. Last date & time for receipt of bids in the Portal : Dt.13.07.2025 upto 05.00 P.M.
9. Bids received online shall be opened on Dt. : Dt.14.07.2025 at 11.00 A.M.
10. Name and address of the Officer Inviting Bid : Executive Officer, Nimapara N.A.C.

Further details can be seen from the procurement portal i.e. **www.tendersodisha.gov.in.**

**Sd./- Executive Officer**
**Nimapara N.A.C.**

OIPR-13112/11/0028/2526

---

No.CAD-915

OPHWC

## THE ODISHA STATE POLICE HOUSING AND WELFARE CORPORATION LTD.

(A Government of Odisha Undertaking)
JANAPATH, BHOI NAGAR, BHUBANESWAR-22, PH : 0674-2541545, 2542921
E-mail : ophwc.od@nic.in, Website : www.ophwc.com/www.ophwc.nic.in
e-procurement notice No. - 07/OPHWC/2025-26

### INVITATION FOR BIDS (IFB)

The **Chief Engineer (OSPH&WC)**, Odisha, Bhubaneswar invites Percentage rate bid in Double Cover System in **ONLINE MODE** only, for the works as detailed below:

| | | |
|---|---|---|
| 1 | **Nature of Work** | **Building works** |
| 2 | **No. of Works** | **20 Nos.** |
| 3 | **Value of Tender** | **Rs.58.07 Lakh to Rs.1428.18 Lakh** |
| 4 | **Class of Contractor** | **'B' Class to 'Spcl.' Class** |
| 5 | **Cost of Bid Document (To be paid online)** | **₹ 11,800.00** |
| 6 | **Availability of Bid Documents in the website** | **Dt.01/07/2025 to Dt.16/07/2025 up to 5.00 P.M.** |
| 7 | **Last date/time of Receipt of Bids in the Portal** | **Dt.16/07/2025 up to 5.00 P.M.** |
| 8 | **Date of Opening Bid** | **Dt.17/07/2025 at 10.30 A.M.** |
| 9 | **Date of Technical Presentation (among qualified bidders only)** | **Date & Time will be notified after opening of the Technical Bid** |
| 10 | *The Bidders have to participate in ONLINE bidding only. Further details can also be seen from the website : https://tendersodisha.gov.in. Any addendum/ corrigendum/cancellation of tender shall not be published in Newspaper and can only be seen in the said website. *The Authority reserves the right to reject any or all bids and terminate the tender process without assigning any reason thereof. | |

**Sd./- Chief Engineer (OSPH&WC)**

N.B. - The quoted rate should be all inclusive but excluding G.S.T. as applicale under works contract

OIPR-12025/11/0038/2526

---

## ODISHA JOINT ENTRANCE EXAMINATION - 2025 (OJEE - 2025)

### PUBLIC NOTICE REGARDING OJEE WEB COUNSELLING FOR 2025-26

No: OJEE /266 Date: 30.06.2025

**No.h-04** : This is for the information of all concerned that OJEE Web-Based Counselling Process for **Lateral Entry courses for B.Tech, Integrated MBA, MBA, MCA, M.Sc. Comp. Sc. M.Arch, M.Plan** and all **M.Tech Programmes** is going to start from **01st July, 2025**.

Interested candidates having valid OJEE 2025 Rank, Valid CAT/ MAT/ XAT/ ATMA/ NIMCET/ GATE Score/Rank as applicable are advised to visit OJEE websites (www.ojee.nic.in/ www.odishajee.com) and see the detail **Tentative Counselling Schedule** for all above mentioned Programmes/ courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process and eligibility criteria.

**Sd./- Chairman, OJEE ODISHA**

OIPR-14020/11/0004/2526

---

No.O-364

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

E_Mail ID : serw_balasore@yahoo.in, Ph. No. - 06782/260318, Balia, Balasore

### "e"-Procurement Notice for Road Work

**Identification No. - Online Tender - Road N.C.B. No. 14 for 2025-26**

**Letter No. 2176** **Date : 25.06.2025**

1. Name of the work : **SDMF Road**. 2. Total No. of work : **06 Nos. of work**. 3. Estimated Cost : As per annexure. 4. Eligible Class of Contractor : As per annexure. 5. Period of Completion : As per Annexure. 6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | NCB No. - 14 of 2025-26 | 03.07.2025 at 11.00 A.M. | 17.07.2025 up to 5.00 P.M. | 16.07.2025 up to 5.00 P.M. | 18.07.2025 at 11.00 A.M. | Will be intimated later |

• **Further details can be seen from the website : www.tendersodisha.gov.in**

**Sd./- Chief Construction Engineer R.W. Circle, Balasore**

OIPR-25105/11/0060/2526

---

No.A-348:

## GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE,BHUBANESWAR

### 'e' Procurement Notice No. ACECIC-04/2025-26

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACECIC, Bhubaneswar | NGR-03/ 2025-26 | Improvement of Canal System of Dahuka Irrigation Project | 830.07 | 830100/- (Online) | 10000/- (Online) | "A" & "Special" Class | 03.07.2025 At 10.00 Hours | 17.07.2025 At 17.00 Hours | 18.07.2025 At 11.00 Hours | 18 (Eighteen) Calendar Months) |

**e-mail Id:secic_dowr@yahoo.com.**
**Further details conditions can be seen from Govt. website www.tenderorissa.gov.in.**

OIPR-32160/11/0029/2526 **Sd./- Additional Chief Engineer, Central Irrigation Circle**

---

## ODISHA STAFF SELECTION COMMISSION

Unit-II, Ashok Nagar, Bhubaneswar-751001
Email - ossc.od@nic.in, Tel No. 0674-2392833

**No. 3356/OSSC.,** **Date : 30.06.2025**

### Quotation Call Notice

**No.T-** : Sealed quotations/tenders are invited from interested reputed Travel Agencies/Tour Operators/ Private individuals for providing One (1) No. of Petrol/Diesel Driven vehicles, which shall conform to the terms and conditions (Annexure-II) for official use in Odisha Staff Selection Commission, Bhubaneswar on monthly rent basis as given below.

**i. Honda City: Maximum hiring charges Rs.36,000/- per month (Excluding GST) and having fuel efficiency of 12km/ltr.**

1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Bhubaneswar Municipal Corporation.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of **Rs. 5000.00** shall be deposited by the intending bidders in shape of Account Payee Bank Draft drawn in favour of the Secretary, Odisha Staff Selection Commission, Bhubaneswar and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately, excluding fuel.
8. **The Vehicle must achieve a fuel efficiency of 12 KM per litre**.
9. The details of the make and year of manufacture of the vehicle, registration No.. mileage (12 KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/ Tender (Annexure-III).
10. **The Quotation completed in all respect should reach the undersigned on or before 07.07.2025 by 02:00 P.M. and shall be opened on the same day at 04:00 P.M. in presence of the bidders or their authorized representatives.**
11. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available with the Commission's Website www.ossc.gov.in which can be downloaded for application.
12. Petrol vehicles are preferred as per Government instructions.

By Order of the Commission
Sd./- Secretary

OIPR-09005/11/0150/2526

---

## ZILLA SWASTHYA SAMITI, BARGARH

Dept. of Health & Family Welfare, Govt. of Odisha
District Head Quarter Hospital,Bargarh-768028
Phone/Fax:06646-231763

Advt.No.75/NHM, BARGARH/2025-26 Date:26.06.2025

### TENDER CALL NOTICE

**No.E-199:**Sealed tenders are invited from registered agencies / dealers for supply of MCR Footwear. Details regarding eligibility criteria, terms & conditions and the formats for submission of tender (Technical & Price bid) are mentioned in the tender document which may be downloaded from the website: www.bargarh.odisha.gov.in. Interested agencies/ dealers has to submit their tenders in a sealed envelope super-scribing on the top of the sealed envelope as "Tender for supply of MCR Footwear". The tenders should reach to the office of the undersigned by Dt.11.07.2025 till 4 P.M. through Speed Post/ Regd. Post/ Courier only and will be opened on Dt.16.07.2025 at 10.30 A.M. The undersigned reserves the right to reject any or all the tenders without assigning any reason thereof. The authority is not responsible for any postal delay.

**Sd./- Chief District Medical & Public Health Officer, Bargarh**

OIPR-10124/11/0014/2526

---

## ZILLA SWASTHYA SAMITI, MAYURBHANJ

Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

Advt.No. 2496/NHM/2025-26 Dt:30.06.25

### EXPRESSION OF INTEREST FOR EMPANELMENT OF AGENCIES/ FIRMS/CLINICAL ESTABLISHMENTS FOR CONDUCTING X-RAYS OF VULNERABLE POPULATION UNDER INTENSIFIED TB ELIMINATION PROGRAMME

**No.E-201:**Sealed proposals as per prescribed RFP document are invited from interested eligible bidders for **EXPRESSION OF INTEREST FOR EMPANELMENT OF AGENCIES/FIRMS/ CLINICAL ESTABLISHMENTS FOR CONDUCTING X-RAYS OF VULNERABLE POPULATION UNDER INTENSIFIED TB ELIMINATION PROGRAMME**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayrubhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o. CDM & PHO, Mayurbhanj, Proposal(s) complete in all respect should reach the undersigned on or before **04.00 PM of 14.07.2025** through Regd/ Speed Post & Courier and the same will be opened on **15.07.2025 at 11.30 AM** in the NHM Conference Hall, O/o. the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical & Public Health Officer, Mayurbhanj**

OIPR-10020/11/0040/2526

---

## Office of District Manager

Odisha State Civil Supplies Corporation Ltd.
Dhenkanal: District
Phone: 9438200039, District Website: www.dhenkanal.nic.in
dhe.districtmanager@gmail.com

**Tender No.1288/Date:25.06.2025**

**No.CAD-923:**The District Manager, Odisha State Civil Supplies Corporation Ltd., Dhenkanal District invites tender in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of **Level-I Transport Contractor in Dhenkanal district** for Transporation of Wheat from FSD, FCI to RRCs for the biennial year 2025-27 |
| 2 | Availability of Bid document in the Portal | **From Dt.01.07.2025** |
| 3 | Last date/Time for receipt of bids in the portal | **Dt.15.07.2025 upto 5.00 P.M.** |
| 4 | Date/Time of Opening of Technical Bid | **Dt.16.07.2025 at 11.00 A.M.** |
| 5 | Name and address of the Office Inviting Tender | **District Manager, OSCSC Ltd., Dhenkanal, At- Mahisapat, Dhenkanal** |

Tender Documents & other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in alongwith district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager OSCSC Limited, Dhenkanal**

OIPR-07029/11/0002/2526

---

## ODISHA MINING CORPORATION LTD

(A Gold Category State PSU)
Registered Office: OMC House, Bhubaneswar-751001
CIN: U13100OR1956SGC000313

OMC | ODISHA NEW OPPORTUNITIES — Mining Happiness

### TENDER CUM AUCTION NOTICE NO.02/OMC/KIOM/CIVIL/2025-2026

**No.CAD-931:Tender for the following work is invited offline through OMC website of Govt. of Odisha.**

| Sl. No. | Name of the Work | Reserve Price (Rs.) | Time period of the work (in month) | EMD (Rs.) | Cost of Bid document (Rs.) | Class of Contractor |
|---|---|---|---|---|---|---|
| 1 | Demolition, Removal and Safe Disposal of old dilapidated Civil Structures at DDM Office, Koira in the district of Sundargarh. | 3,44,630/- | 02 (Two) Months | 3,450/- | 2,000/- + 18% GST | D & C |

1. Available of Bid document in OMC website from dt. 30/06/2025 to 09/07/2025 up to 5.00 PM.
2. Last date of offline submission of tender is dt. 09/07/2025 up to 5.00 PM in the office of Sr. Manager (Civil), Koira.
3. Date of opening of Technical Bid is dt. 10.07.2025 at 11.00 AM.

All other details can be seen from Bid document available at OMC web site https://omcltd.in
Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0215/2526 **Sd./-Sr.Manager (Civil)**

---

No.O-362

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, NABARANGPUR

e.mail - eerwngp@rediffmail.com

Letter No. : 3858 Date : 25.06.2025

### e-Procurement Notice

Name of the work : Building Works, Total No. of works : 01 (One) No., Approx. Estimated Cost : Rs. 58.82 lakhs, Class of Contractor : "B" Class Contractor, Period of completion : 06 (Six) Calendar Months

| Procurement officer | Bid Identification No. | No. of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 5 | |
| Rural Works Division-I, Nabarangpur | EERWNGP - Online-02/2025-26 | 01 (One) No. | 04.07.2025 at 10.00 A.M. | 14.07.2025 up to 03.00 P.M. | 15.07.2025 at 11.00 A.M. | To be intimated separately |

For details can be seen from the Government website www.tendersorissa.gov.in.

**Sd./- Superintending Engineer Rural Works Division-I, Nabarangpur**

OIPR-25092/11/0015/2526

---

No.O-332

## GOVERNMENT OF ODISHA O/o THE SUPERINTENDING ENGINEER, RURAL WORKS DIVISION-II, CUTTACK

Email ID - cuttackrw2nd@yahoo.co.in, Telephone / Fax No. (0671)-2445119

### e-procurement Notice for Building & Road Works

**Bid Identification No. SECTC-II-04 of 2025-26 dt.23.06.2025**

1. Number of the work : **04 (Four) number of Buildings & 02 (Two) number of Roads for the year 2025-26**
2. Estimated Cost (Approx) : **Rs.58.27 lakh to Rs.99.91 lakh**
3. Period of completion : **9-11 (Nine-Eleven) calendar months**
4. Date & time of sale & receipt of bid document online : **From 07.07.2025 at 11:00 A.M. to 22.07.2025 at 5.00 P.M.**
5. Date & time of opening of Technical bid : **23.07.2025 at 11:30 A.M.**
6. Date & time of opening of Financial bid : To be intimated later on
7. Name and address of Inviting Officer : **Superintending Engineer, R.W. Division-II, Cuttack, Nayabazar, Cuttack-753004**

Further details can be seen from the State Govt. portal **https://tendersorissa.gov.in**

**Sd./- Superintending Engineer R.W. Division-II, Cuttack**

OIPR-25095/11/0023/2526

---

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.3060/Date.25.06.2025

**No.O-345**

### "e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | **Road Works under MMSY-TRIP & CMRL** |
| 2. | Total No. of works | : | **05 Nos. of Road works for the year 2023-24 & 2024-25** |
| 3. | Estimated Cost of the work | : | **Varies from Rs.392.35 lakh to Rs.2007.02 lakh** |
| 4. | Class of Contractor | : | |
| | a) Estimated cost more than Rs.1.00 Crore up to Rs.20.00 Crores | : | **A Class** (of Odisha PWD) or relevant class of other licensing authorities |
| | b) Estimated cost more than Rs.6.00 Crore up to Rs.50.00 Crores | : | **Special Class** (of Odisha PWD) or relevant class of other licensing authorities |
| | c) Estimated cost more than Rs.20.00 Crores | : | **Super Class** (of Odisha PWD) or relevant class of other licensing authorities |
| 5. | Period of completion | : | **As mentioned in Column-7 of Annexure** |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 03.07.2025 at 11.00 A.M. | 17.07.2025 up to 5.00 P.M. | 18.07.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

**Sd./- Chief Construction Engineer Central Rural Works Circle, Bhubaneswar**

OIPR-25082/11/0002/2526

---

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. 76 //, Dated. 25.06.2025

### 02nd Corrigendum to Bid invited vide this Office Tender Call Notice No.1921, dtd.10.06.2025

**No.MM-** : In pursuance to this Office Tender Call Notice No.1921, dtd.10.06.2025, only 02 bidders participated in the time line of opening of technical bid for supply and installation of Solar High Mast Light. Therefore, the above tender for supply and installation of Solar High Mast Light is hereby rescheduled as follows.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN | As per 02nd Corrigendum to TCN & DTCN |
|---|---|---|---|---|
| 3. | Date & time of availability of tender document | From 13.06.2025 (during office time) to 11.00 A.M. of 21.06.2025 | - | From 01.07.2025 (during office time) to 11.00 A.M. of 15.07.2025 |
| 4. | Receipt of bid documents | On or before 21.06.2025 by 12.00 | - | on or before 15.07.2025 by 12.00 |
| 5. | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards | Dt.15.07.2025 at 12.30 hours onwards |

**Sd./- Deputy Director, Similipal (North) WL Division, Jashipur**

OIPR-08133/11/0018/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ



କାଳିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁଗ୍ମ ନିର୍ଦ୍ଦେଶକ ଗିରଫ, ଆଉ ୪୧ ଏକର ଜମି ଠାବ

**ଭୁବନେଶ୍ୱର,୧୭(ସତ୍ୟଜିତ୍ ରାଉତ)**

ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକଙ୍କ ଜମିକିଣା ସଉକ। ଅନ୍ୟାନ୍ୟ ସମ୍ପତ୍ତିରେ ଟଙ୍କା ନିବେଶ କରିବା ପରିବର୍ତ୍ତେ ଜମି କିଣିବାକୁ ସେ ଅଧିକ ପସନ୍ଦ କରୁଥିଲେ। ରାୟଗଡ଼ା ଜଳବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ(ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ଯୁଗ୍ମନିର୍ଦ୍ଦେଶକ ଦୟାନିଧି ବାଗ୍‌ଙ୍କ ମଙ୍ଗଳବାର ଆଉ ୪୧ ଏକର ଜମି ଠାବ ହୋଇଛି। ଯାଞ୍ଚ ପରେ ଦୟାନିଧି ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବହୁ କୋଟି ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କୁ ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଠାବ ହୋଇଥିବା ଆୟ ବହିର୍ଭୂତ ସମ୍ପତ୍ତି ଦୟାନିଧିଙ୍କ ପ୍ରକୃତ ଆୟଠାରୁ ୨୧୨ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଦୟାନିଧିଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୪/୨୦୨୫) ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ମାମଲାରେ ତାଙ୍କ ସ୍ତ୍ରୀ ମଧ୍ୟ ଫସିଛନ୍ତି। ସମ୍ପତ୍ତି ଠୁଳ କରିବାରେ ସ୍ୱାମୀଙ୍କୁ ସହଯୋଗ କରିଥିବାରୁ ଭିଜିଲାନ୍ସ ତାଙ୍କୁ ମଧ୍ୟ ସହଅଭିଯୁକ୍ତା ଦର୍ଶାଇଛି।



ଦୟାନିଧି ବାଗ

## ଆୟଠାରୁ ୨୧୨% ଅଧିକ ସମ୍ପତ୍ତି ଠୁଳ କରିଥିଲେ

- ମୋଟ୍ ଠାବ ଜମି ୧୨୫ ଏକରରେ ପହଞ୍ଚିଲା
- ସ୍ୱାମୀଙ୍କୁ ସହଯୋଗକରି ଅଭିଯୁକ୍ତ ହେଲେ ସ୍ତ୍ରୀ

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ନବରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବିନାୟକ ନଗରସ୍ଥିତ ଦୟାନିଧିଙ୍କ ଭଡ଼ାଘରୁ ୪୧ ଏକର ବେନାମୀ ଜମିପଟ୍ଟା ଜବତ କରାଯାଇଛି। ଏସବୁ ଜମି ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ କିଣାଯାଇଛି। ଦୟାନିଧି ଏସବୁ ଜମିକୁ ବେନାମୀ ଟ୍ରାଞ୍ଜାକ୍ସନ ଜରିଆରେ କିଣିଥିବା ଭିଜିଲାନ୍ସ ସନ୍ଦେହକରି ଅଧିକ ତଦନ୍ତ କରୁଛି। ତେବେ ପୂର୍ବରୁ ୮୪ ଏକର ଜମି ଠାବ ହୋଇଥିବାବେଳେ ମୋଟ ଠାବ ଜମି ୧୨୫ ଏକରରେ ପହଞ୍ଚିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଦୟାନିଧିଙ୍କ ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଦୁଇଟି କୋଠା, ଗୋଟିଏ ଫ୍ଲାଟ୍, ନବରଙ୍ଗପୁରରେ ଦୁଇଟି ଫାର୍ମହାଉସ୍ ଠାବ ହୋଇଥିଲା। ସେହିପରି ୫୮.୪୧ ଲକ୍ଷ ଟଙ୍କାର ବ୍ୟାଙ୍କଜମା, ଘରୁ ୩୧୨ ଗ୍ରାମ୍ ସୁନା ଅଳଙ୍କାର, ଗୋଟିଏ ବେନାମୀ କାର୍, ଗୋଟିଏ ଦୁଇଚକିଆ ଯାନ ଏବଂ ୯ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରାଯାଇଥିଲା।

# ଆଉ ୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୭(ସତ୍ୟଜିତ୍ ରାଉତ)**

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

- ମୋଟ୍ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଲା
- ୫ ଅଭିଯୁକ୍ତଙ୍କୁ ଦଳରୁ ନିଲମ୍ବନ କଲା ଭାଜପା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ନେଇ କମିଶନରେଟ୍ ପୋଲିସ ତଦନ୍ତ ଜାରି ରଖିଛି। ଏହି ମାମଲାରେ ସମ୍ପୃକ୍ତ ଆଉ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଝାରପଡ଼ାର ସଞ୍ଜୀବ ମିଶ୍ର ଓ ଲକ୍ଷ୍ମୀସାଗରର ସଚିକାନ୍ତ ସ୍ୱାଇଁ। ଫଳରେ ଏହି ମାମଲାରେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ସୋମବାର ଉକ୍ତ ମାମଲାରେ ୨୯ ନଂ. ୱାର୍ଡର କର୍ପୋରେଟର ଅପରୂପ ନାରାୟଣ ରାଉତ ଓରଫ ଜୀବନ, ରଶ୍ମିମହାପାତ୍ର ଏବଂ ଦେବାଶିଷ ପ୍ରଧାନଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଗିରଫ ଅଭିଯୁକ୍ତମାନେ ଭାଜପା କର୍ମୀ ବୋଲି ଜଣାପଡ଼ିଛି। ମଙ୍ଗଳବାର ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ବିଏମ୍‌ସି କମିଶନରଙ୍କ ଅନୁପସ୍ଥିତିରେ ଅତିରିକ୍ତ କମିଶନର ସାହୁ ସୋମବାର ଅଭିଯୋଗ ଶୁଣାଣି କରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୩୦ଟାରେ ଜୀବନ ଏବଂ ତାଙ୍କ ସହ ୪/୫ ଜଣ ବ୍ୟକ୍ତି ହଠାତ୍ ଅଭିଯୋଗ ପ୍ରକୋଷ୍ଠକୁ ପଶିଆସିଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କୁ କମିଶନର ସାହୁ ଦୁର୍ବ୍ୟବହାର କରିଥିବା ନେଇ ଜୀବନ ପ୍ରଶ୍ନ କରିଥିଲେ। ତେବେ ସେଭଳି କିଛି କରି ନ ଥିବା ସାହୁ କହିବା ସତ୍ତ୍ୱେ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ଅତିରିକ୍ତ କମିଶନର ସାହୁଙ୍କୁ ତଳେ ପକାଇ ତାଙ୍କ ଛାତିକୁ ଗୋଇଠା ମାରିବା ଘୋଷାରି ନେଇ ଗାଡ଼ିରେ ବସାଇବାକୁ ଉଦ୍ୟମ କରିଥିଲେ। ପରେ ଏନେଇ ସାହୁଙ୍କ ଏତଲାକ୍ରମେ ପୋଲିସ ହତ୍ୟା ଉଦ୍ୟମ ସହ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଛି।


### ୨ୟ ଜନ୍ମଦିନ ଶୁଭେଚ୍ଛା





**ଦିବ୍ୟାଂଶୁ ବାରିକ (କାହ୍ନା)**

ପିତା: ବିଶ୍ୱ ଭୂଷଣ ବାରିକ
ମାତା: ଦମୟନ୍ତୀ ବାରିକ
ଜନ୍ମ- ୦୨।୦୭।୨୦୨୩

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ଆଈ, ଅଜା, ମାଉସୀ, ସାଇ, ମୁନି, ମେଘା, ରୁନି, ସନ୍ତୋଷ, ରାକେଶ

ଧ-୯୯୭

### ପ୍ରଥମ ସ୍ୱନକ୍ଷତ୍ର





**ଜୀବନ କୁମାର ବେହେରା (କାଳିଆ ସୁନା)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

ବାପା- ଜିତେନ୍ଦ୍ର ବେହେରା, ମାଆ- ଶ୍ରଦ୍ଧାଞ୍ଜଳି ବେହେରା, ଭଉଣୀ- ଦୀପ୍ତିମୟୀ ବେହେରା

ଧ-୭୭୨୮୦

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଗୋବାରେ ସଂଘବଦ୍ଧ ଆକ୍ରମଣ: ଜଣେ ମୃତ, ୪ ଆହତ

**ଛତ୍ରପୁର,୧୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମରେ ଗ୍ରାମ୍ୟ କମିଟିକୁ କେନ୍ଦ୍ର କରି ମଙ୍ଗଳବାର ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗୋବା ଗାଁର ତୋଫାନ ସ୍ୱାଇଁ (୨୫)। ଆହତ ସେହି ଗ୍ରାମର ସୁଧୀର କୁମାର ସ୍ୱାଇଁ, ନନ୍ଦ ବାରିକ, କାଳିଆ ସାହୁ ଓ ରାହୁଲ ସ୍ୱାଇଁଙ୍କୁ ଛତ୍ରପୁର ହସ୍ପିଟାଲରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବଡ଼ ମେଡିକାଲକୁ ଯାଇ ଆହତଙ୍କୁ ଭେଟି ପଚରାଉଚରା କରିଛି। ଆହତ ସୁଧୀରଙ୍କ ପକ୍ଷରୁ ୨୦ ଜଣଙ୍କ ନାଁରେ ଏତଲା ଦିଆଯାଇଛି।

ସୂଚନା ଅନୁଯାୟୀ, କିଛି ବର୍ଷ ହେଲା ଗୋବା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ବହୁବାର ଥାନାରେ ଏହାର ସମାଧାନ ମଧ୍ୟ ହୋଇଛି। ପୂର୍ବରୁ ଥିବା ଗାଁ କମିଟି ସଭାପତିଙ୍କ ମୃତ୍ୟୁ ପରେ ୨ ବର୍ଷ ତଳେ ନୂଆ କମିଟି ଗଠନ ହୋଇଛି। ଏହି କମିଟିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହୁଥିଲା। ମଙ୍ଗଳବାର ପୂର୍ବାହ୍ନରେ ତୋଫାନ ତାରାତାରିଣୀ ମନ୍ଦିରରୁ ଫେରୁଥିବା ବେଳେ ଗାଁ ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଙ୍କୁ ସଂଘବଦ୍ଧ ଭାବେ ଖଣ୍ଡା, କାତି, ଠେଙ୍ଗା, ହକିଷ୍ଟିକ, ରଡ୍ ଆଦିରେ ଆକ୍ରମଣ କରିଥିଲେ । ଖବରପାଇ ତୋଫାନଙ୍କ କକାପୁଅ ଭାଇ ସୁଧୀର ଓ ତାଙ୍କ ସମ୍ପର୍କୀୟ ଭାଇମାନେ ସେଠାରେ ପହଞ୍ଚିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତମାନେ ପଳାଇବା ପରେ ଗ୍ରାମବାସୀଙ୍କ ସହାୟତାରେ ଆହତମାନଙ୍କୁ ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା। ତୋଫାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନେ କହିଛନ୍ତି ଯେ, ୨ ବର୍ଷେ ହୋଇଥିବା ଗାଁ କମିଟି ମନମୁଖୀ ଶାସନ କରୁଛନ୍ତି। ଅଯଥାରେ ଲୋକଙ୍କଠାରୁ ଚାନ୍ଦା ଆଦାୟ କରାଯାଉଛି। ଏହାର ପ୍ରତିବାଦ କରିବାରୁ ଆକ୍ରମଣ ହୋଇଛି। ଛତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ଚନ୍ଦନ ଘଡ଼େଇଙ୍କ ନେତୃତ୍ୱରେ ଥାନାଧିକାରୀ ଓ ତାଙ୍କ ଟିମ ଗୋବା ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପୁଅର କାଠଫାଳିଆ ମାଡ଼ରେ ବାପା ମୃତ

**ଜମନକିରା, ୧୭(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ଥାନା ସାନଲଙ୍ଗାବାହଲ ମୁଣ୍ଡାପଡ଼ାରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋନିକା ଓରଫ ଖତୁ ମୁଣ୍ଡା(୬୮)। ହତ୍ୟାକାଣ୍ଡ ୩ଦିନ ତଳେ ଘଟିଥିଲେ ହେଁ ମଙ୍ଗଳବାର ଏହା ସାମ୍ନାକୁ ଆସିଛି। ଖତୁ ୩ଦିନ ଧରି ବାହାରକୁ ନ ବାହାରିବା ଓ ଘରୁ ପଚାଗନ୍ଧ ଆସୁଥିବା ଜଣାପଡିବା ପରେ ସନ୍ଦେହ କରି ସାହିପଡିଶା ଲୋକେ ପୋଲିସକୁ ଜଣାଇଥିଲେ। ଜମନକିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ଖତୁଙ୍କ ଗଳିତ ମୃତଦେହ ଜବତ କରିଥିଲା। ଗତ ରବିବାର ଅପରାହ୍ନରେ ବାପାଙ୍କ ସହ ପୁଅ ସଞ୍ଜିତ ମୁଣ୍ଡା(୩୨) ପାଟିତୁଣ୍ଡ କରିଥିବା ଗାଁ ଲୋକେ କହିବା ପରେ ସେ ସନ୍ଦେହ ଘେରକୁ ଆସିଥିଲେ। ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ସେ ବାପାଙ୍କୁ ପିଟି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ରବିବାର ଅପରାହ୍ନରେ ଖତୁ ରୋଷେଇ କରିବା ପାଇଁ ଚୁଲି ଲଗାଉଥିବାବେଳେ ସଞ୍ଜିତ ସେଠାରେ ପହଞ୍ଚି ଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଧିକ କ୍ରୋଧିତ ହୋଇ ସେ ଏକ କାଠଫାଳିଆରେ ବାପାଙ୍କୁ ପିଟି ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ ଭୟଭୀତ ହୋଇ କାହାକୁ କିଛି ନ କହି ଘର ଭିତରେ ମୃତଦେହ ଲୁଚାଇ ଦେଇଥିଲେ ବୋଲି ପୋଲିସକୁ କହିଥିଲେ। ଏପରିକି ସେ ଗତ ୩ଦିନ ଧରି ସ୍ୱାଭାବିକଭାବେ ଚଳପ୍ରଚଳ କରୁଥିବାରୁ ଘଟଣା ସମ୍ପର୍କରେ କେହି କିଛି ଜାଣି ପାରି ନ ଥିଲେ। ସଞ୍ଜିତଙ୍କ ସ୍ୱୀକାରୋକ୍ତି ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ଗାଁର ୱାର୍ଡସଭ୍ୟ ରଞ୍ଜିତ ମୁଣ୍ଡାଙ୍କ ଏତଲାକ୍ରମେ ପୋଲିସ ମଙ୍ଗଳବାର ଏକ ହତ୍ୟା ମାମଲା(ନଂ.୧୦୫/୨୫) ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ପଠାଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସଞ୍ଜିତ ବିବାହିତ। ତାଙ୍କ ସ୍ତ୍ରୀ ଓ ପିଲା ଏଠାରେ ବହୁଦିନ ହେବ ରହୁନାହାନ୍ତି। ଘରେ ବାପା ଖତୁ ଓ ସଞ୍ଜିତ ରହୁଥିବା ସ୍ଥାନୀୟ ଲୋକେ କହିଛନ୍ତି।


# Classified Everyday

0674-2580101, 9692975378



MATRIMONIAL

### BRIDE WANTED

Handsome Khandayat Boy 1996, 5'8", B.Tech Serving Bank Officer Nationalised Bank. "SUNASANSAR". 9937512659. D-76278

### GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050

47 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371298869. D-1127





Positively health benifits SPA expert female therapist homely atmosphere. Contact- 9114559860. D-1112



REAL ESTATE
SALE

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

### AFFIDAVIT

By virtue of an affidavit before Executive Magistrate Banki, I declares that Sanjogta Pradhan, W/o- Late Jambeswar Pradhan and Sanjankta Pradhan, W/o- Late Jambeswar Pradhan of Nistipur, Banki, Cuttack is one and same person. It is for all purpose. D-1129

By virtue of an affidavit before Executive Magistrate, Bhadrak, I Biswambar Jena (39 years), S/o- Dhaneswar Jena, Vill- Panapadi, P.O.- Ramachandrapur, P.S.- Bonth, Dist.- Bhadrak, PIN- 756114, Odisha declare that I have changed my daughter's name J. Sophia to Sophia Jena. She shall be known Sophia Jena for all purposes. D-1126

By virtue of an affidavit sworn before the Executive Magistrate, Harabhanga, Charichhak, No.-124, date 01.07.25, I Santanu Barik, R/o. Village/ P.O.- Gandisara, Dist.- Boudh, Odisha, PIN- 762012 declare that I have changed my son's name from Slit Barik to Slith Barik. Henceforth he shall be known as Slith Barik for all purposes.
Santanu Barik
D-1121

By virtue of an affidavit sworn before the Notary Public, Rairakhol, No.- 1577, date 23.06.2025, I Akhi Mahakud, S/o- Late Parachha Mahakud, R/o. Village- Kaunsipani, P.O.- Badmal, P.S.- Charmal, Dist.- Sambalpur declare that in order to correct my Aadhaar Card. Henceforth, I shall be known as Akhi Mahakud for all purposes.
Akhi Mahakud
D-1122

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit before Notary Public, Kantabanji on 01.07.2025 that before marriage I known as Mathura Kumbhar, D/o- Rajesh Kumbhar which is mentioned in my S.B. Account and Aadhaar Card and after marriage to Ashok Barik of Nunhad, P.O.- Sarmuhan, P.S.- Belpada, Dist.- Bolangir, I updated my Aadhaar Card and known as Mathura Barik, W/o- Ashok Barik and also recorded in my Marriage Certificate whereas Mathura Kumbhar and Mathura Barik, W/o- Ashok Barik is same and one person. D-1123

By virtue of an affidavit before Executive Magistrate, Kantabanji on 30.06.2025 that in my Aadhaar Card my name and surname written as "Mahadev Sahoo" but in my S.B. Account of Bank of Baroda, Kantabanji my name and surname wrongly entry as Mahadeb Sahu whereas Mahadev Sahoo @ Mahadeb Sahu, S/o- Rasika Sahoo of Village- Mahanilaha, P.O.- Mahulpati, P.S.- Turekela, Dist.- Bolangir is one and same person. D-1124

By virtue of an affidavit before Executive Magistrate, Kantabanji on 30.06.2025 that in my Aadhaar Card my name and surname written as "Maliphula Sahoo" but in my S.B. Account of Bank of Baroda, Kantabanji my name and surname wrongly entry as Maliphula Sahu whereas Maliphula Sahoo @ Maliphula Sahu W/o- Mahadev Sahoo of Village- Mahanilaha, P.O.- Mahulpati, P.S.- Turekela, Dist.- Bolangir is one and same person. D-1125

I Kamalini Sahu, W/o- Jayakrishna Sahoo, At- Amalapada, P.O.- Dhenkanal Town, P.S.- Dhenkanal Town, Dist.- Dhenkanal-759001, Odisha have changed my name to Kamala Sahoo, dtd. 25.06.2025 before Executive Magistrate, Dhenkanal. D-1130

I, Sri G. Kutuli, S/o- G. Dandasi, Village- Dalapalanka, Post.- Ramachandrapur, P.S.- K.Nuagam in the District.- Ganjam, (Odisha) declare that I have changed my name from Ghusuri Duryodhan to G. Kutuli. Henceforth, I shall be known as G. Kutuli for all purpose. D-1128

### LEGAL NOTICE

ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୩ ଅଧିକାରୀଙ୍କ ନ୍ୟାୟାଳୟ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନଂ.- ୧୩୬୨/୨୦୨୧

(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା- ୧୫ (ବି) ଅନୁଯାୟୀ)

ସୁଧାଂଶୁ ଶେଖର କଂହର ....ବାଦୀ

ବନାମ

ଅନ୍ତର୍ଯ୍ୟାମି ମହାପାତ୍ର ଓଗେର .....ପ୍ରତିବାଦୀମାନେ

ପ୍ରତିବାଦୀ ନଂ.-୧ (ବି) ଜୀବାସିନୀ ମହାପାତ୍ର, ୧ (ଇ) ନିନି ମହାପାତ୍ର, ଉଭୟଙ୍କ ପିତା- ୰କାର୍ତ୍ତିକ ସାମିଲ ଧଡ଼ିଆ ମହାପାତ୍ର, ୫. ସୀତା ସିଂ, ସ୍ୱା./- ୰ଲକ୍ଷ୍ମୀଧର ସିଂ, ୬. ସନ୍ତୋଷ ସିଂ, ୭. ମିନତୀ ସିଂ, ଏମାନଙ୍କ ପିତା- ୰ଲକ୍ଷ୍ମୀଧର ସିଂ, ଗ୍ରାମ- ଦକ୍ଷିଣ ମୁଣ୍ଡ ମୁହାଁଣ, ପୋ.ଅ.- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୮. ସୁଜିତ୍ କୁମାର ରଥ, ପିତା- ଅଜିତ୍ କୁମାର ରଥ, ଘର ନଂ.- ଏ-୩୬, ଗ୍ରାମ/ପୋ.ଅ.- ରୁଚିକା ମାର୍କେଟ, ବରମୁଣ୍ଡା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଦେୱାନୀ ଆଇନର ଅର୍ଡର-୫, ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଏତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା- ଓଗାଳପଡ଼ା, ଥାନା- ଜଟଣୀ, ନଂ.-୪୮, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.-୧୩, ହାଲ୍ ପ୍ଲଟ୍ ନଂ.-୨୯୩୯, ଏ.୦.୮୪୦ଡି. ସମ୍ବନ୍ଧ ଏ.୦.୧୧୦ଡି., ସାବକ ମୌଜା- ଓଗାଳପଡ଼ା, ସାବକ ଖାତା ନଂ.- ୧୧, ସାବକ ପ୍ଲଟ୍ ନଂ.-୨୩୨, ଏ.୧.୨୬୦ଡି. ସମ୍ବନ୍ଧ ଏ.୦.୧୧୦ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୩, ଓଡ଼ିଶା ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୦୭।୦୮।୨୫ରିଖ ଦିବା ଘ ୩.୩୦ରେ ସମୟର ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ, ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୩, ଭୁବନେଶ୍ୱର

ଧ-୧୧୧୯

## ଫସଲ ଯୋଜନା



**ବ**ର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା - ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ। ଡିପ ଜମିରେ ଧାନ କିମ୍ବା ହରଡ଼ ସହ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ)ଚାଷ କରନ୍ତୁ। ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ। ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ। ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

## ଚାଷୀଙ୍କ ପାଇଁ

**ବା**ଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା - ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣୀ, ଅକ୍ଷିତା, ସୁଗ୍ରୋ-୧୩୨, ସୁଗ୍ରୋ-୩୮, ଭିଏନ୍‌ଆର୍-୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ। ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ। ପନିପରିବା ଫସଲରେ ବର୍ଷାଜଳ ଠିକ୍ ଭାବରେ ନିଷ୍କାସନ କରନ୍ତୁ।



# ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତି



**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ। ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ିକରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଚଳିତ ମାସ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନ ଚାଷ (ଶ୍ରୀପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

## ଏ ମାସର କୃଷି ସୂଚନା

**ଚିନାବାଦାମ**

ଚିନାବାଦାମ ମଞ୍ଜିକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୩ ଗ୍ରାମ୍x୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ। ବୁଣିବାର ୧ ସପ୍ତାହ ପୂର୍ବରୁ ଫିମ୍ପିନାଶକ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତ। ୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୋସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

**ସୂର୍ଯ୍ୟମୁଖୀ ଓ ରାଶି**

ସୂର୍ଯ୍ୟମୁଖୀ ଓ ରାଶି ବିହନକୁ ଫିମ୍ପନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍x୧ କି.ଗ୍ରା. ମଞ୍ଜି ପ୍ରତି) ଉପଚାର କରାଇ ଜୁଲାଇ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ। ରାଶି ଗଛ ସଂଖ୍ୟା ଅଧିକ ଥିଲେ ୨ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ।

**ପନିପରିବା ଚାଷ**

ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ୨ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି. ୨ ଗ୍ରାମ୍x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷାକରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

**ଗୋପାଳନ**

ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ। ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷାକରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ। ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ।

**କୁକୁଡ଼ା ପାଳନ**

କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ। କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ। ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ ରୁ ୧୪ ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର - ୩

## ଫଳଚାଷ ସମୟରେ...



**ଆମ୍ବ**, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ। କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ। ଫଳ ବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟ କରି ସଫାସୁତୁରା ରଖନ୍ତୁ। ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ। ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ। ଗଛମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ




**ପ**ନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ଏକ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

# ଆଖୁ କିଆରିରୁ ଜଳ ନିଷ୍କାସନ

**ଆ**ଖୁ ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଏହି ଫସଲ ୪-୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩-୪ଟି ଦାନା ପ୍ରୟୋଗ କରନ୍ତ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।



## ଡାଲି ଜାତୀୟ ଫସଲ



**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶି କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୋସାକରି ଘାସ ବାଛି ଦିଅନ୍ତୁ।

# ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ। ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ଛଅ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଏକର



ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ। ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ। ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଉଚିତ। ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ। ତା'ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତି କରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୨/୨୦୨୫ Bhubaneswar, Wednesday, July 2/ 2025

# ସ୍ପିନରଙ୍କୁ ନେଇ ଦ୍ୱନ୍ଦ୍ୱରେ ଭାରତ




ବର୍ମିଂହାମ ଗ୍ରାଉଣ୍ଡରେ ମଙ୍ଗଳବାର ଅଭ୍ୟାସ ଅବସରରେ ଭାରତର ଦୁଇ ସ୍ପିନର କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର।

**ବର୍ମିଂହାମ, ୧।୭ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ବୁଧବାରଠାରୁ ଏଠାରେ ଆରମ୍ଭ ହେବ। ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୪ ଖେଳାଳି ୫ଟି ଶତକ ହାସଲ କରିଥିଲେ ମଧ୍ୟ ଭାରତ ପରାସ୍ତ ହୋଇଥିଲା। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଦ୍ୱିତୀୟ ଟେଷ୍ଟ ଭ୍ରମଣକାରୀ ଦଳପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହି ଟେଷ୍ଟରେ ଭାରତ ୨ ସ୍ପିନରଙ୍କୁ ନେଇ ଖେଳିବ କିମ୍ବା ପ୍ରଥମ ଟେଷ୍ଟ ରଣନୀତି ଆପଣେଇବ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହିଛି। ଦ୍ୱିତୀୟ ଟେଷ୍ଟରେ ମଧ୍ୟ ବ୍ୟାଟିଂ ସର୍ଫେସ ରହିବ ବୋଲି ପୂର୍ବାନୁମାନ କରାଯାଉଛି। ତେଣୁ ବିପକ୍ଷ ଦଳର ୨୦ ଉଇକେଟ ହାସଲ ପାଇଁ କିଭଳି କମ୍ବିନେଶନ ରହିବ ତା' ଉପରେ ଲକ୍ଷ୍ୟ ରହିବ। ଲିଡ୍ସରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୭୧ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ସହଜରେ ହାସଲ କରି ନେଇଥିଲା। ସେଠାରେ ଜଣେ ସ୍ପେଶାଲିଷ୍ଟ ସ୍ପିନରଙ୍କ ଅଭାବ ଭାରତ ଅନୁଭବ କରିଥିଲା। ତେଣୁ ଏଥର କୁଲଦୀପ ଯାଦବ ଦଳରେ ସ୍ଥାନ ପାଇବା ସମ୍ଭାବନା ବଢ଼ିଛି। ତେବେ ବ୍ୟାଟିଂ ଲାଇନ୍‌ଅପ୍ ଯେପରି ଲମ୍ବା ରୁହେ ସେଥିପ୍ରତି ମଧ୍ୟ ଧ୍ୟାନ ରଖାଯିବ ବୋଲି ସହକାରୀ କୋଚ୍ ର୍ୟାନ ଟେନ୍ ଡେସ୍କେଟ ପ୍ରକାଶ କରିଛନ୍ତି।

ଦ୍ୱିତୀୟ ଟେଷ୍ଟ ଅବସରରେ ପାଗ ଉଷ୍ମ ରହିବ। ପିଚ୍‌ରେ ଘାସ ରହିଛି। ୩ ବର୍ଷ ପୂର୍ବରୁ ଏହି ଗ୍ରାଉଣ୍ଡରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୭୮ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ସଫଳତାର ସହ ଚେଜ୍ କରିଥିଲା। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୨ରେ ଡ୍ର ରହିଥିଲା। ଗତ କିଛିବର୍ଷ ଧରି ଏଠାରେ କାଉଣ୍ଟି କ୍ରିକେଟରେ ପ୍ରଚୁର ରନ ସଂଗ୍ରହ ହୋଇଛି। ମ୍ୟାଚ ଆଗେଇବା ସହ ଏଠାରେ ସ୍ପିନରମାନେ ପ୍ରଭାବୀ ହେଉଥିବା ନଜିର ରହିଛି। ତେଣୁ ଭାରତ ରବୀନ୍ଦ୍ର ଜାଡେଜାଙ୍କୁ ସହାୟତା କରିବାକୁ ୱାଶିଂଟନ ସୁନ୍ଦରଙ୍କୁ ଚୟନ କରିବ କିମ୍ବା ଉଇକେଟ ଟେକିଂ ବୋଲର କୁଲଦୀପଙ୍କୁ ପସନ୍ଦ କରିବ ତାହା ଦେଖିବାର ଅଛି। ପ୍ରଥମ ଟେଷ୍ଟରେ ବୋଲିଂ ଅଲ୍‌ରାଉଣ୍ଡର ଶାର୍ଦ୍ଦୂଳ ଠାକୁର ଖେଳିଥିଲେ। ମାତ୍ର ଏଠାରେ ବ୍ୟାଟିଂ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ସମ୍ଭାବନା ଅଧିକ। ତେବେ ଶାର୍ଦ୍ଦୂଳଙ୍କୁ ଗୋଟିଏ ମ୍ୟାଚରେ ସୁଯୋଗ ଦିଆଯାଇ

**ଆଜିଠୁ ଦ୍ୱିତୀୟ ଟେଷ୍ଟ**

ଡ୍ରପ୍ କରାଯିବ କି ନାହିଁ ତାହା ମଧ୍ୟ ବିଚାରଯୋଗ୍ୟ ରହିବ। ଯଶପ୍ରୀତ୍ ବୁମ୍‌ରା ଚଳିତ ସିରିଜରେ ୩ଟି ଟେଷ୍ଟରେ ଖେଳିବେ ବୋଲି ପୂର୍ବରୁ ସ୍ପଷ୍ଟ କରିଛନ୍ତି। ତେଣୁ ସେ ଯଦି ଦ୍ୱିତୀୟ ଟେଷ୍ଟ ନ ଖେଳନ୍ତି ତେବେ ମହମ୍ମଦ ସିରାଜ, ଆକାଶ ଦୀପ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ନେଇ ଭାରତର ପେସ୍ ବୋଲିଂ ଲାଇନ୍‌ଅପ୍ ରହିପାରେ। ଅଭିଜ୍ଞ ବୁମ୍‌ରା ଅନୁପସ୍ଥିତ ରହିଲେ ଅନ୍ୟ ବୋଲରଙ୍କୁ ନିଜ ଦକ୍ଷତାର ପ୍ରମାଣ ଦେବାକୁ ପଡ଼ିବ। ପୂର୍ବ ମ୍ୟାଚରେ ବିଶେଷ ପ୍ରଭାବୀ ହୋଇପାରି ନ ଥିବା ଜାଡେଜା ମଧ୍ୟ ଏଥିରେ ନିଜ ଦକ୍ଷତା ଦେଖାଇବାକୁ ନିଶ୍ଚିତ ଚେଷ୍ଟା କରିବେ। ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ବିଶେଷ କରିବର୍ତ୍ତନର ସମ୍ଭାବନା ନାହିଁ। ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ, ଅଧିନାୟକ ଶୁବମନ ଗିଲ୍, ସାଇ ସୁଦର୍ଶନ ଏବଂ କରୁଣ ନାୟାର ନିଜ ସ୍ଥାନରେ ଅପରିବର୍ତ୍ତିତ ରହିପାରନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡ ଏହାର ଚୂଡ଼ାନ୍ତ ଏକାଦଶ ଅପରିବର୍ତ୍ତିତ ରଖିଥିବାରୁ ପୁଣି ବାଜ୍‌ବଲ ରଣନୀତି ଆପଣେଇବା ନିଶ୍ଚିତ।

## ବେଙ୍ଗାଲୁରୁ ଦଳାଚକଟା ପାଇଁ ଆର୍‌ସିବି ଦାୟୀ

**ବେଙ୍ଗାଲୁରୁ, ୧।୭(ପି.ଟି.):** ପ୍ରଥମ ଥର ଆଇପିଏଲ୍ ଜିତିବା ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ବିଧାନ ସୌଧରୁ ଷ୍ଟାଡିୟମ ପର୍ଯ୍ୟନ୍ତ ବିଜୟୀ ପରେଡ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏଥିଯୋଗୁ ଏମ୍‌ଜି ରୋଡ ଓ କୁବନ ରୋଡ ଅଞ୍ଚଳରେ ପ୍ରାୟ ୨.୫ ଲକ୍ଷ ଫ୍ୟାନ୍ସ ଏକତ୍ରିତ ହୋଇଯାଇଥିଲେ। ଷ୍ଟାଡିୟମ ବାହାରେ ଦଳାଚକଟା ଘଟିବାରୁ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ବହିଷ୍କୃତ ହୋଇଥିବା ଅତିରିକ୍ତ ପୋଲିସ କମିଶନର ବିକାଶ କୁମାର ବିକାଶଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ) ଆରସିବିକୁ ଦାୟୀ କରିଛି। ୩ରୁ ୫ ଲକ୍ଷ ଲୋକ ଏକତ୍ରିତ ହେବା ପାଇଁ ଆର୍‌ସିବି ଦାୟୀ। ଆଇପିଏଲ୍ ଫ୍ରାଞ୍ଚାଇଜ୍ ପକ୍ଷରୁ ପୋଲିସଠାରୁ ଆବଶ୍ୟକ ଅନୁମତି ନିଆଯାଇ ନ ଥିଲା। ଜୁନ୍ ୪ରେ ସମୟ ଅଭାବରୁ ପୋଲିସ ଆବଶ୍ୟକ ବ୍ୟବସ୍ଥା କରିବା ଲାଗି ଅସମର୍ଥ ଥିଲା। ପୋଲିସକୁ ଯଥେଷ୍ଟ ସମୟ ମଧ୍ୟ ଦିଆଯାଇ ନ ଥିଲା। ଅନୁମତି ନ ଥାଇ ମଧ୍ୟ ଆର୍‌ସିବି ହଠାତ ବିଜୟୀ ପରେଡ୍ ଲାଗି ପୋଷ୍ଟ କରିଥିଲା। ପୋଲିସ କର୍ମୀ ମଧ୍ୟ ମଣିଷ। ସେମାନେ ଭଗବାନ୍ କି ଯାଦୁକର ନୁହନ୍ତି। ସେମାନଙ୍କ ପାଖରେ 'ଆଲାଦ୍ଦିନ କା ଚିରାଗ' ଭଳି କୌଣସି ଯାଦୁକରୀ ଶକ୍ତି ମଧ୍ୟ ନାହିଁ ଯେ, ହାତଘସି ଇଚ୍ଛା ପୂରଣ କରିଦେବେ ବୋଲି କ୍ୟାଟ୍ ପକ୍ଷରୁ ରାୟରେ ଦର୍ଶାଯାଇଛି।

## ଭାରତ ହେବ କ୍ରୀଡ଼ା ମହାଶକ୍ତି

**ଖେଲୋ ଭାରତ ନୀତିକୁ କ୍ୟାବିନେଟ ମଞ୍ଜୁରୀ**

**ନୂଆଦିଲ୍ଲୀ, ୧।୭(ପି.ଟି.)**

ଦେଶରେ କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଭାରତକୁ ଏକ କ୍ରୀଡ଼ା ମହାଶକ୍ତି ଦେଶ ଭାବେ ଗଢ଼ିବା ଉଦ୍ଦେଶ୍ୟରେ ଆଗତ କରାଯାଇଥିବା ଖେଲୋ ଭାରତ ନୀତିକୁ ମଙ୍ଗଳବାର କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ଏହି ନୀତି ଦ୍ୱାରା ଆଥଲେଟ୍‌ଙ୍କ ଲାଗି କୋଚିଂ ଓ ବିଶ୍ୱ ସ୍ତରୀୟ ବ୍ୟବସ୍ଥା ଯୋଗାଇ ଦିଆଯିବ। ପୂର୍ବରୁ ଏହାକୁ ଜାତୀୟ କ୍ରୀଡ଼ା ନୀତି କୁହାଯାଉଥିଲା ଏବଂ ଏହାକୁ ୧୯୮୪ରେ ପ୍ରଥମ ଥର ପାଇଁ ଅଣାଯାଇଥିଲା। ଖେଲୋ ଭାରତ ନୀତି ୨୦୨୫ ଦେଶର ସ୍ପୋର୍ଟିଂ ଇକୋସିଷ୍ଟମର ଉନ୍ନତି ଲାଗି ବିଭିନ୍ନ ଯୋଜନା ଓ ସ୍କିମ ପ୍ରସ୍ତୁତ କରିବାରେ ସହାୟକ ହେବ।

'ଆମେ ଗତ ୧୦ ବର୍ଷର ଅଭିଜ୍ଞତାକୁ ବ୍ୟବହାର କରିଛୁ ଏବଂ ନୂଆ ନୀତି କ୍ରୀଡ଼ାର ଉନ୍ନତି ଦିଗରେ କାର୍ଯ୍ୟ କରିବ। ତାହା ହିଁ ଆମର ମୋଟାମୋଟି ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ମୁଖ୍ୟତଃ ଗ୍ରାମୀଣ ଅଞ୍ଚଳରେ କ୍ରୀଡ଼ାକୁ ଭିନ୍ନ ପ୍ରକାର ଗୁରୁତ୍ୱ ଦେଉଛନ୍ତି। ଏହା ଏକ ସୁଚିନ୍ତିତ ନୀତି, ଯାହାକି କ୍ରୀଡ଼ା ସମ୍ପର୍କୀତ ସମସ୍ତ ବିଷୟର ସମାଧାନ କରିବ। ଏଥିରେ କ୍ରୀଡ଼ା ପ୍ରଶାସନକୁ ମଧ୍ୟ ସାମିଲ କରାଯାଇଛି' ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭାରତ ୨୦୩୬ ଅଲିମ୍ପିକ୍ ଗେମ୍ସ ଆୟୋଜନ ଅଧିକାର ଲାଗି ବିଡ୍ କରୁଛି। ଏଥିଯୋଗୁ ଦେଶରେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ସହିତ ବିଭିନ୍ନ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଆୟୋଜନ କରିବା ପାଇଁ ବ୍ୟାପକ ପ୍ରୟାସ କରାଯାଉଛି।

କେନ୍ଦ୍ର ମନ୍ତ୍ରଣାଳୟ, ନୀତି ଆୟୋଗ, ରାଜ୍ୟ ସରକାର, ବିଭିନ୍ନ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍‌ଏସ୍), ଆଥଲେଟ୍, ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା କ୍ରମେ ନୂଆ ନୀତି ପ୍ରସ୍ତୁତ କରାଯାଇଛି। ଏହା କ୍ରୀଡ଼ାକୁ ପର୍ଯ୍ୟଟନ ଓ ଆର୍ଥିକ ଉନ୍ନତୀରେ ଯୋଡୁଛି। ଏହି ନୀତିରେ ସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ାକୁ ଅବିଚ୍ଛେଦ ଅଙ୍ଗ ଭାବେ ଦର୍ଶାଯାଇଛି। ଏହାର ଲକ୍ଷ୍ୟ ହେଉଛି କ୍ରୀଡ଼ା ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷକ ଓ ଫିଜିକାଲ ଏଜୁକେଶନ ଶିକ୍ଷକଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ପ୍ରଦାନ କରିବା। ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ବିଭିନ୍ନ କ୍ରୀଡ଼ାରେ ଲିଗ୍ ପରମ୍ପରାକୁ ଉତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି। ଏପରିକି ଦରକାର ଥିବା କ୍ରୀଡ଼ା ଲିଗ୍ କ୍ଷେତ୍ରରେ ମନ୍ତ୍ରଣାଳୟ ପକ୍ଷରୁ ପାଣ୍ଠି ଯୋଗାଇବା ଦିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ନୂଆ ଲିଗ୍ ସୃଷ୍ଟି କରିବା ମଧ୍ୟ ନୂଆ ନୀତିର ଲକ୍ଷ୍ୟ।

ନୂଆ ନୀତି ଉପରେ ପ୍ରତିକ୍ରିୟା ରଖି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ପରମ୍ପରାକୁ ପ୍ରୋତ୍ସାହିତ କରିବା, ଭିତ୍ତିଭୂମିର ବିକାଶ, ଆଥଲେଟଙ୍କ ଉନ୍ନତିରେ ସମର୍ଥନ ଏବଂ ଭାରତକୁ ବିଶ୍ୱକ୍ରୀଡ଼ାରେ ଏକ ମହାଶକ୍ତି କରି ଗଢ଼ି ତୋଳିବା ଲାଗି ଏହି ଐତିହାସିକ ନୀତି ଏକ ଷ୍ଟ୍ରାଟେଜିକ ରୋଡ୍‌ମ୍ୟାପ ଯୋଗାଇବ।

## ଅଶୋକଙ୍କୁ ସ୍ୱର୍ଣ୍ଣ, ସୁସ୍ମିତାଙ୍କୁ ରୌପ୍ୟ




ପଦକ ସହ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା।

**ଭୁବନେଶ୍ୱର, ୧।୭(ତପନ ସ୍ୱାଇଁ)**

ଇଂଲଣ୍ଡର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶାର ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ପୋଲିସରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ଦଣ୍ଡସେନା ପୁରୁଷ ୮୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି କନ୍‌ଷ୍ଟେବଲ ସୁସ୍ମିତା ମହିଳା ୮୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଉଭୟଙ୍କ ଏହି ବିରଳ ସଫଳତାରେ ରାଜ୍ୟ

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ ପ୍ରତି ଦୁଇବର୍ଷରେ ଅନୁଷ୍ଠିତ ହୋଇଥାଏ। ଏଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ଖେଳାଳି ଅଂଶଗ୍ରହଣ କରିଥାନ୍ତି। ଅଶୋକ ଓ ସୁସ୍ମିତାଙ୍କ ବିଜୟ ଓଡ଼ିଶା ପୋଲିସର କ୍ରୀଡ଼ା ଉତ୍କର୍ଷତା, ଦୃଢ଼ତା ଏବଂ ଶୃଙ୍ଖଳାର ପ୍ରମାଣ। ଉଭୟଙ୍କ ପଦକ ବିଜୟ ଓଡ଼ିଶା ପୋଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ କର୍ତ୍ତବ୍ୟ ଏବଂ କ୍ରୀଡ଼ା ଉଭୟରେ ଉତ୍କର୍ଷତା ହାସଲ କରିବାକୁ ଅନ୍ୟ କ୍ରୀଡ଼ାବିତ୍ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଇଛି। ଉଭୟ ଦଣ୍ଡସେନା ଓ ସୁସ୍ମିତା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍ଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

## ମାଉଣ୍ଟ ୟୁନମ୍ ଆରୋହଣକଲେ ଦୀପକ

**ଭୁବନେଶ୍ୱର, ୧।୭(ତପନ ସ୍ୱାଇଁ)**



ୟୁନମ ଶୃଙ୍ଗରେ ଦୀପକ କୁମାର ମହନ୍ତ।

ଓଡ଼ିଶାର ଦୀପକ କୁମାର ମହନ୍ତ ହିମାଚଳ ପ୍ରଦେଶସ୍ଥିତ ଲାହୁଲ ଓ ସ୍ପିତି ରେଞ୍ଜସ୍ଥିତ ପ୍ରମୁଖ ଗିରିଶୃଙ୍ଗ ମାଉଣ୍ଟ ୟୁନମ୍(୬୧୧୧ ମିଟର)କୁ ସଫଳତାର ସହ ଆରୋହଣ କରିଛନ୍ତି। ୧୦ ଜଣିଆ ଅଭିଯାତ୍ରୀ ଦଳ ମଧ୍ୟରେ ଦୀପକ ଏକମାତ୍ର ଓଡ଼ିଆ ଥିଲେ। ଦୀପକ ହେଉଛନ୍ତି କେନ୍ଦୁଝର ଜିଲାର କାଶିଆ, ଯୋଡ଼ା ବାସିନ୍ଦା। ଭୁବନେଶ୍ୱରସ୍ଥିତ ରାଜ୍ୟର ଅଗ୍ରଣୀ ଦୁଃସାହସିକ କ୍ରୀଡ଼ା ଅନୁଷ୍ଠାନ 'ଆଶା'ର ସେ ଅନ୍ୟତମ ସକ୍ରିୟ ସଦସ୍ୟ। ଓଡ଼ିଶା ପ୍ରତ୍ୟାବର୍ତ୍ତନ ପରେ ଦୀପକଙ୍କୁ 'ଆଶା' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଏଭରେଷ୍ଟ ଆରୋହଣକାରୀ ତଥା 'ଆଶା'ର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ଉପଦେଷ୍ଟା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବଶଙ୍କର ପଣ୍ଡା, ବିକ୍ରମ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ

ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପ୍ରତ୍ୟେକ ବର୍ଷ ଜୁଲାଇ ୨ରେ ପାଳନ କରାଯାଏ। ଏହାକୁ ଅନ୍ତର୍ଜାତୀୟ କ୍ରୀଡ଼ା ଖବରଦାତା ଦିବସ ମଧ୍ୟ କୁହାଯାଏ। ବିଶ୍ୱ କ୍ରୀଡ଼ା ସହ ପରିଚିତ କରାଇଥିବା ଉତ୍ସର୍ଗୀକୃତ ଖବରଦାତାଙ୍କ କଠିନ କାର୍ଯ୍ୟ ଓ ପ୍ରତିବଦ୍ଧତା ପ୍ରତି ଏହା ଏକ ସମ୍ମାନ ପ୍ରଦର୍ଶିତ କରିବାର ମାଧ୍ୟମ। କ୍ରୀଡ଼ା ଖବରଦାତାମାନେ ପ୍ରତ୍ୟେକ ଖେଳର ପ୍ରତ୍ୟେକ ମ୍ୟାଚ୍, ପ୍ରତ୍ୟେକ ମାଇଲଖୁଣ୍ଟ ସମ୍ପର୍କରେ ସୂଚନା ଦେବା ସହ ପ୍ରଚ୍ଛଦପଟର କାହାଣୀକୁ ରିପୋର୍ଟ କରି ଜନସାଧାରଣଙ୍କୁ ଅନୁପ୍ରାଣିତ କରନ୍ତି। ଚଳିତବର୍ଷ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ଲାଗି 'ଚାମ୍ପିୟନିଂ ଫେୟାର ପ୍ଲେ: ରିପୋର୍ଟିଂ ୱିଥ୍ ଇଣ୍ଟିଗ୍ରିଟି ଆଣ୍ଡ ଇମ୍ପାକ୍ଟ' ଥିମ୍ ରଖାଯାଇଛି। ଏହି ବିଷୟବସ୍ତୁ କ୍ରୀଡ଼ା ରିପୋର୍ଟିଂରେ ପାରଦର୍ଶିତା, ଏଥିକ୍ସ ଓ ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ା ଖବରଦାତାଙ୍କ ଦାୟିତ୍ୱକୁ ଦର୍ଶାଉଛି।

ଏହାକୁ ୧୯୯୪ରେ ଅନ୍ତର୍ଜାତୀୟ କ୍ରୀଡ଼ା ଖବରଦାତା ଆସୋସିଏଶନ(ଏଆଇପିଏସ୍) ଦ୍ୱାରା ଏହାର ୭୦ତମ ପ୍ରତିଷ୍ଠା ଦିବସରେ ପ୍ରଥମଥର ପାଳନ କରାଯାଇଥିଲା। ୧୯୨୪ ପ୍ୟାରିସ୍ ସମର ଅଲିମ୍ପିକ୍ସ ବେଳେ ଏଆଇପିଏସ୍‌ର ପ୍ରତିଷ୍ଠା ହୋଇଥିଲା। କ୍ରୀଡ଼ାକ୍ଷେତ୍ରରେ ଗଣମାଧ୍ୟମର ସ୍ୱାଧୀନତାର ସୁରକ୍ଷା ଓ କ୍ରୀଡ଼ା ଖବରଦାତାଙ୍କ ସମର୍ଥନ ଲାଗି ଏଆଇପିଏସ୍ ପ୍ରତିଷ୍ଠା କରାଯାଇଥିଲା।

## ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ଜେସିକା ପେଗୁଲା

**ଲଣ୍ଡନ, ୧।୭ (ଏପି):** ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ମଙ୍ଗଳବାର ୩ୟ ସିଡ୍ ଜେସିକା ପେଗୁଲା ମହିଳା ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ହାରିଯାଇଛନ୍ତି। ତାଙ୍କୁ ୧୧୬ ର୍ୟାଙ୍କିଙ୍ଗପ୍ରାପ୍ତ ଇଟାଲୀର ଏଲିସାବେଟା କୋସିଆରେଟୋ ୬-୨, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଅଲ୍ ଇଂଲଣ୍ଡ କ୍ଲବକୁ ଆସିବା ବେଳେ ବିଶ୍ୱ ର୍ୟାଙ୍କିଙ୍ଗରେ ପେଗୁଲା ୩ନମ୍ବର ସ୍ଥାନରେ ଥିଲେ। ଅନ୍ୟପକ୍ଷରେ କୋସିଆରେଟୋ ଆକ୍ରମଣାତ୍ମକ ରଣନୀତି ଆପଣେଇ କ୍ୟାରିୟରରେ ପ୍ରଥମ ଥର ଜେଣ ଟପ୍ ୫ ଖେଳାଳିଙ୍କୁ ହରାଇବାରେ ସମର୍ଥ ହୋଇଛନ୍ତି।

**ୱିମ୍ବେଲଡନ ଟେନିସ୍**

### ସିନର ଦ୍ୱିତୀୟ ରାଉଣ୍ଡରେ

ପୁରୁଷ ସିଙ୍ଗଲ୍ସରେ ଏକ ଅଲ୍ ଇଟାଲିଆ ମ୍ୟାଚରେ ନମ୍ବର ୱାନ୍ ଖେଳାଳି ଜାନିକ ସିନର ୬-୪, ୬-୩, ୬-୦ ସେଟ୍‌ରେ ଲୁକା ନାର୍ଡିଙ୍କୁ ପରାସ୍ତ କରି ୱିମ୍ବଲଡନରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଫ୍ରେଞ୍ଚ ଓପନ ଫାଇନାଲରେ କାର୍ଲୋସ ଅଲ୍‌କାରାଜଙ୍କଠାରୁ ପରାଜିତ ହୋଇଥିବା ଏହି ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ତାଙ୍କର ପ୍ରଥମ ୱିମ୍ବେଲଡନ ଟାଇଟଲ ସନ୍ଧାନରେ ଅଛନ୍ତି। ଅଲ୍ ଇଂଲଣ୍ଡ କ୍ଲବରେ ସେ ୨୦୨୩ରେ ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ।

## ଭାରତ 'ଏ' ହକି ଦଳରେ ଓଡ଼ିଶାରୁ ୪

**ନୂଆଦିଲ୍ଲୀ, ୧।୭(ପି.ଟି.):** ୟୁରୋପ ଟୁର୍ ପାଇଁ ହକି ଇଣ୍ଡିଆ ତରଫରୁ ମଙ୍ଗଳବାର ୨୦ ଜଣିଆ ଭାରତ ଏ' ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳିଙ୍କୁ ସ୍ଥାନ ମିଳିଛି। ପ୍ରତାପ ଲାକ୍ରା ଓ ଅମନ୍‌ଦୀପ ଲାକ୍ରା ମୁଖ୍ୟ ଦଳରେ ଥିବାବେଳେ ସୁନୀଲ ଜୋଜୋ ଓ ସୁଦୀପ ଚିର୍‌ମାକୋଙ୍କୁ ଷ୍ଟାଣ୍ଡବାଇ ରଖାଯାଇଛି। ଏହି ଟୁର୍‌ରେ ଜୁଲାଇ ୮ରୁ ୨୦ ମଧ୍ୟରେ ୮ଟି ମ୍ୟାଚ୍ ଖେଳାଯିବ। ଭାରତ ଏ' ଏହି ସମୟରେ ଫ୍ରାନ୍ସ, ଆୟର୍ଲାଣ୍ଡ ଓ ନେଦରଲାଣ୍ଡ ବିପକ୍ଷରେ ଦୁଇଟି ଲେଖାଏ ଏବଂ ଇଂଲଣ୍ଡ ଓ ବେଲ୍‌ଜିୟମ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ